NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8+16 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY 26 JULY 2026
ରବିବାର ୨୬ ଜୁଲାଇ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 56 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ • ସଂଖ୍ୟା ୫୬ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

ପୃଷ୍ଠା ୩ ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ସ୍କୁଟି, ୩ ମୃତ
ପୃଷ୍ଠା ୨ ତାଳଦଣ୍ଡାର ସୁରକ୍ଷାବାଡ଼ା ଉଭାନ୍
ପୃଷ୍ଠା ୮ କମନ୍‌ୱେଲଥ୍ ଗେମ୍ସ: ଭାରତକୁ ପ୍ରଥମ ପଦକ





• ସିଂହଦ୍ୱାର ସମ୍ମୁଖରେ ଥିବା ତିନି ରଥରେ ସୁନାବେଶରେ ଝଲସୁଛନ୍ତି ବଡ଼ଠାକୁର ଶ୍ରୀବଳଭଦ୍ର, ମା' ସୁଭଦ୍ରା ଏବଂ ପ୍ରଭୁ ଶ୍ରୀଜଗନ୍ନାଥ

### ସିଏମ୍‌ଓରୁ ଫାଇଲ୍ ଚୋରି ଘଟଣା
## ହାଜିରା ପାଇଁ ସମୟ ମାଗିଲେ ପାଣ୍ଡିଆନ୍

ଭୁବନେଶ୍ୱର,୨୫।୭/ଏନ୍ଏନ୍ଏସ୍:

ସିଏମ୍‌ଓରୁ ଦୁଇ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଚୋରି ଘଟଣାରେ ହାଜର ହେବା ପାଇଁ ନୋଟିସ୍ ସତ୍ତ୍ୱେ ବି ଶନିବାର କ୍ୟାପିଟାଲ୍ ଥାନାରେ ହାଜର ହୋଇ ନାହାନ୍ତି ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଭି. କାର୍ତ୍ତିକେୟ ପାଣ୍ଡିଆନ। ଆଜି ଦିନ ୧୧ଟା ବେଳେ ଭୁବନେଶ୍ୱର ଏସିପି ଜୋନ୍-୧ ଙ୍କ ନିକଟରେ ହାଜର ହୋଇ ନିଜ ପକ୍ଷ ରଖିବା ପାଇଁ ପୁଲିସ ଗତ ୨୨ ତାରିଖ ଦିନ ତାଙ୍କୁ ନୋଟିସ ଜାରି କରିଥିଲା। ତେବେ ସେ ଶନିବାର ଥାନାକୁ ନଆସି ହାଜିରା ପାଇଁ ସମୟ ମାଗିଛନ୍ତି। ବିଦେଶରେ ଥିବାରୁ ▶▶ ୫

## ଦୁର୍ଘଟଣାରେ ବାପା-ଝିଅ ମୃତ
### ସିଏମ୍‌ଆର୍‌ଏଫ୍‌ରୁ ସହାୟତା ଘୋଷଣା

ଖୋର୍ଦ୍ଧା,୨୫।୭/ଏନ୍ଏନ୍ଏସ୍:

ଖୋର୍ଦ୍ଧା ଗଙ୍ଗପଡା ଛକ ନିକଟରେ ଶନିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ସ୍କୁଟିକୁ ହାଇୱା ଧକ୍କା ଦେବାରୁ ସ୍କୁଟିରେ ଯାଉଥିବା ବାପା ଓ ଝିଅଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକ ୧୬ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। କିଛି ସମୟ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତେବେ ପୁଲିସ ବୁଝାସୁଝା କରିବା ▶▶ ୫

### ଚାମେଲିଙ୍କ ନାଁରେ
## ଅନାସ୍ଥା

କେନ୍ଦ୍ରାପଡ଼ା,୨୫।୭/ଏନ୍ଏନ୍ଏସ୍:



କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ଙ୍କ ନାଁରେ ଅନାସ୍ଥା। ୨୨ରୁ ୨୧ ଜଣ ୱାର୍ଡ ସଭ୍ୟସଭ୍ୟା ଏହି ଅନାସ୍ଥା ଆଣିଛନ୍ତି। ଦରଖାସ୍ତକାରୀମାନଙ୍କ ଦସ୍ତଖତ ଯାଞ୍ଚ୍ ପାଇଁ ୨୭ ତାରିଖକୁ ନିର୍ଦ୍ଧାରଣ କରାଯାଇଥିବା କେନ୍ଦ୍ରାପଡ଼ା ଉପ ଜିଲ୍ଲାପାଳ ସୂଚନା ଦେଇଛନ୍ତି। କେନ୍ଦ୍ରାପଡ଼ା ଉପ ଜିଲ୍ଲାପାଳ ମହାକାଳପଡ଼ା ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଦେଇଥିବା ଚିଠି ନଂ ୭୬୩୬/୨୪.୦୭.୨୦୨୬ ମୁତାବକ ଆସନ୍ତା ୨୭ ତାରିଖ ଅପରାହ୍ନ ୩.୩୦ ମିନିଟରେ ତିଖିରି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ସମସ୍ତ ୨୧ ଜଣ ୱାର୍ଡ ସଭ୍ୟ ସଭ୍ୟା ମାନଙ୍କର ଆବେଦନପତ୍ରରେ କରାଯାଇଥିବା ସ୍ୱାକ୍ଷରର ସଠିକତା ଉପ ଜିଲ୍ଲାପାଳ, କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟରେ ଯାଞ୍ଚ କରାଯିବ। ଏହି ଦିନ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଉପସ୍ଥିତ ରହିବା ପାଇଁ ମଣ୍ଡଳ ଉନ୍ନୟନ ଅଧିକାରୀ, ମହାକାଳପଡ଼ା ସମ୍ପୃକ୍ତ ତିଖିରି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ଅବଗତ କରାଇବା ସହ ସେହି ଦିନ ▶▶ ୫

# ସୁନାବେଶରେ ଝଲସିଲେ ଦାରୁଦିଅଁ

ପୁରୀ,୨୫।୭/ଏନ୍ଏନ୍ଏସ୍:

ସୁବର୍ଣ୍ଣ ମୁକୁଟ, ସୁବର୍ଣ୍ଣ ଶ୍ରୀହସ୍ତ, ସୁବର୍ଣ୍ଣ ଶ୍ରୀପୟର। ଶଙ୍ଖ, ଚକ୍ର, ଗଦା। ଅଙ୍ଗେ ଅଙ୍ଗେ ଅପାର ଐଶ୍ୱର୍ଯ୍ୟ। ରଥ ଉପରେ ହୋଇଛି ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରା ଶୁକ୍ରବାର ବାହୁଡ଼ାଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବା ପରେ ଶନିବାର ରଥ ଉପରେ ସୁନାବେଶରେ ଦର୍ଶନ ଦେଇଛନ୍ତି। ଦାରୁବିଗ୍ରହଙ୍କ ଏହି ଦୁର୍ଲଭ, ଅଲୌକିକ ଓ ଅବର୍ଣ୍ଣନୀୟ ବେଶ ଦେଖି ଭାବବିହ୍ୱଳ ହୋଇପଡ଼ିଛନ୍ତି ଲକ୍ଷ ଲକ୍ଷ ଭକ୍ତ। ଶ୍ରୀବିଗ୍ରହମାନେ ମହଣ ମହଣ ସୁନାରେ ସଜେଇ ହୋଇ ଝଟକିଥିଲେ। ବିଶ୍ୱନିୟନ୍ତାଙ୍କ ଏହି ଅନନ୍ୟ ବେଶକୁ ସୁନାବେଶ, ରାଜରାଜେଶ୍ୱର ଓ ବଡ଼ତଢ଼ାଉ ବେଶ ବୋଲି କୁହାଯାଏ।


ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ରଥ ଉପରେ ମହାପ୍ରଭୁଙ୍କ ବିଭିନ୍ନ ନୀତି ସମ୍ପନ୍ନ କରାଯାଇଥିଲା।ମହାପ୍ରଭୁଙ୍କ ସୁନାବେଶ ନିମନ୍ତେ ମଧ୍ୟାହ୍ନ ଧୂପ ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁନାବେଶ ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଥିଲା। ଅପରାହ୍ଣ ୫ଟା ୫ମିନିଟ ସମୟରେ ରଥକୁ ମହାପ୍ରଭୁଙ୍କ ସ୍ୱର୍ଣ୍ଣ ଅଳଙ୍କାର ଆଣିବା ଆରମ୍ଭ ହୋଇଥିଲା। ପରେ ୫ଟା ୧୨ରୁ ସୁନାବେଶ ଆରମ୍ଭ ହୋଇ ୬ଟା ୪୬ରେ ବେଶ ଶେଷ ହୋଇଥିଲା। ଶ୍ରୀବଳଭଦ୍ରଙ୍କୁ ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ର, ସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ହଳ ଓ ମୂଷଳ(ଆୟୁଧ), ବାହାଡ଼ା ମାଳି, ବାଘନଖି ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି ଲାଗି କରାଯାଇଥିଲା। ସେହିପରି ଦେବୀ ସୁଭଦ୍ରାଙ୍କୁ କିରୀଟ, ଓଡ଼ିଆଣୀ, କାନ, ଚନ୍ଦ୍ର, ସୂର୍ଯ୍ୟ, ଘାଗଡ଼ା ମାଳି, କଦମ୍ବ ମାଳି, ତଗଡ଼ି ୨ଟି(ଆୟୁଧ), ସେବତୀ ମାଳି ଆଦି ▶▶ ୫

### ବଡ଼ଦାଣ୍ଡ ପାଲଟିଲା ଜନସମୁଦ୍ର
### ଅଙ୍ଗେ ଅଙ୍ଗେ ଅପାର ଐଶ୍ୱର୍ଯ୍ୟ
### ଅଲୌକିକ ବେଶ ଦେଖି ଭାବବିହ୍ୱଳ ଭକ୍ତ

## ଆଜି ଅଧରପଣା ନୀତି

ସରି ଆସୁଛି ଚଳିତ ବର୍ଷର ରଥଯାତ୍ରା। ଶନିବାର ରଥ ଉପରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିବାବେଳେ ରବିବାର ଅଧରପଣା ନୀତି ଅନୁଷ୍ଠିତ ହେବ। ରଥାରୂଢ଼ ଠାକୁରମାନଙ୍କୁ ଲାଗି ହେବ ପଣା। ମହାପ୍ରଭୁଙ୍କ ଅଧର ପର୍ଯ୍ୟନ୍ତ ମାଟିହାଣ୍ଡିରେ ପଣା ରଖାଯାଇ ଭୋଗ କରାଯାଉଥିବାରୁ ଏହି ନୀତିକୁ ଅଧରପଣା ନୀତି କୁହାଯାଇଥାଏ। ତିନି ବାଡ଼ରେ ତିନି ରଥ ଉପରେ ତିନୋଟି ଲେଖାଏ ହିସାବରେ ମୋଟ୍ ୯ଟି ହାଣ୍ଡିରେ ପଣାଭୋଗ କରାଯିବ। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୩ଟି ଲେଖାଏ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ରଥ ଉପରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧରପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୋଇଥାଏ।ଛେନା, ସର, କଦଳୀ, ଛାଚି, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ପ୍ରଭୃତି ପଡ଼ି ଅଧରପଣା ପ୍ରସ୍ତୁତ କରାଯାଏ। ନୀତି ପୂର୍ବରୁ ▶▶ ୫

# ସୃଷ୍ଟି ହେଲା ଲଘୁଚାପ



• ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷିବ
• ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ

ଭୁବନେଶ୍ୱର,୨୫।୭/ଏନ୍ଏନ୍ଏସ୍:

ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ତତ୍-ସଂଲଗ୍ନ ପଶ୍ଚିମବଙ୍ଗ-ଓଡ଼ିଶା ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ୯.୪ କିମି ସମୁଦ୍ର ପତନକୁ ବ୍ୟାପିଛି। ଆଗାମୀ ୨ ଦିନ ମଧ୍ୟରେ ଆହୁରି ଘନୀଭୂତ ହୋଇ ସ୍ୱଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷିବ। ପଶ୍ଚିମରୁ ଉତ୍ତର, ଉପକୂଳ ଓ ଆଭ୍ୟନ୍ତରୀଣ ଜିଲ୍ଲା ଗୁଡିକରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ୪୮ ଘଣ୍ଟା ଯାଏଁ ଭୀଷଣ ବର୍ଷା ସମ୍ଭାବନା ଥିବା ବେଳେ ଚାରି ଦିନ ଯାଏଁ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଆସନ୍ତକାଲି ଅର୍ଥାତ ରବିବାର କେନ୍ଦୁଝରରେ ଅତ୍ୟନ୍ତ ପ୍ରବଳ ବର୍ଷା ପାଇଁ ରେଡ୍ ଆଲର୍ଟ ଥିବା ବେଳେ ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେଓଗଡ଼, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ଼, ମୟୂରଭଞ୍ଜ ଓ ବରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରରେ ପ୍ରବଳ ବର୍ଷାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆଗାମୀ ୩୧ ତାରିଖ ଯାଏଁ ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ବିଭିନ୍ନ ଜିଲ୍ଲାକୁ ୟେଲୋ ଓ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେପଟେ ଲଗାଣ ବର୍ଷା କାରଣରୁ ମହାନଦୀ, ବ୍ରାହ୍ମଣୀ ଏବଂ ବୈତରଣୀ ଉପର ମୁଣ୍ଡରେ ଜଳସ୍ତର ବୃଦ୍ଧି ପାଇବ। ତଳିଆ ଅଞ୍ଚଳରେ ବନ୍ୟାର ▶▶ ୫

### ସମସ୍ତ ୩ ଦାବି ମାନିନେଲେ ସରକାର
## ଆନ୍ଦୋଳନ ଶେଷ କଲା ସିଜେପି

ନୂଆଦିଲ୍ଲୀ, ୨୫।୭/ଏଜେନ୍ସି:

ଯୁବବର୍ଗଙ୍କ ଦାବି ତଥା ଦେଶରେ ଏକତା ବଜାୟ ରଖିବା ଓ ସର୍ବୋପରି ବାହ୍ୟଶକ୍ତିକୁ ଦେଶର ଆଭ୍ୟନ୍ତରୀଣ ପ୍ରସଙ୍ଗରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଛନ୍ତି। କିନ୍ତୁ ତାଙ୍କ ଇସ୍ତଫାକୁ କକ୍‌ରୋଚ୍ ଜନତା ପାର୍ଟି (ସିଜେପି) ନିଜର ବୃହତ୍ ବିଜୟ ବୋଲି ବିବେଚନା କରୁଛି। ଅବଶ୍ୟ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ପରେ ପରେ ସିଜେପି ଆନ୍ଦୋଳନ ପ୍ରତ୍ୟାହାର ନେଇ ଘୋଷଣା କରିସାରିଛି। କିନ୍ତୁ ସିଜେପି ଦର୍ଶାଇଛି ଯେ, ସରକାରଙ୍କୁ ମଧ ନଇଁବା ପାଇଁ ବାଧ କରାଯାଇପାରିବ, କେବଳ ନୁଆଁଇ ପାରିବା ଶକ୍ତି ଆବଶ୍ୟକ। ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫାକୁ ସିଜେପି ଛାତ୍ରଶକ୍ତିର ନିଦର୍ଶନ ଭାବେ ଅଭିହିତ କରିଛି। ସିଜେପି କହିଛି, କେନ୍ଦ୍ର ସରକାର ସେମାନଙ୍କ ୩ଟି ଦାବି (ପ୍ରଥମରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ଦ୍ୱିତୀୟରେ ଦେଶର ବିଭିନ୍ନ ପ୍ରାନ୍ତରେ ଆନ୍ଦୋଳନକାରୀଙ୍କ ବିରୋଧରେ ହୋଇଥିବା ମାମଲାସବୁ ପ୍ରତ୍ୟାହାର, ଏବଂ ତୃତୀୟ ତଥା ଅନ୍ତିମରେ ପରୀକ୍ଷାରେ ଅନିୟମିତତା କାରଣରୁ ପ୍ରାଣ ହରାଇଥିବା ମୃତ ଛାତ୍ରଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ)କୁ ପୂରଣ କରିନେଇଥିବାରୁ ଏବେ ଆଉ ଆନ୍ଦୋଳନର ଆବଶ୍ୟକତା ନାହିଁ। ଏହି ପରିପ୍ରେକ୍ଷୀରେ ସିଜେପିର ସଂସ୍ଥାପକ ଅଭିଜିତ୍ ଦୀପ୍‌କେ ମଧ ଜନ୍ତରମନ୍ତରରେ ଡେରା ପକାଇଥିବା ଛାତ୍ରଛାତ୍ରୀମାନଙ୍କୁ ଏବେ ନିଜ ନିଜ ଘରକୁ ସୁରକ୍ଷିତ ଫେରିଯିବାକୁ କହିଛନ୍ତି।

ନିଜ ଦାବି ପୂରଣ ହେବା ପରେ କକ୍‌ରୋଚ ଜନତା ପାର୍ଟି (ସିଜେପି) ଶନିବାର ଦିନ ଆନ୍ଦୋଳନ ଶେଷ କରିଛି। କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା, ଜିତେନ୍ଦ୍ର ସିଂହଙ୍କ ସହ ସିଜେପିର ପ୍ରବକ୍ତା ସୌରଭ ଦାସ, ଆଶୁତୋଷ ରାଙ୍କା ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏସମ୍ପର୍କରେ ଘୋଷଣା କରିଛନ୍ତି। ଆଶୁତୋଷ ରାଙ୍କା କହିଛନ୍ତି, "ବିଗତ କିଛି ଦିନ ମଧ୍ୟରେ ସରକାରଙ୍କ ସହ ୩ ଥର (ଜୁଲାଇ ୨୦, ୨୪ ଏବଂ ୨୫ ତାରିଖ) ଆଲୋଚନା ହୋଇଥିଲା। ଆମର ତିନୋଟିଯାକ ଦାବି ମାନି ନିଆଯାଇଛି। ସେଥିମଧ୍ୟରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ସମସ୍ତ ମାମଲା ପ୍ରତ୍ୟାହାର ଏବଂ ନିଟ୍ ପୀଡ଼ିତଙ୍କୁ ▶▶ ୫



# ଇସ୍ତଫା ଦେଲେ ଧର୍ମେନ୍ଦ୍ର



### ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜଣାଇଲେ କୃତଜ୍ଞତା
### ରାଷ୍ଟ୍ରସେବା ମୋ ଜୀବନର ସର୍ବୋଚ୍ଚ ପ୍ରାଥମିକତା
### କ୍ୟାରିୟର୍ ଉପରେ ଫୋକସ୍ କରିବାକୁ ଯୁବପିଢ଼ିଙ୍କୁ କଲେ ଅପିଲ୍

ନୂଆଦିଲ୍ଲୀ,୨୫।୭/ଏଜେନ୍ସି:

ନିଟ୍-ୟୁଜି ପରୀକ୍ଷାରେ ଅନିୟମିତତା ତଥା ପ୍ରଶ୍ନପତ୍ର ଲିକ୍‌କୁ ନେଇ ଆରମ୍ଭ ହୋଇଥିବା ବିବାଦ ଶେଷରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଇସ୍ତଫା ଦେବାକୁ ବାଧ କରିଛି। ଦେଶର ଶିକ୍ଷା ମନ୍ତ୍ରୀ ପଦରୁ ଶନିବାର ଶ୍ରୀ ପ୍ରଧାନ ଇସ୍ତଫା ଦେଇଛନ୍ତି। ଶ୍ରୀ ପ୍ରଧାନଙ୍କ ଇସ୍ତଫାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗ୍ରହଣ କରିଛନ୍ତି। ତାଙ୍କ ସ୍ଥାନରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଶିକ୍ଷା ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

ବିରୋଧୀ ଦଳମାନେ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି କରୁଥିବା ବେଳେ ଜୁଲାଇ ୨୦ ତାରିଖରୁ ଜୋରଦାର ହୋଇଥିଲା ଆନ୍ଦୋଳନ। ଜନ୍ତରମନ୍ତରରୁ ଆନ୍ଦୋଳନ ସିଧା ପହଞ୍ଚିଥିଲା ପାର୍ଲାମେଣ୍ଟ ଯାଏଁ। ଏପରିକି ବିରୋଧୀଦଳଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାସଭବନ ସମ୍ମୁଖରେ ମଧ ଆନ୍ଦୋଳନ କରିଥିଲେ। 'କକ୍ରୋଚ୍ ଜନତା ପାର୍ଟି' ଜନ୍ତର ମନ୍ତର ଠାରେ ଏକ ବିରୋଧ ପ୍ରଦର୍ଶନ ସହ ସରକାରଙ୍କ ନିକଟରେ ୩ଟି ଦାବି ରଖିଥିଲେ। ସେଥିମଧ୍ୟରେ ଥିଲା, ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ଜୀବନ ହାରିଥିବ ନିଟ୍ ଆଶାୟୀଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ଓ ଆନ୍ଦୋଳନରତ ଛାତ୍ରମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ଦାବି ରଖିଥିଲା ସିଜେପି।

ତେବେ ଶନିବାର ଧର୍ମେନ୍ଦ୍ର ଶନିବାର ଇସ୍ତଫା ଦେବା ସହ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ତାଙ୍କ ଇସ୍ତଫା ପତ୍ର ଜାରି କରିଛନ୍ତି। ଯେଉଁଥିରେ ସେ ଦେଶର ଯୁବବର୍ଗ, ବିଦ୍ୟାର୍ଥୀ ଓ ପିତାମାତାଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି। ବିଗତ ୪ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଛାତ୍ର, ଶିକ୍ଷକ ଓ ଶିକ୍ଷା ସୁଧାର ପାଇଁ ନିରନ୍ତର କାର୍ଯ୍ୟ କରିଆସିଥିବା ଦର୍ଶାଇ ସେ କହିଛନ୍ତି ଯେ, ଏକ ସଶକ୍ତ, ସମାବେଶୀ ଓ ଦୂରଦର୍ଶୀ ଶିକ୍ଷା ବ୍ୟବସ୍ଥା ହିଁ ଏକ ସମୃଦ୍ଧ ରାଷ୍ଟ୍ରର ପ୍ରଧାନ ଆଧାରଶିଳା ଅଟେ। ଗତ ୩ ମଇରେ ଅନୁଷ୍ଠିତ ନିଟ୍-ୟୁଜି ପରୀକ୍ଷାରେ ଅନିୟମିତତା ସାମ୍ନାକୁ ଆସିବା ପରେ ସରକାର ଏହାକୁ ଗୁରୁତର ସହ ନେଇଥିଲେ। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ଘଟଣାର ସିବିଆଇ ଯାଞ୍ଚ ନିର୍ଦ୍ଦେଶ ଦିଆଯିବା ସହ ପରୀକ୍ଷାକୁ ବାତିଲ କରାଯାଇଥିଲା। ଏହାପରେ ପୁନଃ ପରୀକ୍ଷାର ତାରିଖ ଘୋଷଣା କରାଯିବା ସହ ଆସନ୍ତା ବର୍ଷରୁ ଏହି ପରୀକ୍ଷାକୁ ସମ୍ପୂର୍ଣ୍ଣ କମ୍ପ୍ୟୁଟର ଆଧାରିତ ମୋଡ୍‌ରେ କରାଇବାକୁ ନିଷ୍ପତ୍ତି ନିଆଯାଇଛି। ଦେଶର ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ସମଗ୍ର ସରକାରୀ ବ୍ୟବସ୍ଥା, ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ ପିତାମାତାଙ୍କ ସହଯୋଗରେ ୨୧ ଜୁନ୍‌ରେ ପୁନଃ ପରୀକ୍ଷା ▶▶ ୫

## ପ୍ରହ୍ଲାଦ ଯୋଶୀ ନୂଆ ଶିକ୍ଷା ମନ୍ତ୍ରୀ

ନୂଆଦିଲ୍ଲୀ, ୨୫।୭/ଏଜେନ୍ସି:

ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ପ୍ରହ୍ଲାଦ ଯୋଶୀଙ୍କୁ ଅତିରିକ୍ତ ଦାୟିତ୍ୱ ଭାବେ ଶିକ୍ଷା ମନ୍ତ୍ରଣାଳୟ ଦାୟିତ୍ୱ ପ୍ରଦାନ କରାଯାଇଛି। ଯୁବପିଢ଼ି ତଥା ଛାତ୍ର ଆନ୍ଦୋଳନକୁ ନେଇ ଧର୍ମେନ୍ଦ୍ର ପ୍ରଧାନ ନିଜ ପଦରୁ ଇସ୍ତଫା ପ୍ରଦାନ କରିଥିଲେ। ଏହା ସ୍ୱୀକୃତ ହେବା ପରେ ପରେ ରାଷ୍ଟ୍ରପତି ଭବନ ପକ୍ଷରୁ ଆଜି ସନ୍ଧ୍ୟାରେ ଏକ ସରକାରୀ ବିଜ୍ଞପ୍ତି ମାଧ୍ୟମରେ ପ୍ରହ୍ଲାଦ ଯୋଶୀଙ୍କ ନିଯୁକ୍ତିକୁ ନିଶ୍ଚିତ କରାଯାଇଛି। ପ୍ରକାଶ, ପ୍ରହ୍ଲାଦ ଯୋଶୀ ବର୍ତ୍ତମାନ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ଏବେ ସେ ଅତିରିକ୍ତ ଦାୟିତ୍ୱ ଭାବେ



ଶିକ୍ଷା ମନ୍ତ୍ରଣାଳୟ ଦାୟିତ୍ୱ ମଧ୍ୟ ସମ୍ଭାଳିବେ। ଶୁକ୍ରବାର ଦିନ ଦିଲ୍ଲୀରେ ସାମ୍ବାଦିକମାନଙ୍କ ସହ କଥା ହୋଇ ଯୋଶୀ କହିଥିଲେ ଯେ କେନ୍ଦ୍ର ସରକାର ଛାତ୍ରଛାତ୍ରୀଙ୍କ ପ୍ରତି ଆନ୍ତରିକ ସମ୍ବେଦନଶୀଳତା ଦେଖାଇଛନ୍ତି ଏବଂ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଯୁବପିଢ଼ିଙ୍କ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି। ଯୋଶୀ କହିଥିଲେ ଯେ ସରକାର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ସୁରକ୍ଷିତ ରଖିବା ପାଇଁ ବଦ୍ଧପରିକର ଏବଂ କେତେକ 'ସମାଜବିରୋଧୀ ତତ୍ତ୍ୱ' ସିଜେପି ନେତୃତ୍ୱାଧୀନ ଏହି ଆନ୍ଦୋଳନର ଅସଦୁପଯୋଗ କରିବାକୁ ଚେଷ୍ଟା କରୁଛନ୍ତି। 'ମୋଦୀ ସରକାର ସର୍ବଦା ଛାତ୍ରଛାତ୍ରୀ ଏବଂ ଯୁବପିଢ଼ିଙ୍କ ସହ ଛିଡ଼ା ହୋଇଛନ୍ତି। ସେମାନଙ୍କ ଭବିଷ୍ୟତକୁ ପ୍ରଭାବିତ କରୁଥିବା କୌଣସି ବି ଅନିୟମିତତା ବା ଅନ୍ୟାୟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ।

# ତାଳଦଣ୍ଡାର ସୁରକ୍ଷା ବାଡ଼ା ଉଭାନ୍, ବଢ଼ୁଛି ଆବର୍ଜନା

**କଟକ,୨୬।୭/ଏନ୍ଏନ୍ଏସ୍:** ତାଳଦଣ୍ଡା କେନାଲ ବନ୍ଧର ଦୁଇ ପାର୍ଶ୍ୱରେ ଲୁହାର ସୁରକ୍ଷା ବାଡ଼ା ଏବେ ରକ୍ଷଣାବେକ୍ଷଣ ଅଭାବରୁ ସୁରକ୍ଷା ନଷ୍ଟ ହୋଇଗଲାଣି। କେତେକ ସ୍ଥାନରେ ଆଦୌ ବାଡ଼ାର ହଜିଗଲାଣି। ଛତ୍ରବଜାର ପରିବା ମାର୍କେଟ୍ ନିକଟରୁ ମାତୃଭବନ ପର୍ଯ୍ୟନ୍ତ ଲମ୍ବିଥିବା ଏହି ସୁରକ୍ଷା ବାଡ଼ା ଅନେକ ସ୍ଥାନରେ ଭାଙ୍ଗିଯାଇଛି। ଭଙ୍ଗା ଲୁହା ବାଡ଼ାକୁ ରାତିରେ କେହି ଚୋରି କରି ନେଇଯାଉଛି। ପରିବା ମାର୍କେଟ ସମ୍ମୁଖରେ ସୁରକ୍ଷା ବାଡ଼ା ନଥିବାରୁ ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଥିବା ନେଇ ଅଭିଯୋଗ ହେଉଛି। କେନାଲକୁ ଆବର୍ଜନା ଓ ପ୍ରଦୂଷଣମୁକ୍ତ ରଖିବା ଉଦ୍ଦେଶ୍ୟରେ କେନାଲ କଡ଼ରେ ବାଡ଼ା ଲଗାଯାଇଥିଲା। କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ସୁରକ୍ଷା ବାଡ଼ା ଧୀରେ ଧୀରେ ନଷ୍ଟ ହେବାକୁ ବସିଛି। ଅନେକ ସ୍ଥାନରେ ଲୁହା ବାଡ଼ା ଉଭାନ ହୋଇଥିବାରୁ କେନାଲରେ ଅଳିଆ ଜମିବା ଆରମ୍ଭ ହେଲାଣି। ସୁରକ୍ଷା ବାଡ଼ା ନଥିବାରୁ ଗୋରୁଗାଈ, ପଥଚାରୀ କେନାଲରେ ଖସି ପଡ଼ିବାର ଆଶଙ୍କା ବୃଦ୍ଧି ପାଇଛି।



# ଅରବିନ୍ଦ, ଦିବ୍ୟଜ୍ୟୋତି ଓ ସତ୍ୟନାରାୟଣଙ୍କୁ ଉତ୍କଳରତ୍ନ



**ପୁରୀ,୨୬।୭/ଏନ୍ଏନ୍ଏସ୍:** ଶରଣ ନଦେଇ ମରଣ ଦିଅ ହେ ଆହେ ପ୍ରଭୁ ଇଚ୍ଛାମୟ ଓ ମହାବାହୁ ଏତିକି କରୁଣା ହେଉ ଭଳି ଶହ ଶହ ଆତ୍ମନିବେଦନ ସଙ୍ଗୀତରେ ଭାବମୟ ହୋଇଉଠିଥିଲା ପବିତ୍ର ବଡ଼ଦାଣ୍ଡ। ଦଶ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାବେଶ ଭିତରେ କଣ୍ଠଶିଳ୍ପୀମାନେ ସନ୍ଧ୍ୟା ସମୟରୁ ସକାଳ ଯାଏଁ ଭକ୍ତି ସଙ୍ଗୀତରେ ରସମୟ କରିଥିଲେ ସୁନାବେଶରେ ସଜ୍ଜିତ ବିଶ୍ୱଠାକୁର ଚତୁର୍ଦ୍ଧାମୂର୍ତ୍ତିଙ୍କୁ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ଏକତିରିଶତମ ସୁନାବେଶ ଭଜନ ସମାରୋହ, ଗୀତିକାର ତଥା ଗାଳ୍ପିକ ଡକ୍ଟର ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତା ଓ ବରିଷ୍ଠ ଦଇତାପତି-ସମ୍ପାଦକ ମନୋଜ ଦାସ ମହାପାତ୍ରଙ୍କ ପରିଚାଳନାରେ ବଗଲା ଧର୍ମଶାଳା ସମ୍ମୁଖସ୍ଥ ବଡ଼ଦାଣ୍ଡରେ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ଓଡ଼ିଆ ଭାଷା, ଶ୍ରୀଜଗନ୍ନାଥ ସଂସ୍କୃତି ଓ ସଂସ୍କୃତ ଭାଷାର ବିକାଶ ନିମନ୍ତେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସତ୍ୟନାରାୟଣ ଆଚାର୍ଯ୍ୟ, ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ଓ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଉତ୍କଳରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ପରେ ରୁଚି ମସଲାର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ସାହୁ ଏବଂ ଗୀତିକାର ପ୍ରତିମା ମଞ୍ଜରୀ ସାହୁଙ୍କୁ ସୁନାବେଶ ସମ୍ମାନ ପ୍ରଦାନ କରାଯାଇଥିଲା। ଉପସଭାପତି ସନ୍ତୋଷ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ରମେଶ ପ୍ରହରାଜ ଓ ସୋମନାଥ ଦାସ ମହାପାତ୍ରଙ୍କ ସଂଯୋଜନାରେ ଶ୍ରୀଚରଣ ମହାନ୍ତି, ବୈଷ୍ଣବ କୈଳାଶ, ରିଙ୍କି ଦାସ, ଅଭିଜିତ ମିଶ୍ର, ରବି ମହାପାତ୍ର, ଡକ୍ଟର ସୁଶାନ୍ତ ପାଣି, ରାଜେନ୍ଦ୍ର ମିଶ୍ର, ଅନ୍ତରା ଚକ୍ରବର୍ତ୍ତୀ, କରୁଣାକର, ଗାୟିକା ସାଇନି, ମିନାକ୍ଷୀ ରଥ, ରାଜଶ୍ରୀ ସାହୁ, ଆଶାମୁକୁଳ ବାରିକ, ଆଶିଷ କୁମାର, ସବିତା ଶୁକ୍ଳା ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ ନୃତ୍ୟଶିଳ୍ପୀ ରୋଜାଲିନ୍ ମହାନ୍ତି, ଗୀତଗୋବିନ୍ଦ ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶାର ବିଶିଷ୍ଟ ଉଦ୍‌ଘୋଷକ ଶ୍ରୀଚରଣଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଡକ୍ଟର ଆଭାରାଣୀ ବଳ ଓ ଶ୍ୟାମପ୍ରକାଶ ସେନାପତି।

## ଚୋରି ଗାଡ଼ି ଜବତ, ଅଭିଯୁକ୍ତ ଗିରଫ

**କଟକ,୨୬।୭/ଏନ୍ଏନ୍ଏସ୍:** ମାଲଗୋଦାମ ଥାନା ପୁଲିସ ଜଣେ ଚୋରକୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ମଧୁପାଟଣା ଥାନା ଅଞ୍ଚଳରେ ରହୁଥିବା ନିରଞ୍ଜନ ସାହୁ ଓରଫ ବାବାଜି (୨୦)। ଅଭିଯୁକ୍ତ ନିକଟରୁ ଚୋରି ଗାଡ଼ି ଜବତ ହୋଇଛି। ବାବାଜି ସହରର ବିଭିନ୍ନ ସ୍ଥାନରୁ ୧୦ରୁ ଅଧିକ ଗାଡ଼ି ଚୋରାଇଥିବା ତଦନ୍ତରୁ ଜଣାପଡ଼ିଛି। ମାଲଗୋଦାମ ବ୍ୟବସାୟୀ ସଞ୍ଜୟ କୁମାର ଅଗ୍ରୱାଲ ଗତ ୨୩ରେ ତାଙ୍କର ଆକ୍ଟିଭା ଗାଡ଼ିରେ ଗୋଦାମକୁ ଆସିଥିଲେ। ସେଠାରୁ ତାଙ୍କ ଗାଡ଼ିକୁ କେହି ଚୋରାଇ ନେଇଥିଲା। ସଞ୍ଜୟଙ୍କ ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି। ଅନ୍ୟପକ୍ଷରେ ପୂର୍ବରୁ ବାବାଜି ନାଁରେ ମାଲଗୋଦାମ ବ୍ୟତୀତ ଚାଉଳିଆଗଞ୍ଜ, ମଙ୍ଗଳାବାଗ, ମଧୁପାଟଣା, ଚୌଦ୍ୱାର ଓ ସଦର ଥାନାରେ ୮ରୁ ଅଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିବା ଥାନା ଅଧିକାରୀ ଦୀପକକୁମାର ଖଣ୍ଡାୟତରାୟ ସୂଚନା ଦେଇଛନ୍ତି।

## ପ୍ରତାରକ ପ୍ରେମିକ ଗିରଫ

**କଟକ,୨୬।୭/ଏନ୍ଏନ୍ଏସ୍:** ପ୍ରତାରକ ପ୍ରେମିକକୁ ମଧୁପାଟଣା ପୁଲିସ ଗିରଫ କରିଛି। ସେ ହେଲେ ବାଲିସାହି ଅଞ୍ଚଳର ବିକାଶ ଜେନା। ଗତ ୨୨ରେ ବିକାଶଙ୍କ ବାହାଘର ହୋଇଥିଲା। ରାତି ପ୍ରାୟ ୧୧ଟାରେ ସେ ନିଜ ନବବଧୂଙ୍କୁ ଧରି ଘରେ ପହଞ୍ଚିଥିଲେ। ହେଲେ ଏହାର କିଛି ସମୟ ପରେ ଚାଉଳିଆଗଞ୍ଜ ଥାନା ଅଞ୍ଚଳର ଜଣେ ଯୁବତୀ ହଠାତ୍ ତାଙ୍କ ଘରେ କବାଟ ବାଡ଼େଇଥିଲେ। ବିକାଶଙ୍କ ପରିବାର ଲୋକ କବାଟ ଖୋଲିବା ମାତ୍ରେ ଯୁବତୀ ଜଣକ ଘର ଭିତରକୁ ପଶିଯାଇ ପାଟିତୁଣ୍ଡ କରିଥିଲେ। ଯୁବତୀ ଜଣକ ଅଭିଯୋଗ କରିଥିଲେ ଯେ ବିକାଶଙ୍କ ସହିତ ତାଙ୍କର ଦୀର୍ଘବର୍ଷର ପ୍ରେମ ସମ୍ପର୍କ ରହିଛି। ବିବାହ ପ୍ରତିଶ୍ରୁତି ଦେଇ ବିକାଶ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଛନ୍ତି। ଏବେ ସେ ଗର୍ଭବତୀ ଥିବା କହି କନ୍ଦାକଟା କରିଥିଲେ। ଖବର ପାଇ ମଧୁପାଟଣା ପୁଲିସ ସେଠାରେ ପହଞ୍ଚିଥିଲା। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ବିକାଶଙ୍କୁ ପୁଲିସ ଗିରଫ କରିଛି।

## ଆଲମାରୀ ଭାଙ୍ଗି ଦୋକାନରୁ ଚୋରି

**କଟକ,୨୬।୭/ଏନ୍ଏନ୍ଏସ୍:** ମଧୁପାଟଣା ଥାନା ଅଞ୍ଚଳରେ ଏକ ଦୋକାନରୁ ବିଳମ୍ବିତ ରାତିରେ ଚୋରି ହୋଇଛି। କେହି ଦୁର୍ବୃତ୍ତ ଆଲମାରୀ ଭାଙ୍ଗି ଦୋକାନ ଭିତରେ ପଶି ନଗଦ ଟଙ୍କା ଓ ଜିନିଷପତ୍ର ସବୁ ଚୋରାଇ ନେଇଛି। ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନୂଆପଡ଼ା ଅଞ୍ଚଳର ସ୍ମୃତିରଞ୍ଜନ ପାଇଟାଲ ବାଲିସାହି ପାଖରେ ଏକ ଡେଜରାତି ଦୋକାନ କରିଛନ୍ତି। ବୁଧବାର ରାତି ପ୍ରାୟ ୧୧ଟାରେ ସେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ସକାଳେ ଦୋକାନ ଖୋଲିବାକୁ ଆସିବାବେଳେ ଘରର ଆଲମାରୀ ଭଙ୍ଗା ହୋଇଥିବା ଦେଖିଥିଲେ। ଭିତରେ ପଶି ଯାଞ୍ଚ କଲାବେଳକୁ ଦୋକାନରେ ବିକ୍ରି ପାଇଁ ଥିବା ପ୍ରାୟ ୧୫ ହଜାର ଟଙ୍କାର ସାମଗ୍ରୀ ନଥିଲା। ସେହିପରି କ୍ୟାସ୍ ବାକ୍ସରେ ଥିବ ଟଙ୍କା ଚୋରି ହୋଇଯାଇଛି। ଏ ନେଇ ସେ ଥାନାରେ ଏତଲା ଦେଇଛନ୍ତି। ସିସିଟିଭି ଫୁଟେଜ୍ ଆଧାରରେ ପୁଲିସ ତଦନ୍ତ ଚଳାଇଛି।

## ସାଂସଦଙ୍କ ପ୍ରତି ସୁଲତାଙ୍କ କଟୁ ମନ୍ତବ୍ୟକୁ ବିରୋଧ

**କଟକ,୨୬।୭/ଏନ୍ଏନ୍ଏସ୍:** ସାଂସଦଙ୍କ ପ୍ରତି ବିଜେଡି ନେତ୍ରୀ ସୁଲତା ଦେଓଙ୍କ କଟୁ ମନ୍ତବ୍ୟକୁ ବିରୋଧ କରି ଭାରତୀୟ ଜନତା ପାର୍ଟି କଟକ ଜିଲ୍ଲା ତରଫରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ କଲେଜ ଛକସ୍ଥିତ ସୁବାଷ ବୋଷଙ୍କ ମୂର୍ତ୍ତି ସମ୍ମୁଖରେ ଶତାଧିକ କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ନେତ୍ରୀ ସୁଲତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଦର ବିଧାୟକ ପ୍ରକାଶ ସେଠୀ କହିଥିଲେ ଯେ ଆମ ପ୍ରିୟ ସାଂସଦ ଭର୍ତ୍ତୃହରି ମହତାବଙ୍କ ପ୍ରତି ସୁଲତା ବ୍ୟବହାର କରିଥିବା ଶବ୍ଦ ଆଜିର ଶିକ୍ଷିତ ସମାଜରେ ଆଦୌ ଗ୍ରହଣୀୟ ନୁହେଁ। ଏହାକୁ ସେ କଡ଼ା ଶବ୍ଦରେ ନିନ୍ଦା ଓ ପ୍ରତିବାଦ କରିଥିଲେ। ଏହି ପ୍ରତିବାଦ ସଭାରେ ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ରାମନାରାୟଣ ମହାନ୍ତି, ଲଲାଟେନ୍ଦୁ ବଡ଼ୁ, ବିନୋଦ ଦାଶ, ତୁଷାରକାନ୍ତ ଚକ୍ରବର୍ତ୍ତୀ ଏବଂ ବଜେନ୍ଦ୍ର ରାୟ ପ୍ରମୁଖ ସୁଲତାଙ୍କ ବକ୍ତବ୍ୟକୁ ଅତ୍ୟନ୍ତ ନିନ୍ଦନୀୟ ବୋଲି ଆଖ୍ୟା ଦେଇଥିଲେ। ଏହି ପ୍ରତିବାଦ ସଭାରେ ଜଗନ୍ନାଥ ପରିଡ଼ା, ବସନ୍ତ ଜେନା, ଭାଗିରଥୀ ଦଳେଇ, ବିଶ୍ୱରଞ୍ଜନ ମିଶ୍ର, ସ୍ମୃତି ରଞ୍ଜନ ମିଶ୍ର, ପୁଣ୍ୟବାସୀ ମହାପାତ୍ର, ସ୍ୱାଧୀନ ମହାନ୍ତି, ପ୍ରଶାନ୍ତ ଦାସ, ମଧୁସ୍ମିତା ପ୍ରଧାନ, ମହମ୍ମଦ ସବିର, ଯୋଗେନ୍ଦ୍ର ନାଥ ଭୋଇ, ବୈରାଗୀ ଚରଣ ପ୍ରଧାନ, ଜ୍ୟୋତି ରଞ୍ଜନ ରାୟ, ଆଶୁତୋଷ ଦାସ, ଦୀପକ ଦାସ, ତନୁଶ୍ରୀ ମହାନ୍ତି, ହରିପ୍ରିୟା ଧଳ, ଅସୀମ ଅମିତାଭ ମହାନ୍ତି, ବ୍ରଜ କିଶୋର ବେହେରା, ଗଙ୍ଗେଶ୍ୱର ଦାସ, କୀର୍ତ୍ତିରଞ୍ଜନ ପଟ୍ଟନାୟକ, ଶୁଭମ ସ୍ୱାଇଁ, ଆଶିଷ କାନ୍ତ ମହାନ୍ତି, ରତନ ମହାନ୍ତି, କାମାକ୍ଷା ମିଶ୍ର, ମିଲନ ରାଉତ ରାୟ, ମମତା ବେହେରା, ଜୟ କୃଷ୍ଣ ସ୍ୱାଇଁ, ମୁନିନ୍ଦ୍ର ଭୋଳ, ସୁରଥ ରାଉତ, ସୁଦୀପ୍ତ ରାଉତ ରାୟ, ନାମିତା ମଞ୍ଜରୀ ସାହୁ, କଳ୍ପନା ବେହେରା, ସ୍ୱର୍ଣ୍ଣଲତା ସେଠୀ, ପ୍ରତିମା ସ୍ୱାଇଁ, ରିତା ମହାପାତ୍ର, ମମତା ଚୌଧୁରୀ, ପୁଷ୍ପଲତା ଷଡ଼ଙ୍ଗୀ, ଅଳକା ମହାନ୍ତି, ଧର୍ମେନ୍ଦ୍ର ଗୁପ୍ତା, ନିହାର ପଣ୍ଡା, ମନ୍‌ଜିତ ଦାସ, ଗୋପୀନାଥ ଚୌଧୁରୀ, ରାଜେଶ ବେହେରା, ପ୍ରମୋଦ ଓଝା, ମନୋରଞ୍ଜନ ସାହୁ, ସମରେଶ ଭୂୟାଁ, ସୁନୀଲ ସ୍ୱାଇଁ, ଦୀପକ ସ୍ୱାଇଁ, ଶାଶ୍ୱତ ବିଶ୍ୱାଳ, ବିଶ୍ୱରଞ୍ଜନ ଦାସ, ଆଲେଖ ନାୟକ ଓ କପିଳ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସାହିତ୍ୟିକମାନଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର



**କଟକ,୨୬।୭/ଏନ୍ଏନ୍ଏସ୍:** ସାରସ୍ୱତ ଅନୁଷ୍ଠାନ, ନବଯୁଗ ସାହିତ୍ୟ ସଂସଦର ସଦସ୍ୟ, ଶିକ୍ଷାବିତ ଓ ସାହିତ୍ୟିକ ଓଷ୍ଟାର ପ୍ରାକ୍ତନ ସଭାପତି ସ୍ୱର୍ଗତ ରାଜ କିଶୋର ପଟ୍ଟନାୟକଙ୍କ ୧୦୧ତମ ଜୟନ୍ତୀ ଅବସରରେ 'ସାମ୍ପ୍ରତିକ ପରିସ୍ଥିତିରେ ସାହିତ୍ୟିକ ମାନଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଓ କବିତା ଆସର ପାଲିତପଡ଼ା ସ୍ଥିତ ନବଯୁଗ ପ୍ରେସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ କ୍ଷୀରୋଦ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଅମରେନ୍ଦୁ ମହାନ୍ତି, ମୁଖ୍ୟବକ୍ତା ଭାବେ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାଶ ଚନ୍ଦ୍ର ଜେନା, ସମ୍ମାନିତ ବକ୍ତା ଭାବେ ଶ୍ରାବଣୀ ସାହିତ୍ୟ ସଂସଦର ସଭାପତି ଉଦୟ କେଶରୀ ବର୍ମା ଯୋଗଦେଇ ଯୁଗେ ଯୁଗେ ଅସି ଠାରୁ ମସୀର ଗୁରୁତ୍ୱ ଅଧିକ ରହିଛି। ସାହିତ୍ୟିକ କଲମ ଚାଳନାରେ ସମାଜରେ ପରବର୍ତ୍ତନ ଅବସମ୍ଭାବି ବୋଲି କହିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକ ବିବେକାନନ୍ଦ ଦାଶ ଙ୍କୁ 'ରାଜକିଶୋର ପଟ୍ଟନାୟକ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଡ. ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନାରେ ଅରୁଣ କୁମାର ଅଗ୍ରୱାଲ, ସୁନି ଦାସ, ପ୍ରଭାକର ଦାସ, ଭାବଗ୍ରାହୀ ଦାସ, ଜଗନ୍ନାଥ ମଲ୍ଲିକ, ମିହିର ବିଶ୍ୱାଳ, ସଚ୍ଚିଦାନନ୍ଦ କର, ଲୋକନାଥ ସେଠୀ, ଜୟ ସିଂହ, ବାସନ୍ତୀ ସ୍ୱାଇଁ, ଛବିନ୍ଦ୍ର ଖୁଣ୍ଟିଆ, ମୋହନ ନାୟକ, କୁଳମଣୀ ପଣ୍ଡା, ନେହା ପ୍ରିୟଦର୍ଶିନୀ ସ୍ୱାଇଁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ଆବାହକ ବିନୋଦ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଭୟ କୁମାର ପଟ୍ଟନାୟକ ଧନ୍ୟବାଦ୍ ଦେଇଥିଲେ।

## ଭାରତୀୟ ମଜଦୁର ସଂଘର ସ୍ଥାପନା ଦିବସ



**କଟକ,୨୬।୭/ଏନ୍ଏନ୍ଏସ୍:** ଭାରତୀୟ ମଜଦୁର ସଂଘ (ବିଏମଏସ)ର ୭୨ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମର୍କତନଗର ସେକ୍ଟର-୮ସ୍ଥିତ ଦତ୍ତାତ୍ରେୟ ଭବନ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ରମାକାନ୍ତ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଜିଲ୍ଲା ପ୍ରଭାରୀ ବସନ୍ତ କୁମାର ସାହୁ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ବିଏମଏସର ପୂର୍ବତନ ସଭାପତି ଶ୍ରୀକାନ୍ତ କୁମାର ବ୍ରହ୍ମା ଓ ସମ୍ମାନିତ ଅତିଥି ଭାବେ ଅଖିଳ ଭାରତୀୟ ସଂଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ସଂଗଠନର କର୍ମକର୍ତ୍ତା ସେମାନଙ୍କ ବିଭିନ୍ନ ମୌଳିକ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ସମ୍ପାଦକ ପ୍ରଭୁଦତ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ ରେଡକ୍ରସ୍ ବ୍ଲଡ ବ୍ୟାଙ୍କ ଏମ୍ପ୍ଲଇଜ୍ ୟୁନିୟନ ଶାଖା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ରେଡକ୍ରସ ରକ୍ତଭଣ୍ଡାରର ନିର୍ଦ୍ଦେଶକ ଡା.ଚନ୍ଦ୍ରିକା ପ୍ରସାଦ ଦାସ, ପୂର୍ବତନ ରେଡ୍‌କ୍ରସ ସଚେତନ ସମିତିର ଅଧ୍ୟକ୍ଷ ରଞ୍ଜନ ବିଶ୍ୱାଳ, ଅଭିନେତା ଶ୍ରୀତମ ଦାସ, ବିଏମଏସର ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ବ୍ରହ୍ମା, ଜିଲା ଶାଖାର ଉପସଭାପତି ରବିନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରମିକ ନେତା ବସନ୍ତ ସାହୁଙ୍କ ଦ୍ୱାରା ରଚିତ 'ଯିବା ସେହି ପଥେ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ବନ ମହୋତ୍ସବ



**କଟକ,୨୬।୭/ଏନ୍ଏନ୍ଏସ୍:** ପବିତ୍ର ଘୋଷଯାତ୍ରା ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ 'ଜାତୀୟ ସେବା ଯୋଜନା' ଆନୁକୂଲ୍ୟରେ ବନ ମହୋସବ ପାଳିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସଙ୍କଟମୋଚନ ମନ୍ଦିର ବାଟିକାଠାରେ ଏକ ଆମ୍ବ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ ପ୍ରକୃତି ଓ ପରିବେଶ ସୁରକ୍ଷା ନିମନ୍ତେ ଜନ ସଚେତନତା ସୃଷ୍ଟି କରିବାରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ ଦାସ, କ୍ରୀଡ଼ା ନିର୍ଦ୍ଦେଶକ ନବ କିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, 'ଡିନ୍' ପ୍ରଫେସର ଡ. କୁମ୍ଭକର୍ଣ୍ଣ ରାଉତ, ପ୍ରାଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ପ୍ରଧାନ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ଇଂ ସୁଧାଂଶୁଭୂଷଣ କର,କ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଔଷଧୀୟ ଚାରା ରୋପଣ କରିଥିଲେ। ଡ୍ରିମ୍‌ସ କୃଷି ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଉଦ୍ୟାନ ବିଭାଗର କର୍ମଚାରୀ ପରିଚାଳନା କରିଥିଲେ।

## ଉପନ୍ୟାସ 'ତୃତୀୟ ନୟନ' ଲୋକାର୍ପିତ

**କଟକ,୨୬।୭/ଏନ୍ଏନ୍ଏସ୍:** ଔପନ୍ୟାସିକ ଡ. ମନୋଜ ମିଶ୍ରଙ୍କ 'ତୃତୀୟ ନୟନ' ଉପନ୍ୟାସ ଶଙ୍କରପୁରସ୍ଥିତ ବିଜୟିନୀ ପବ୍ଲିକେଶନ୍ସ ପରିସରରେ ଲୋକାର୍ପିତ ହୋଇଯାଇଛି। କଥାଶିଳ୍ପୀ ଡ. ଚିତ୍ତରଞ୍ଜନ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବକୁ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଉଦ୍‌ଘାଟନ କରିଥିଲେ। ଏଥିରେ ରେଭେନ୍ସା କଲେଜର ପ୍ରାକ୍ତନ ପ୍ରଫେସର ନଟବର ଶତପଥୀ ଓ କବି ଅମରେଶ ପଟ୍ଟନାୟକ ଅତିଥି ଭାବରେ ପୁସ୍ତକ ଲୋକାର୍ପଣ କରିଥିଲେ। ସାହିତ୍ୟିକ ଡ. ବାବାଜି ଚରଣ ପଟ୍ଟନାୟକ, ଅଜୟ କୁମାର ମିଶ୍ର, ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ତରୁଣ କୁମାର ସାହୁ ପ୍ରମୁଖ ପୁସ୍ତକ ସମ୍ପର୍କରେ ମତ ରଖିଥିଲେ। ସାହିତ୍ୟିକା ପ୍ରଫେସର ସୁଲୋଚନା ଦାସ, ପ୍ରଫେସର ରବୀନ୍ଦ୍ରନାଥ ମିଶ୍ର, ପ୍ରଫେସର ସୁଦର୍ଶନ ପଟ୍ଟନାୟକ, କବି ଶତ୍ରୁଘ୍ନ ପାଣ୍ଡବ, ଶିଶୁ ସାହିତ୍ୟିକ ଡ. ସୁନାମଣି ରାଉତ, ଦେବଯାନୀ ସିହ୍ନା ପ୍ରମୁଖ ଯୋଗ ଦେଇଥିଲେ। ପବ୍ଲିକେଶନର ସଂଚାଳକ ଦିଲ୍ଲୀପ କୁମାର ବେଉରା ଧନ୍ୟବାଦ ଦେଇଥିଲେ। ସମରଜିତ୍ ସ୍ୱାଇଁ ଓ ସସ୍ମିତା ସେନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜେକେବିକେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ



**କଟକ,୨୬।୭/ଏନ୍ଏନ୍ଏସ୍:** ଜେକେବିକେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବର୍ଷର ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗର ବିଦ୍ୟାର୍ଥୀମାନଙ୍କୁ ସ୍ୱାଗତ ଜଣାଇବା ପାଇଁ ଏକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ପଦ୍ମଜା ପଣ୍ଡିତ ପୌରୋହିତ୍ୟ କରି କହିଲେ, ଜୀବନରେ ସଫଳତା କୌଣସି ଆକସ୍ମିକ ଘଟଣା ନୁହେଁ; କଠୋର ନିଷ୍ଠା ଓ ଶୃଙ୍ଖଳା ହିଁ ଜୀବନରେ ସୁଫଳ ଆଣିବାର ପ୍ରକୃତ ଚାବିକାଠି। ନିଜକୁ ଶୃଙ୍ଖଳିତ ରଖିପାରିଲେ ସଫଳତା ଅତି ସହଜରେ ହାସଲ ହୋଇପାରିବ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡ. ଦେବାଶିଷ ପାତ୍ର ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ଗଠନ ଦିଗରେ ଉପଦେଶ ଦେଇଥିଲେ। ଅଧ୍ୟାପକ ଅଜିତ କୁମାର ସେଠୀ ପାଠ୍ୟକ୍ରମର ବିଭିନ୍ନ ବିଭାଗ, ଶିକ୍ଷାଦାନର ଶୈଳୀ ଓ ପରୀକ୍ଷା ପରିଚାଳନାର ନିୟମାବଳୀ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ଧାରଣା ପ୍ରଦାନ କରିଥିଲେ। ଅନ୍ୟତମ ବକ୍ତା ଡ.ଶିବପ୍ରସାଦ ଦଳାଇ ଓ ପର୍ଶୁରାମ ଓଝା ଛାତ୍ରଛାତ୍ରୀଙ୍କୁ ସୁନ୍ଦର ଭବିଷ୍ୟତର ସ୍ୱପ୍ନ ଦେଖିବାକୁ କହିବା ସହ ତାହାକୁ ସାକାର କରି ଜୀବନରେ ସଫଳ ମଣିଷ ହେବାକୁ ଗୁରୁମନ୍ତ୍ର ଦେଇଥିଲେ।

## ଜାତୀୟ ହେପାଟାଇଟିସ୍- ବି ପୋଷ୍ଟର ପ୍ରତିଯୋଗିତା

**କଟକ,୨୬।୭/ଏନ୍ଏନ୍ଏସ୍:** କଳିଙ୍ଗ ଗ୍ୟାଷ୍ଟ୍ରୋଲୋଜି ଫାଉଣ୍ଡେସନ ତରଫରୁ ୨୫ତମ ଜାତୀୟ ହେପାଟାଇଟିସ୍- ବି ପୋଷ୍ଟର ପ୍ରତିଯୋଗିତାର ଫଳାଫଳ ଘୋଷଣା ହୋଇଛି। ସବ ଜୁନିୟର ବର୍ଗରେ ଏମ୍. ଏସ୍. ଦିଶା, କୌଶିକ କର, ଖୁସି ସିଂ ଏବଂ ଜୁନିଅର ବର୍ଗରେ ଦିବ୍ୟାଂଶୀ ଦାଶ, ସଙ୍କେତ ମହାପାତ୍ର ଓ ସର୍ବଜ୍ଞୟ ଜେନା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସିନିୟର ବର୍ଗରେ ସାନା କର୍ମକାର ପ୍ରଥମ, ଗୌରବ ମହାନ୍ତି ଦ୍ୱିତୀୟ ଓ ଅମିଷା ଦତ୍ତ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଶ୍ରଦ୍ଧା ମହାପାତ୍ର ଓ ଅମନ କୁମାର ରାଉତଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ମିଳିବ। ସ୍ପଟ୍ ପୋଷ୍ଟର ପ୍ରତିଯୋଗିତାରେ ୧୫ କୃତୀ ପ୍ରତିଯୋଗୀ ପୁରସ୍କାର ପାଇବେ। ଆସନ୍ତା ୨୮ତାରିଖରେ ହେବାକୁ ଥିବା ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଫାଉଣ୍ଡେସନର ଚେୟାରମ୍ୟାନ ଶିବରାମ ପ୍ରସାଦ ସିଂ ସୂଚନା ଦେଇଛନ୍ତି।

# ପବିତ୍ର ସୁନାବେଶରେ ମଧ୍ୟ ନିଃଶୁଳ୍କ ଅଟୋ ସେବା

**ଭୁବନେଶ୍ୱର,୨୬।୭/ଏନ୍ଏନ୍ଏସ୍:** ପବିତ୍ର ସୁନାବେଶ ଅବସରରେ ଶ୍ରୀକ୍ଷେତ୍ର ପୁରୀକୁ ଆସିଥିବା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସୁଗମ, ସୁରକ୍ଷିତ ଯାତ୍ରା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ମାର୍ଗଦର୍ଶନରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯାତାୟାତ, ସୂଚନା, ଜରୁରୀକାଳୀନ ସହାୟତା ଓ ଶ୍ରଦ୍ଧାଳୁଙ୍କ ଆବଶ୍ୟକ ସୁବିଧାକୁ ପ୍ରାଥମିକତା ଦେଇ ବିଭିନ୍ନ ସେବା ସଫଳତାର ସହ ପରିଚାଳନା କରାଯାଇଛି। ପବିତ୍ର ସୁନାବେଶ ଅବସରରେ ପ୍ରମୁଖ ପାର୍କିଂ ସ୍ଥଳରୁ ନିଃଶୁଳ୍କ ଅଟୋ ଓ ଶଟଲ୍ ବସ୍ ସେବା ଯୋଗାଇ ଦିଆଯାଇଥିଲା। ଏହି ସେବା ମାଧ୍ୟମରେ ଆଜି ହଜାର ହଜାର ଶ୍ରଦ୍ଧାଳୁ ସହଜରେ ଯାତାୟାତ କରିପାରିଥିଲେ। ବିଶେଷକରି ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ମହିଳା ଶ୍ରଦ୍ଧାଳୁଙ୍କୁ ପ୍ରାଥମିକତା ଦେଇ ସେବା ପରିଚାଳନା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଏହି ନିଃଶୁଳ୍କ ଅଟୋ ଓ ଶଟଲ୍ ବସ୍ ସେବା ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ଅବସରରେ ମଧ୍ୟ ସଫଳତାର ସହ ପରିଚାଳିତ ହୋଇ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ସୁଗମ ଯାତାୟାତ ସୁବିଧା ଯୋଗାଇଥିଲା। ଆଜିର ସୁନାବେଶ ଅବସରରେ ତାଳବଣିଆଠାରେ ନିଃଶୁଳ୍କ ଅନ୍ନସେବାର ବ୍ୟବସ୍ଥା କରାଯାଇଥିଲା। 'ଅନ୍ନ ହିଁ ବ୍ରହ୍ମ'ର ଆଦର୍ଶକୁ ପାଥେୟ କରି ଆୟୋଜିତ ଏହି ସେବାରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଭୋଜନ କରିଥିଲେ। ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଅବସରରେ ମଧ୍ୟ ବିଭାଗ ପକ୍ଷରୁ ନିଃଶୁଳ୍କ ଅନ୍ନସେବାର ଆୟୋଜନ କରାଯାଇ ଶ୍ରଦ୍ଧାଳୁଙ୍କୁ ସେବା ପ୍ରଦାନ କରାଯାଇଥିଲା। ଯାତାୟାତକୁ ସୁଚାରୁ ରଖିବା ପାଇଁ ଆଜି ମଧ୍ୟ ବ୍ରେକଡାଉନ୍ ସେବା ଓ କ୍ରେନ୍ ବ୍ୟବସ୍ଥା ସକ୍ରିୟ ରହିଥିଲା। କୁଆଖାଇ ବ୍ରିଜ୍-ଲିଙ୍ଗିପୁର ରାସ୍ତାରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଚଳ ହୋଇପଡ଼ିଥିବା ଏକ ୨୮ ଫୁଟ ବିଶିଷ୍ଟ ଟ୍ରେଲର ଏବଂ ଅନ୍ୟ ଏକ ମିନି ଟ୍ରକକୁ ପରିବହନ ବିଭାଗର ଏନଫୋର୍ସମେଣ୍ଟ ଟିମ୍ ତୁରନ୍ତ ରାସ୍ତାରୁ ହଟାଇ ଯାତାୟାତ ସ୍ୱାଭାବିକ କରିଥିଲେ। ଫଳରେ ଶ୍ରଦ୍ଧାଳୁଙ୍କ ଯାତ୍ରାରେ କୌଣସି ବଡ଼ ବାଧା ସୃଷ୍ଟି ହୋଇନଥିଲା। ରଥଯାତ୍ରାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ଏହି ବ୍ରେକଡାଉନ୍ ସେବା ଓ କ୍ରେନ୍ ବ୍ୟବସ୍ଥା ନିରନ୍ତର ସକ୍ରିୟ ରହି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଚଳ ଯାନବାହନକୁ ତୁରନ୍ତ ହଟାଇ ଯାତାୟାତକୁ ସ୍ୱାଭାବିକ ରଖିବାରେ ସହାୟକ ହୋଇଆସୁଛି। ଏହା ସହିତ ରଥଯାତ୍ରାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ତାଳବଣିଆ ଓ ମାଳତୀପାଟପୁରଠାରେ ଅସ୍ଥାୟୀ ବିଶ୍ରାମ ସ୍ଥଳୀ ଶ୍ରଦ୍ଧାଳୁଙ୍କ ପାଇଁ କାର୍ଯ୍ୟକ୍ଷମ ରହିଛି। ଏଠାରେ ଶ୍ରଦ୍ଧାଳୁମାନେ ବିଶ୍ରାମ ନେବା ସହ ବିଭିନ୍ନ ମୌଳିକ ସୁବିଧାର ଲାଭ ଉଠାଉଛନ୍ତି। ଶ୍ରଦ୍ଧାଳୁଙ୍କୁ ଆବଶ୍ୟକୀୟ ସୂଚନା, ମାର୍ଗଦର୍ଶନ ଓ ଜରୁରୀକାଳୀନ ସହାୟତା ପ୍ରଦାନ କରିବା ପାଇଁ ତାଳବଣିଆ ଓ ମାଳତୀପାଟପୁରଠାରେ ସୂଚନା କେନ୍ଦ୍ର ଓ ହେଲ୍ପଡେସ୍କ ଏବଂ ପୁରୀଠାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ରଥଯାତ୍ରାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ସକ୍ରିୟ ରହି ଶ୍ରଦ୍ଧାଳୁଙ୍କୁ ତୁରନ୍ତ ସହାୟତା ଓ ଆବଶ୍ୟକ ସୂଚନା ପ୍ରଦାନ କରୁଛି। ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିବା ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କୁ ସୁଗମ, ସୁରକ୍ଷିତ ଓ ନିର୍ବିଘ୍ନ ଯାତ୍ରାର ଅନୁଭୂତି ପ୍ରଦାନ କରିବା ଦିଗରେ ବାଣିଜ୍ୟ ଓ ପରିବହନ ବିଭାଗର ଏହି ସମନ୍ୱିତ ପ୍ରୟାସ ଶ୍ରଦ୍ଧାଳୁଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଛି।











# ଦାରୁଦିଅଁଙ୍କ ସୁନାବେଶ

ରଥ ଉପରେ ହୋଇଛି ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ। ମହଣ ମହଣ ସୁନାରେ ସଜେଇ ହୋଇ ରଥ ଉପରେ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଶ୍ରୀଜିଉ। ଅଲୌକିକ ଓ ଅବର୍ଣ୍ଣନୀୟ ବେଶ ଦେଖି ଭାବବିହ୍ୱଳ ହୋଇପଡ଼ିଛନ୍ତି ଲକ୍ଷ ଲକ୍ଷ ଭକ୍ତ।



## ବିଜେପି ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

# ପଦ୍ମ ଧରିଲେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ

**ଭୁବନେଶ୍ୱର,୨୫।୭/ଏନ୍‌ଏନ୍‌ଏସ୍:** ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଶନିବାର କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷପୁଷ୍ପେନ୍ଦ୍ର କୁମାର ସିଂହଦେଓଙ୍କ ସମେତ ୭ ଜଣ ଜିଲ୍ଲା ପରିଷଦ ସଦସ୍ୟ ବିଜୁ ଜନତା ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଶ୍ରୀ ସିଂହଦେଓଙ୍କ ସମେତ ଜିଲ୍ଲା ପରିଷଦ ସଦସ୍ୟ ମହେନ୍ଦ୍ର ରଣା, ଲିଲି ଦୀପ, ଜୟସେନ୍ ସାହୁ, ସରିତା ମାଝୀ, ଦୟାନିଧି ନାଏକ, ନମ୍ରତା ସାହୁ, ଲୋକେଶ ସାହୁଙ୍କ ସମେତ କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ ପ୍ରମୁଖ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ବିଜେଡି ଛାଡି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଆଜିର ମିଶ୍ରଣ ପର୍ବରେ ବିଜେଡିର ପୂର୍ବତନ ଜିଲ୍ଲା ଉପସଭାପତି ସୁଷମା ସାହୁ, ମଦନପୁର ସରପଞ୍ଚ କେତକୀ ଦଣ୍ଡିଆ, ରେଗେଡା ସରପଞ୍ଚ ଦିପ୍ତୀରାଣୀ ସାହୁ ପ୍ରମୁଖ ଶତାଧିକ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି ।




ସେହିପରି ନୂଆପଡା ଜିଲ୍ଲାର ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ମୁରଲୀଧର ଭୋଇ, ଉମା ଠାକୁର ଏବଂ କୋମନା ବ୍ଲକ ବିଜେଡି ସଭାପତି କ୍ଷମାସିଂହ ନିଆଲ ଓ ବରିଷ୍ଠ କଂଗ୍ରେସ ନେତା ତଥା ଜିଲ୍ଲା ସାଧାରଣ ସଂପାଦକ ବୃନ୍ଦାବନ ମହାନନ୍ଦ ନିଜ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି । ଏହି ଅବସରରେ ସାଂସଦ ମାଳବିକା ଦେବୀ ଓ ସୁଜିତ କୁମାର, ବିଧାୟକ ସୁଧୀର କୁମାର ପାଟ୍ଟଯୋଶୀ ଓ ଜୟ ଢୋଲକିଆ, ରାଜ୍ୟ ଉପସଭାପତି ଭବେନ୍ଦ୍ର ପଣ୍ଡା, ରାଜ୍ୟ ସଂପାଦକ ସରୋଜ କର, କଳାହାଣ୍ଡି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ୍ ଓ ଜିଲ୍ଲା ପ୍ରଭାରୀ ଆର୍ତ୍ତତ୍ରାଣ ମହାପାତ୍ର, ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତୀ, ବରିଷ୍ଠ ନେତା ଯଦୁମଣି ପାଣିଗ୍ରାହୀ, ଶିବ ମୁଣ୍ଡ, ଲମ୍ବୋଧର ନିଆଲ, ପ୍ରସନ୍ନ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# ‘ରଥଯାତ୍ରାକୁ ନେଇ ହୀନ ରାଜନୀତି କରୁଛି ବିଜେଡି’

**ଭୁବନେଶ୍ୱର,୨୫।୭/ଏନ୍‌ଏନ୍‌ଏସ୍:** ବିଜେପି ସରକାର ରଥଯାତ୍ରାକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରିବା ପାଇଁ ସାଧାରଣଜନତାଙ୍କ ସହଯୋଗରେ ଭରପୁର ପ୍ରୟାସ କରିଛି। ରଥଯାତ୍ରାରେ ପ୍ରତ୍ୟେକ ବର୍ଷ ଦର୍ଶନାର୍ଥୀଙ୍କ ଭିଡ଼ ଆଶାତୀତ ଭାବେ ବୃଦ୍ଧି ପାଇଛି। ସେହି ପରିପ୍ରେକ୍ଷୀରେ କାଁ ଭାଁ କିଛି ଅସ୍ୱାଭାବିକ ଘଟଣା ଘଟିବା ଆମ୍ଭମାନଙ୍କୁ ମର୍ମାହତ କରିଛି। ସରକାର ସେନେଇ ସଚେତନ ଥିବା ସହିତ ଭବିଷ୍ୟତରେ କିଭଳି ଆଉ ଦୁର୍ଘଟଣା ନ ଘଟିବ ସେ ଦୃଷ୍ଟିରୁ ପ୍ରୟାସରତ ଅଛନ୍ତି। ଯେଉଁମାନଙ୍କ ଦେହାନ୍ତ ହୋଇଛି ସେନେଇ ସରକାର ଦୁଃଖ ପ୍ରକାଶ କରିବା ସହ କେଉଁ ପରିସ୍ଥିତରେ ଏଭଳି ଦୁର୍ଘଟଣା ହୋଇଛି, ତାହାର କାରଣ ଓ ନିରାକଣ ସମ୍ପର୍କରେ ତଦନ୍ତ କରୁଛନ୍ତି। ଏନେଇ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି ଏବଂ ଦୁର୍ଘଟଣା ସମ୍ପର୍କରେ ସ୍ପଷ୍ଟତା ଆସିଲା ପରେ ପ୍ରତ୍ୟେକ ବିଷୟରେ ଅନୁସନ୍ଧାନ କରାଯିବ। କିନ୍ତୁ ବିଜୁ ଜନତା ଦଳ ଜଗନ୍ନାଥଙ୍କ ରଥଯାତ୍ରାକୁ ନେଇ ଅତ୍ୟନ୍ତ ଘୃଣ୍ୟ ଓ ହୀନ ରାଜନୀତି କରୁଛି ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରକାଶ କରିଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ରଥଯାତ୍ରା ହେଉ ବା ତଦନ୍ତ କମିଶନ ହେଉ, ସେ ସମ୍ପର୍କରେ କିଛି କହିବା ପାଇଁ ବିଜେଡିର କୌଣସି ନୈତିକ ଅଧିକାର ନାହିଁ। ବିଜେଡି ହେଉଛି ସେହି ଦଳ, ଯିଏ କୋଭିଡ୍ ସମୟରେ ରଥଯାତ୍ରା ବନ୍ଦ କରିବାକୁ ସବୁପ୍ରକାର ପ୍ରୟାସ କରିଥିଲା। ମାତ୍ର କେନ୍ଦ୍ରର



ବିଜେପି ସରକାର ଓ କୋର୍ଟଙ୍କ ହସ୍ତକ୍ଷେପ କାରଣରୁ ସେତେବେଳେ ମହାପ୍ରଭୁଙ୍କର ଐତିହାସିକ ବନ୍ଦ ନ ହୋଇ, ରଥଯାତ୍ରା ସମ୍ପନ୍ନ ହୋଇଥିଲା। ବିଜୁ ଜନତା ଦଳ ବିଗତ ୨୪ ବର୍ଷ ଶାସନକାଳ ମଧ୍ୟରେ ବିଭିନ୍ନ ଦୁର୍ଘଟଣାକୁ ଓ ବିଷୟକୁ ଚପାଇ ଦେବା ପାଇଁ ଚବିଶଟି କମିଶନ ବସେଇଥିଲା । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, କୌଣସି ଗୋଟିଏ ବି କମିଶନଙ୍କ ରିପୋର୍ଟ ନା ବିଧାନସଭାରେ ଉପସ୍ଥାପିତ ହୋଇଥିଲା ନା ସାର୍ବଜନୀନ କରାଯାଇଥିଲା ନା କମିଶନଙ୍କ ସୁପାରିଶ ଆଧାରରେ କାହା ଉପରେ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା । ତେଣୁ କମିଶନ ତଦନ୍ତ ନାମରେ ବିଜେଡି ଏଭଳି ନାଟକ ଓ ଘୃଣ୍ୟ ରାଜନୀତି କରିବା ବନ୍ଦ କରୁ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

# ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ସ୍କୁଟି, ୩ ମୃତ

**ରାୟଗଡ଼ା,୨୫।୭/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲାର ଗୁଣପୁର ନିକଟସ୍ଥ ଶେଫାଳୀ ପାହାଡ଼ ରାସ୍ତାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଯେଉଁଥିରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସସ୍ମିତା ପଣ୍ଡାଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ସସ୍ମିତା ପଣ୍ଡାଙ୍କ ନୃତ୍ୟ ଅନୁଷ୍ଠାନର ଅଡିଟ୍ କାର୍ଯ୍ୟ ପାଇଁ କୋଲକାତାରୁ ଜଣେ ଏବଂ ଓଡ଼ିଶାର ଜଣେ ଅଡିଟର ଗୁଣପୁରକୁ ଆସିଥିଲେ। ଅଡିଟ୍ କାର୍ଯ୍ୟ ଶେଷ ହେବା ପରେ ସସ୍ମିତା ସେମାନଙ୍କୁ ସ୍କୁଟିରେ ଶେଫାଳୀ ପାହାଡ଼ସ୍ଥ ରାମେଶ୍ୱର ମନ୍ଦିର ଦର୍ଶନ କରାଇବାକୁ ନେଇଥିଲେ। ମନ୍ଦିରରୁ ଫେରୁଥିବା ବେଳେ ପାହାଡ଼ ତଳକୁ ଆସୁଥିବା ସମୟରେ ସ୍କୁଟିର ବ୍ରେକ୍ ଫେଲ୍ ହୋଇଯାଇଥିବାରୁ ଗାଡ଼ିଟି ନିୟନ୍ତ୍ରଣ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା। ଶୁକ୍ରବାର ରାତି ପ୍ରାୟ ୮ଟା ୩୫ ମିନିଟ୍ ସମୟରେ ଘଟିଥିବା ଏହି ଦୁର୍ଘଟଣାରେ ତିନିଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ଗୁଣପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଓଡ଼ିଶାର ଅଡିଟର ଶମ୍ଭୁନାଥ ଦାଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ସସ୍ମିତା ପଣ୍ଡାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଶ୍ରୀକାକୁଲମକୁ ନିଆଯାଉଥିବା ବେଳେ ପାରଳାଖେମୁଣ୍ଡି ନିକଟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଥିଲା। ପାରଳାଖେମୁଣ୍ଡି ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ କୋଲକାତାର ଅଡିଟର ସୁକୁମାର ଭୂଇଁଆଙ୍କୁ ଭୁବନେଶ୍ୱରରେ ଚିକିତ୍ସା କରାଯାଉଥିବା ବେଳେ ସେ ମଧ୍ୟ ଶନିବାର ମୃତ୍ୟୁବରଣ କରିଛନ୍ତି। ଫଳରେ ଏହି ଦୁର୍ଘଟଣାରେ ମୋଟ ୩ ଜଣଙ୍କ ମୃତ୍ୟୁ ଘଟିଛି। ଭଦ୍ରକ ଜିଲ୍ଲାର ବାସିନ୍ଦା ସସ୍ମିତା ପଣ୍ଡା ଜଣେ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ନୃତ୍ୟଗୁରୁ ଥିଲେ। ଦୀର୍ଘ ବର୍ଷ ଧରି ସେ ଗୁଣପୁର ଓ ରାୟଗଡ଼ା ଅଞ୍ଚଳରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ଓଡ଼ିଶୀ ନୃତ୍ୟର ପ୍ରଶିକ୍ଷଣ ଦେଇ ସାଂସ୍କୃତିକ କ୍ଷେତ୍ରରେ ନିଜସ୍ୱ ପରିଚୟ ସୃଷ୍ଟି କରିଥିଲେ। ଘଟଣାର ତଦନ୍ତ ଗୁଣପୁର ପୁଲିସ କରୁଥିବା ବେଳେ ସସ୍ମିତା ପଣ୍ଡାଙ୍କ ପରିବାର ଲୋକେ ପାରଳାଖେମୁଣ୍ଡିରେ ପହଞ୍ଚିଛନ୍ତି।

# ଧର୍ମେନ୍ଦ୍ରଙ୍କ ଇସ୍ତଫା ପ୍ରସଙ୍ଗରେ ରାଜନୈତିକ ପ୍ରତିକ୍ରିୟା


## ‘ଇସ୍ତଫା ନିଷ୍ପତ୍ତି ନୀତି ଆଦର୍ଶର ପରିଚୟ’

**ଭୁବନେଶ୍ୱର,୨୫।୭/ଏନ୍‌ଏନ୍‌ଏସ୍:** ଇସ୍ତଫା ନିଷ୍ପତ୍ତି ନେଇ ଧର୍ମେନ୍ଦ୍ର ପ୍ରଧାନ ଉଚ୍ଚ ନୀତି ଆଦର୍ଶର ପରିଚୟ ଦେଇଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶନିବାର ସୋସିଆଲ ମିଡିଆ ଏକ୍ସ ଜରିଆରେ କହିଛନ୍ତି ଯେ,



ଶିକ୍ଷା କ୍ଷେତ୍ରରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନ ଅତୁଳନୀୟ। ଜାତୀୟ ଶିକ୍ଷା ନୀତି ଭଳି ଏକ ଐତିହାସିକ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ସହ ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଶିକ୍ଷାରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିଛନ୍ତି। ବୃହତ୍ତର ସାମାଜିକ ହିତ ଓ ନୈତିକ ମୂଲ୍ୟବୋଧକୁ ପ୍ରାଥମିକତା ଦେଇ ପଦବୀରୁ ଇସ୍ତଫା ଦେବା ପାଇଁ ସେ ଗ୍ରହଣ କରିଥିବା ନିଷ୍ପତ୍ତି ତାଙ୍କ ଉଚ୍ଚ ନୀତି, ଆଦର୍ଶର ପରିଚାୟକ ବୋଲି ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ନିଜ ବାର୍ତ୍ତାରେ ସେ ଆହୁରି ଲେଖିଛନ୍ତି, “ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଆଗାମୀ ଦିନରେ ତାଙ୍କର ଏହି କର୍ମମୟ ଯାତ୍ରା ଆହୁରି ଅଧିକ ସଫଳତା ଓ ପ୍ରତିଷ୍ଠା ଆଣିଦେବ ବୋଲି ଆମେ ସମସ୍ତେ ଦୃଢ଼ ବିଶ୍ୱାସୀ।”

## ‘ନୀତିନିଷ୍ଠାର ପ୍ରତିଫଳନ’



**ଭୁବନେଶ୍ୱର,୨୫।୭/ଏନ୍‌ଏନ୍‌ଏସ୍:** ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ସୋସିଆଲ ମିଡିଆରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି। ସେ ଲେଖିଛନ୍ତି ଯେ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନ ଦେଶର ଶିକ୍ଷା କ୍ଷେତ୍ରରେ ଐତିହାସିକ ପରିବର୍ତ୍ତନର ନେତୃତ୍ୱ ନେଇଛନ୍ତି। ବିଶେଷକରି ଏନଇପି-୨୦୨୦ କାର୍ଯ୍ୟକାରୀ କରି ସେ କୋଟି କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଏକ ସୁଦୃଢ଼ ଭିତ୍ତି ସୃଷ୍ଟି କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ସାର୍ବଜନୀନ ଜୀବନରେ ତାଙ୍କର ନୀତିନିଷ୍ଠା, ନୈତିକ ମୂଲ୍ୟବୋଧ ଏବଂ ନିଷ୍କାମ ସେବାଭାବର ପରିଚୟ ଦେଇ ସେ ପଦବୀରୁ ଇସ୍ତଫା ଦେବା ପାଇଁ ଯେଉଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି, ତାହା ତାଙ୍କର ଉଚ୍ଚ ଆଦର୍ଶର ପ୍ରତିଫଳନ। ତାଙ୍କ ବାର୍ତ୍ତାରେ ସେ ଲେଖିଛନ୍ତି ଯେ, ଆଗାମୀ ଦିନରେ ମଧ୍ୟ ଧର୍ମେନ୍ଦ୍ର ପ୍ରଧାନଙ୍କ କର୍ମମୟ ଯାତ୍ରା ସଫଳତାର ନୂଆ ଦିଗ ସୃଷ୍ଟି କରିବ ଏବଂ ଦେଶବାସୀଙ୍କୁ ପ୍ରେରଣା ଯୋଗାଇବ। ସେ ତାଙ୍କ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରିଛନ୍ତି।

## ‘ଯୁବପିଢ଼ିଙ୍କ ବିଜୟ’

**ଭୁବନେଶ୍ୱର,୨୫।୭/ଏନ୍‌ଏନ୍‌ଏସ୍:** ବିଜେଡି ସଭାପତି ନବୀନ ପଟ୍ଟନାୟକ ମଧ୍ୟ ସୋସିଆଲ ମିଡିଆରେ ପ୍ରତିକ୍ରିୟା ଜଣାଇଛନ୍ତି। ସେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ ଦେଶର ଯୁବପିଢ଼ିଙ୍କ ବିଜୟ ବୋଲି ବର୍ଣ୍ଣନା କରିଛନ୍ତି। ସେ ଆହୁରି ଲେଖିଛନ୍ତି ଯେ ସଶକ୍ତ ଓ ସୁସ୍ଥ ଗଣତନ୍ତ୍ରର ପ୍ରକୃତ ଶକ୍ତି ହେଉଛି ଜବାବଦେହିତା, ସ୍ୱଚ୍ଛତା ଏବଂ ଜନମତ ପ୍ରତି



ସମ୍ବେଦନଶୀଳତା। ଯେକୌଣସି ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସାଧାରଣଙ୍କ ଇଚ୍ଛା, ଆଶା ଓ ବିଶ୍ୱାସ ସର୍ବୋପରି। ଜନତାଙ୍କ ଇଚ୍ଛାଶକ୍ତିଠୁ କେହି ବଡ଼ ନୁହେଁ। କୌଣସି ପଦ କିମ୍ବା ପ୍ରତିଷ୍ଠା ମଧ୍ୟ ଲୋକଙ୍କ ସ୍ୱରକୁ ଅବହେଳା କରିପାରିବ ନାହିଁ ନବୀନ କହିଛନ୍ତି।

## ଶେରଗଡ଼ରେ ବାହୁଡ଼ାଯାତ୍ରା



**ଶେରଗଡ଼,୨୬।୭/ଏନ୍ଏନ୍ଏସ୍:** ଶେରଗଡ଼ରେ ବାହୁଡ଼ା ଯାତ୍ରା ପାଳିତ ହୋଇଯାଇଛି। ଶୁକ୍ରବାର ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି କରାଯାଇଥିଲା। ଶେରଗଡ଼ ରାଜ ପରିବାର ସଦସ୍ୟ ପ୍ରସନ୍ନ କୁମାର ସିଂହଦେଓ ଏବଂ ପୂର୍ଣ୍ଣେନ୍ଦୁ ସିଂହଦେଓ ରଥ ନିକଟରେ ପହଞ୍ଚିବା ପରେ ରଥ ଟଣା ଯାଇଥିଲା। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ବିଜେପି ଜିଲ୍ଲା ସଭାପତି ବିଜୟ ସ୍ୱାଇଁ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ସନ୍ତୋଷ କୁମାର ପଟ୍ଟନାୟକ, ନିରଞ୍ଜନ ଜେନା, ତହସିଲଦାର ତ୍ରିଦେବ ରଥ, ବିଡିଓ ବୃନ୍ଦାମୟୀ ଜେନା, ଆସିକା ଏସ୍ଡିପିଓ ସୌରଭ ପ୍ରଧାନ ଓ ଶେରଗଡ଼ ଥାନାଧିକାରୀ ବରେନ୍ଦ୍ର ଶିଆଳଙ୍କ ସମେତ ଯାତ୍ରା ପରିଚାଳନା ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ରଥ ନିର୍ମାଣରେ ସାମିଲ୍ ହୋଇଥିବା ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। ଅନୁକୂଳ ପାଗ ଯୋଗୁ ପ୍ରବଳ ଜନସମାଗମ ହୋଇଥିଲା। ରଥ ଉପରେ ତିନି ଠାକୁରଙ୍କ ସୁନାବେଶ ହୋଇଥିବାବେଳେ ରଥ ଶନିବାର ମାଉସୀ ମା' ମନ୍ଦିର ନିକଟରେ ଲାଗିଥିଲା। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ରଥାରୂଢ଼ ଶ୍ରୀଜିଉଙ୍କ ସୁନାବେଶ

**ଆସିକା,୨୬।୭/ଏନ୍ଏନ୍ଏସ୍:** ଆସିକା ନିକଟସ୍ଥ ନୁଆଗାଁର ସମବାୟ ଚିନିଶିଳ୍ପ ମୁଖ୍ୟ ଫାଟକ ସମ୍ମୁଖରେ ଶନିବାର ସନ୍ଧ୍ୟାରେ ବଡ ଏକାଦଶୀ ତିଥିରେ ରଥାରୂଢ଼ ଶ୍ରୀଜିଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ ଶ୍ରୀଗୁଣ୍ଡିଚା ଯାତ୍ରାରେ ରଥରେ ଚଢ଼ି ମାଉସୀ ମା' ମନ୍ଦିରକୁ ଯାଇଥିଲେ। ମାଉସୀ ମା' ଘରେ ପୋଡ଼ପିଠା ଖାଇ ୭ ଦିନ ରହଣି ପରେ ରତ୍ନ ସିଂହାସନକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ମନ ବଳେଇଥିଲେ। ଗତକାଲି ଅର୍ଥାତ୍ ଶୁକ୍ରବାର ବାହୁଡ଼ା ଯାତ୍ରାରେ ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତି ରତ୍ନ ସିଂହାସନକୁ ଯାତ୍ରା ବେଳେ ବାଟରେ ଅଟକି ରହିଥିଲେ। ଶନିବାର ଜଗତକର୍ତ୍ତା ଶ୍ରୀଜଗନ୍ନାଥ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେଇଥିବାବେଳେ ଆସନ୍ତା ସୋମବାର ରତ୍ନ ସିଂହାସନକୁ ଫେରିବାର କାର୍ଯ୍ୟକ୍ରମ ରହିଛି। ଶନିବାର ବଡ଼ ଏକାଦଶୀ ତିଥି ଅବସରରେ ରଥାରୂଢ଼ ଶ୍ରୀଜିଉଙ୍କୁ ଦର୍ଶନ ଲାଗି ଦିନତମାମ ଶ୍ରଦ୍ଧାଳୁଙ୍କ ରଥ ସମ୍ମୁଖରେ ଭିଡ଼ ଜମିଥିଲା। ସନ୍ଧ୍ୟାରେ ଆକର୍ଷଣୀୟ ସୁନାବେଶ ଦେଖି ଭକ୍ତ ବିମୋହିତ ହୋଇଥିଲେ। ଚିନିଶିଳ୍ପ ନୁଆଗାଁରେ ଶ୍ରୀଜିଉଙ୍କ ଚିରାକର୍ଷିତ ସୁନାବେଶ ପାରମ୍ପରିକ ରୀତିନୀତି ପ୍ରକାରେ ହୋଇଥିଲା। ସମବାୟ ଚିନିଶିଳ୍ପ ନିକଟରେ ଥିବା ଜଗନ୍ନାଥ ମନ୍ଦିରରେ ଦୀର୍ଘ ୨୯ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡା, ଆସିକା ସମବାୟ ଚିନିଶିଳ୍ପ ଶ୍ରୀ ଜଗନ୍ନାଥ ସଂସ୍ଥାପନ ସମିତିର ସଭାପତି ତଥା ଶିଳ୍ପାନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର



ପଣ୍ଡା, ଉପସଭାପତି ସନ୍ତୋଷ କୁମାର ମଲିକ, କାର୍ଯ୍ୟକାରୀ ଉପସଭାପତି ପ୍ରଶାନ୍ତ କୁମାର କର, ସମ୍ପାଦକ ତଥା ଚିନିଶିଳ୍ପର ଆକାଉଣ୍ଟସ୍ ଅଫିସର୍ ଚିତ୍ତ ଚିନ୍ମୟ ରଞ୍ଜନ ନାୟକ, ସହ ସମ୍ପାଦକ ବାସୁଦେବ ସ୍ୱାଇଁ, କୋଷାଧ୍ୟକ୍ଷ ଏସ୍ ସୁଜିତ୍ କୁମାର ପୃଷ୍ଟି, ସଦସ୍ୟ ଦିଲ୍ଲୀପ କୁମାର ସ୍ୱାଇଁ, ଅରୁଣ କୁମାର ପାତ୍ର, ଅକ୍ଷୟ କୁମାର ସ୍ୱାଇଁ, ଶ୍ରୀନିବାସ ମହାପାତ୍ର, କେଦାରନାଥ ସାହୁ, ଶ୍ରୀପଲୀ ସୁନ୍ଦର ଦାଶ, ରାମପ୍ରସାଦ ଶତପଥୀ, ସୌମେନ୍ଦ୍ର ପଟ୍ଟନାୟକଙ୍କ ସମେତ ସମବାୟ ଚିନିଶିଳ୍ପ କର୍ମଚାରୀ, ଶ୍ରଦ୍ଧାଳୁ ଓ ଗ୍ରାମବାସୀ ବାହୁଡ଼ାଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ସେହପରି ଆସିକା ସହରର ଖମ୍ବେଶ୍ୱରୀପାଟଣା ଓ ଓଡ଼ିଆ ସାହି ସମେତ ଆଖପାଖ ଅଞ୍ଚଳରେ ରଥାରୂଢ଼ ଶ୍ରୀ ବିଗ୍ରହଙ୍କୁ ଦର୍ଶନ ଲାଗି ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଆସିକା ଉପଖଣ୍ଡ ପୁଲିସ୍ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଆସିକା ଥାନାଧିକାରୀ ସୁଧୀର କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପୁଲିସ୍ ମୁତୟନ ରହିଥିଲେ।



**ବୁଗୁଡ଼ା:** ଶନିବାର ଆଷାଢ଼ ଶୁକ୍ଳ ଏକାଦଶୀ ତିଥୀରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ ହେବା ପରେ ଭକ୍ତଙ୍କୁ ଦର୍ଶନର ସୁଯୋଗ ଦିଆଯାଇଥିଲା। ସୁନାବେଶ ଲାଗି ପରିଚାଳନା କମିଟି ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିଲା। ତେବେ ରଥ ଉପରେ ହେଉଥିବା ଏହି ବେଶକୁ ବଡ଼ତଡ଼ାଉ ବେଶ ମଧ୍ୟ କୁହାଯାଏ।

**ଜି ଉଦୟଗିରି:** ଜି ଉଦୟଗିରିରେ ତିନି ଠାକୁର ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ତିନି ଠାକୁରଙ୍କୁ ବିଭିନ୍ନ ଅଳଙ୍କାରେ ସୁସଜ୍ଜିତ କରାଯାଇଥିବାବେଳେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ରଥ ଉପରେ ତିନି ଠାକୁରଙ୍କ ଏହି ବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଲାଗିଥିବାବେଳେ ସନ୍ଧ୍ୟା ଆଳତି ସମୟରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିର ପରିଚାଳନା କମିଟିର ତତ୍ତ୍ୱାବଧାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁଧାଂଶୁ ଆଚାର୍ଯ୍ୟ, ସଞ୍ଜୟ ଆଚାର୍ଯ୍ୟ, କାଳୁ ଚରଣ ପଣ୍ଡା, ଗଣେଶ ପାଢ଼ୀ, ହେମନ୍ତ ପାଣିଗ୍ରାହୀ, ଅଚ୍ୟୁତ ପଣ୍ଡା, ଚନ୍ଦ୍ରକାନ୍ତ ପଣ୍ଡା ଓ ମାନସ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।





**ବ୍ରହ୍ମପୁର:** ସହରର ବିଭିନ୍ନ ସ୍ଥାନରେ ଶୁକ୍ରବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଶନିବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ବଡ଼ ଏକାଦଶୀ ତିଥୀରେ ରଥାରୂଢ଼ ଶ୍ରୀଜିଉଙ୍କ ସୁନାବେଶ ଦେଖିବାକୁ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ସେହିପରି ସହରର କୋର୍ଟପେଟା ଛକ, ଗୋଷାଣୀ ନୂଆଗାଁ, ଖାସ୍ସା ସାହି, ପାତାଳେଶ୍ୱର ଓ ଆଙ୍କୁଲି ଜଗନ୍ନାଥ ମନ୍ଦିର ନିକଟରେ ତିନି ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ରଥ ଉପରେ ଜଗତକର୍ତ୍ତା ଶ୍ରୀଜିଉଙ୍କ ସୁନାବେଶ ଦେଖି ଭକ୍ତ ଭାବବିହ୍ୱଳ ହୋଇଥିଲେ। ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଭକ୍ତଙ୍କୁ ସୁନାବେଶରେ ତିନି ଠାକୁର ଦର୍ଶନ ଦେଇଥିଲେ। ରଥାରୂଢ଼ ଶ୍ରୀଜିଉଙ୍କୁ ଦର୍ଶନ ଲାଗି ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭକ୍ତଙ୍କ ମନୋରଞ୍ଜନ ଲାଗି ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ଅନୁଷ୍ଠାନ ଓ ପୂଜା କମିଟି ପକ୍ଷରୁ ଭକ୍ତଙ୍କୁ ପ୍ରସାଦ ବଣ୍ଟା ଯାଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଗୋଷାଣୀ ନୂଆଗାଁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ସୁନାବେଶ ଦେଖିବାକୁ ସନ୍ଧ୍ୟାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଭିଡ଼କୁ ଦୃଷ୍ଟିରେ ପୁଲିସ୍ ପକ୍ଷରୁ



ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ମନ୍ଦିରରେ ମୁଖ୍ୟ ପରିଚାଳକ ପଞ୍ଚାନନ ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁନା ବେଶ ସହ ଭଜନ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ସଙ୍ଗୀତ ଗୁରୁ ନିଳାଞ୍ଚଳ ବେହେରା ନେତୃତ୍ୱ ନେଇଥିଲେ। ଏଠାରେ ବ୍ରହ୍ମପୁର ସମେତ ଗଞ୍ଜାମ ଜିଲ୍ଲାର ବହୁ ଗାୟକ ଗାୟିକା ଜଗନ୍ନାଥଙ୍କ ଭଜନ ଗାନ କରି ଖୁସି ଅନୁଭବ କରିଥିଲେ। ସେହିପରି ସହରର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଲୁଟ୍ ମାମଲାରେ ୨ ଗିରଫ

**ବାଲିଗୁଡ଼ା,୨୬।୭/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ଡାମେରିକିଆ ନିକଟ ମାରବାଲିରେ ଜଣେ ସ୍କୁଟି ଆରୋହୀଙ୍କଠାରୁ ଗତ ବୁଧବାର ୨ ଦୁର୍ବୃତ୍ତ ମୋବାଇଲ୍ ଓ ଟଙ୍କା ଲୁଟି ନେଇଥିଲେ। ଉକ୍ତ ମାମଲାରେ ପୁଲିସ୍ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଙ୍ଗଖଣ୍ଡା ସାହିର କିରଣ ସିଂ ପାତ୍ର (୨୫) ଓ ଜିରିଡ଼ିକିଆ ଗ୍ରାମର ରବି ଚନ୍ଦ୍ର ପ୍ରଧାନ (୫୫)। ପୁଲିସ୍‌ର ସୂଚନାନୁସାରେ ଗତ ୨୨ ତାରିଖ ବିଶିପଡ଼ା ଗ୍ରାମର ସଚ୍ଚିନ କୁମାର ସାହାଣୀ ବାଲିଗୁଡ଼ା ବଡ଼ଗାଁରୁ ନିଜ ଗ୍ରାମକୁ ସ୍କୁଟି ଯୋଗେ ଫେରୁଥିଲେ। ରାତି ପ୍ରାୟ ୧୦ଟାରେ ରାଇକିଆ-ସାରଙ୍ଗଗଡ଼ ଛକରେ ଅଭିଯୁକ୍ତ ଦ୍ୱୟ ସଚ୍ଚିନଙ୍କୁ ଏକୁଟିଆ ସ୍କୁଟିରେ ଯିବା ଦେଖି ପିଛା କରିଥିଲେ। ମାରବାଲି ପାଖରେ ସ୍କୁଟିକୁ ଧକ୍କା ଦେଇ ଚାବି ଛଡ଼ାଇ ମାଡ଼ ମାରିବା ସହ ଧମକାଇ ଗୋଟିଏ ମୋବାଇଲ୍ ଓ ୨ ହଜାର ଟଙ୍କା ଲୁଟି ନେଇ ସେଠାରୁ ଫେରାର୍ ହୋଇଯାଇଥିଲେ। ପରେ ହତାଶ ହୋଇ ସଚ୍ଚିନ କ.ନୂଆଗାଁ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ପରେ ଭାରପ୍ରାପ୍ତ ଥାନାଧିକାରୀ ଅଶୋକ କୁମାର ତ୍ରିପାଠୀ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏହାସହ ସେମାନଙ୍କଠାରୁ ବ୍ୟବହୃତ ବାଇକ୍, ମୋବାଇଲ ଫୋନ୍ ଓ ଦୁଇ ହଜାର ଟଙ୍କା ଜବତ କରିଥିଲେ। ତେବେ ଉକ୍ତ ଅଭିଯୁକ୍ତ ପୂର୍ବରୁ ସାରଙ୍ଗଗଡ଼ ଥାନା ଡକାୟତି ମାମଲାରେ ବେଲ୍‌ରେ ଆସି ପୁଣି ଡକାୟତି କରି ଜେଲ୍ ଯାଇଥିବାରୁ ଅଞ୍ଚଳବାସୀ ଆଶ୍ୱସ୍ତ ହୋଇଛନ୍ତି।

## 'ନିଶାମୁକ୍ତ ଭାରତ ଗଠନରେ ଯୁବାଶକ୍ତିର ଭୂମିକା' କାର୍ଯ୍ୟକ୍ରମ




**ଫୁଲବାଣୀ,୨୬।୭/ଏନ୍ଏନ୍ଏସ୍:** ମାଇଁ ଭାରତ କନ୍ଧମାଳ ପକ୍ଷରୁ 'ନିଶାମୁକ୍ତ ଭାରତ ଗଠନରେ ଯୁବଶକ୍ତିର ଭୂମିକା' କାର୍ଯକ୍ରମ ବିଇଡି କଲେଜ ଫୁଲବାଣୀରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରବେଶନାଲ୍ ଆଇଏଏସ୍ ଜସ କିରଣ ସିଂ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ନବକିଶୋର ରଥ, ବରିଷ୍ଠ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ସିଟି କଲେଜର ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର, ବିଏଡ୍ କଲେଜର ପୂର୍ବତନ ଅଧ୍ୟକ୍ଷ ମଧୁପ ସୁନା ଓ ମାଇଁ ଭାରତ ଫୁଲବାଣୀର ଜିଲ୍ଲା ଯୁବ ଅଧିକାରୀ ପ୍ରଶାନ୍ତ କୁମାର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। ଏଥିରେ ଲୋକନୃତ୍ୟ, ଲୋକଗୀତ, ବକ୍ତୃତା, ଚିତ୍ରାଙ୍କନ, ସ୍ଲୋଗାନ୍ ରାଇଟିଙ୍ଗ୍, ପଥପ୍ରାନ୍ତ ନାଟକ, କବିତା ଓ ରିଲ୍ସ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଭାଇଭଉଣୀଙ୍କୁ ମୁଖ୍ୟଅତିଥି ଅବଗତ କରିବା ସହ ଶପଥପାଠ ମଧ୍ୟ କରାଇଥିଲେ। ବିଭିନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ମନୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଅନ୍ତିମ ଭୋଟର୍ ତାଲିକା ପ୍ରକାଶନ ପାଇଁ ପ୍ରସ୍ତୁତି

**ଛତ୍ରପୁର,୨୬।୭/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାର ୧୩ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଅଧୀନରେ ଚାଲିଥିବା ଭୋଟର୍ ତାଲିକା ସମ୍ପର୍କିତ ଆପତ୍ତି, ଅଭିଯୋଗ, ଯାଞ୍ଚ ଓ ଶୁଣାଣି ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରାଯାଇଛି। ଜିଲ୍ଲାରେ ଭୋଟର୍ ତାଲିକା ସଂଶୋଧନ ପାଇଁ ମୋଟ ୫,୨୯,୦୮୬ଟି ନୋଟିସ୍ ସଫଳତାର ସହ ସୃଷ୍ଟି କରାଯାଇଛି। ସେଥିମଧ୍ୟରୁ ୨,୦୦,୭୩୬ଟି ନୋଟିସ୍ ବିତରଣ କରାଯାଇଥିବାବେଳେ ଅବଶିଷ୍ଟ ୩,୨୮,୩୫୦ଟି ନୋଟିସ୍ ବିଏଲ୍ଓ ଓ ନିର୍ବାଚନ କର୍ମଚାରୀମାନେ ଘରକୁ ଘର ଯାଇ ଶୀଘ୍ର ବିତରଣ କରିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଭି କୀର୍ତ୍ତିଭାସନ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ନୋଟିସ୍ ଗୁଡ଼ିକର ଶୁଣାଣି ପ୍ରକ୍ରିୟା ମଧ୍ୟ ସୁଚାରୁଭାବେ ଚାଲିଛି। ଏପର୍ଯ୍ୟନ୍ତ ୫୫,୮୩୧ଟି ନୋଟିସ୍‌ର ଶୁଣାଣି ସମ୍ପନ୍ନ ହୋଇଥିବାବେଳେ ୧,୭୬୨ଟି ମାମଲା ବିଚାରାଧୀନ ରହିଛି। ଯାଞ୍ଚ ପରେ ୩୦୫ଟି ମାମଲାକୁ ଅଯୋଗ୍ୟ ବିବେଚନା କରାଯାଇଛି। ଗଞ୍ଜାମ ଜିଲ୍ଲାର ୧୩ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୨୧,୮୯,୫୩୩ଟି ଆବେଦନ ଅନ୍ତିମ ଭୋଟର୍ ତାଲିକା ପ୍ରକାଶନ ପାଇଁ ସଂରକ୍ଷିତ ରହିଛି। ସେଥିମଧ୍ୟରୁ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୨,୦୦,୪୮୩ଟି ଆବେଦନ ସଂରକ୍ଷିତ ରହିଛି। ସମସ୍ତ ବିଧିବଦ୍ଧ ଯାଞ୍ଚ, ଶୁଣାଣି ଓ ଅନ୍ୟାନ୍ୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଏହି ଆବେଦନଗୁଡ଼ିକୁ ଅନ୍ତିମ ଭୋଟର୍ ତାଲିକାରେ ସ୍ଥାନ ଦିଆଯିବ। ଜିଲ୍ଲାର ସମସ୍ତ ବିଏଲ୍ଓ, ନିର୍ବାଚନ କର୍ମଚାରୀ ଓ ତଦାରଖକାରୀ ଅଧିକାରୀମାନେ ନୋଟିସ୍ ବିତରଣ, କ୍ଷେତ୍ରସ୍ତରୀୟ ଯାଞ୍ଚ ଓ ଶୁଣାଣି କାର୍ଯ୍ୟକୁ ନିଷ୍ଠାର ସହ ସମ୍ପାଦନ କରୁଥିବାରୁ ଜିଲ୍ଲାପାଳ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି। ଅବଶିଷ୍ଟ କାର୍ଯ୍ୟକୁ ମଧ୍ୟ ସମାନ ତତ୍ପରତା ଓ ନିଷ୍ଠାର ସହ ସମାପ୍ତ କରିବାକୁ ସେ ପରାମର୍ଶ ଦେଇଛନ୍ତି।

### କାରଗିଲ୍ ବିଜୟ ଦିବସ

## ସହିଦ୍ ଉମାକାନ୍ତଙ୍କୁ ଝୁରୁଛି ଜନ୍ମମାଟି

**ଆସିକା,୨୬।୭/ଏନ୍ଏନ୍ଏସ୍:** ୧୯୯୯ ମସିହା ଜୁଲାଇ ୨୬ ତାରିଖରେ ପାକିସ୍ତାନ ସେନା ଉପରେ ବିଜୟ ଲାଭ କରି କାରଗିଲ୍‌ରେ ଭାରତୀୟ ସେନା ତ୍ରିରଙ୍ଗା ଉଡ଼ାଇଥିଲା। ଏଥିପାଇଁ ୫୨୭ ଜଣ ବୀର ସୈନିକଙ୍କୁ ବଳିଦାନ ଦେବାକୁ ପଡ଼ିଥିଲା। ପ୍ରାୟ ୨ ମାସ ଧରି ଏହି ଲଢ଼େଇ ଚାଲିଥିଲା। ଏହି ଐତିହାସିକ ବିଜୟ ହାସଲ କରିବା ସ୍ମୃତିରେ ପ୍ରତ୍ୟେକ ବର୍ଷ ଜୁଲାଇ ୨୬ ତାରିଖରେ କାରଗିଲ୍ ବିଜୟ ଦିବସ ପାଳିତ ହେଉଛି।

ଏହି ଅବସରରେ ସାରା ଦେଶରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବା ସହ ବୀର ଯବାନଙ୍କ ସ୍ମୃତିଚାରଣ କରାଯାଇଥାଏ। ଦେଶ ମାତୃକା ଲାଗି ନିଜ ଜୀବନକୁ ବାଜି ଲଗାଇ ସହିଦ ହୋଇଥିବା ଆସିକା ମାଟିର ସୁନା ପୁଅ ଉମାକାନ୍ତ ପଟ୍ଟନାୟକଙ୍କୁ ଆଜି ବି ନିଜ ଜନ୍ମମାଟି ଓ ପରିବାରବର୍ଗ ଝୁରୁଥିବା ଦେଖିବାକୁ ମିଳିଛି। ମାଆ କମଳ କୁମାରୀ ପଟ୍ଟନାୟକ ଆଜି ବି ନିଜର ଛାତିକୁ ପଥର କରି ସହୀଦ ପୁଅ ଉମାକାନ୍ତଙ୍କ ଫଟୋଚିତ୍ରକୁ ପଣତକାନିରେ ପୋଛି ଫୁଲ ମାଳ ଦେଇ ଧୂପ ଦୀପ ଜାଳି ପୂଜାର୍ଚ୍ଚନା କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରୁଛନ୍ତି। ଜଣେ ବୀର ସହିଦ୍ ଯବାନଙ୍କ ପିତା ଭାବେ ରାଜକିଶୋର ପଟ୍ଟନାୟକ ଯେତିକି ଗର୍ବ ଅନୁଭବ କରନ୍ତି ପୁଅର ସେଦିନର କଥା ମନେପଡ଼ିଲେ ନିଜର କୋହକୁ ସମ୍ଭାଳି ପାରୁନଥିବା ଜଣାପଡ଼ିଛି। ଉମାକାନ୍ତ ଗତ ୨୦୦୦ ମସିହା ମେ' ୩୧ ତାରିଖରେ କାରଗିଲ୍ ମାଟିରେ ଶତ୍ରୁପକ୍ଷ ସୈନ୍ୟଙ୍କ ଗୁଳିରେ ସହିଦ ହୋଇଥିଲେ। ସହୀଦ ଉମାକାନ୍ତଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଲୁକା ଛକରେ ଏକ ସ୍ମୃତି ସ୍ତମ୍ଭ ନିର୍ମାଣ କରାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳକୁ ସହିଦ୍ ଉମାକାନ୍ତ ମାର୍ଗରେ ନାମିତ କରିବା ପାଇଁ ସାଧାରଣରେ ଦାବି ହେଉଛି।



### ଆସିକାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

## ଶିକ୍ଷା ବିଭାଗ ପକ୍ଷରୁ ଜାଗା ଚିହ୍ନଟ ପାଇଁ ତତ୍ପରତା ବୃଦ୍ଧି

**ଆସିକା,୨୬।୭/ଏନ୍ଏନ୍ଏସ୍:** ନୂଆ ସରକାର କ୍ଷମତାକୁ ଆସିବା ପରେ ପ୍ରତି ପଞ୍ଚାୟତରେ ପ୍ରାଥମିକ ବିଦ୍ୟାଳୟସ୍ତରରେ ଗୋଟିଏ ଲେଖାଏଁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ଜାନୁୟାରୀ ୭ ତାରିଖରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ ୧୧୮ଟି ଏବଂ ଗତ ଜୁନ୍ ୭ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଶେଷ ହୋଇସାରିଛି। ଏହିକ୍ରମେ ଗଞ୍ଜାମ ଜିଲ୍ଲାରେ ୨ଟି ପର୍ଯ୍ୟାୟରେ ବିଭିନ୍ନ ଅଞ୍ଚଳରେ ୧୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇସାରିଛି। ତେବେ ଆସିକା ବ୍ଲକ୍ ପରିସରଭୁକ୍ତ ୨୭ଟି ପଞ୍ଚାୟତରେ ଆଗାମୀ ଦିନରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଖୋଲିବା ସମ୍ଭାବନା ଥିବାରୁ ପ୍ରଶାସନର ନିର୍ଦ୍ଦେଶକ୍ରମେ ଶିକ୍ଷା ବିଭାଗ ପକ୍ଷରୁ ଜାଗା ଚିହ୍ନଟ ପ୍ରକ୍ରିୟା ପାଇଁ ତତ୍ପରତା




ବୃଦ୍ଧି ପାଇଛି। ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ୍ କୁମାର ପାଢ଼ୀଙ୍କ ପରାମର୍ଶକ୍ରମେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା, ଭଞ୍ଜ ବେହେରା ଓ ଶିବରାମ ବେହେରାଙ୍କ ସମେତ ବିଭାଗୀୟ ପଦାଧିକାରୀଙ୍କ ବ୍ଲକ୍ ପରିସରଭୁକ୍ତ ଅଲିପୁର, ବାବନପୁର, ବଡ଼ଖୋଲି, ବାଲିଛାଇ, ବାଲିସିରା, ବାଙ୍ଗରଡ଼ା, ବରଗାଁ, ବେଣାପାଟ, ଭେଟନଇ, ଚଢ଼େୟାପଲ୍ଲୀ, ଦେବଭୂମି, ଗହଙ୍ଗୁ, ଗଙ୍ଗାପୁର, ଗୁଣ୍ଡପଡ଼ା, ହରିଡ଼ାପଦର, ଜୟପୁର, କାଳଷଣ୍ଡପୁର, କମାଗଡ଼, କେନ୍ଦୁପଦର, ଖଣ୍ଡଦେଉଳୀ, ଖାରିଆ, ମଙ୍ଗଳପୁର, ମୁନିଗାଡ଼ି, ନଳବଣ୍ଟା, ନିମିନା, ପାଣ୍ଡିଆପଥର, ସିଦ୍ଧନଇ ପଞ୍ଚାୟତ ଅଧୀନସ୍ଥ ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ପ୍ରସ୍ତାବିତ ବିଦ୍ୟାଳୟ ଖୋଲିବା ସକାଶେ ଜାଗା ଚିହ୍ନଟ ପାଇଁ ପ୍ରୟାସ ଜାରି ରଖିଥିବା ଜଣାପଡ଼ିଛି।

ପ୍ରକାଶଥାଉକି ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ଦିଗରେ ରାଜ୍ୟ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ଛାତ୍ରଛାତ୍ରୀମାନେ ଅଧିକରୁ ଅଧିକ ସ୍ମାର୍ଟ ହେବାସହ ଉନ୍ନତ ମାନର ଜ୍ଞାନ ଆହରଣ କରିପାରିବେ ବୋଲି କୁହାଯାଉଛି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମିର ବିକାଶ, ସ୍ମାର୍ଟ କ୍ଲାସ୍‌ରୁମ୍, ଗୁଣାତ୍ମକ ଶିକ୍ଷା, ବିଜ୍ଞାନ ଓ ଗବେଷଣା ପରୀକ୍ଷାଗାର, ଖେଳପଡ଼ିଆ ଓ ଖେଳ ଉପକରଣ, ପାର୍କ, ସବୁଜ ପରିବେଶ, ପାଚେରୀ ନିର୍ମାଣ, ଅଡିଟୋରିୟମ୍ ନିର୍ମାଣ ଓ ୪ଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଆଦି ବିଭିନ୍ନ ସୁବିଧା ଉପଲବ୍ଧ ରହିବା ନେଇ ପରିକଳ୍ପନା କରାଯାଇଛି। ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ପାଇଁ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହି ପ୍ରୟାସ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଆସିକା ବିଧାୟକ ସରୋଜ କୁମାର ପାଢ଼ୀଙ୍କୁ ବରିଷ୍ଠ ବିଜେପି ନେତା ନିରଞ୍ଜନ ମହାନ୍ତି, ଶିବ କୁମାର ନାୟକ ଓ ବିଜୟ କୁମାର ସ୍ୱାଇଁ କୃତଜ୍ଞତା ଜଣାଇଛନ୍ତି।

## ଗ୍ରାମ୍ୟ ଉନ୍ନୟନ ସମିତିର ନୂତନ କର୍ମକର୍ତ୍ତା ଚୟନ

**ବୁଗୁଡ଼ା,୨୬।୭/ଏନ୍ଏନ୍ଏସ୍:** ସ୍ଥାନୀୟ ବୀର ଧନଞ୍ଜୟପୁର ଶାସନର ଗ୍ରାମ୍ୟ ଉନ୍ନୟନ ସମିତି ପକ୍ଷରୁ ଲମ୍ବୋଦର ଦାଶଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଗତ ବର୍ଷର ଆୟବ୍ୟୟର ସମୀକ୍ଷା କରିବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ପରିଚାଳନା ସମିତିରେ ଲମ୍ବୋଦର ଦାଶ ସଭାପତି, ସୁରେଶ ଚନ୍ଦ୍ର ଦାଶ ଉପସଭାପତି, ସୁଶାନ୍ତ କୁମାର ଦାଶ ସମ୍ପାଦକ, ଦିବ୍ୟଚରଣ ଦାଶ କୋଷାଧ୍ୟକ୍ଷ ଓ ବୈଷ୍ଣବ ଚରଣ ଦାଶ ସହସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ ସଦସ୍ୟଭାବେ ବିଶ୍ୱମୋହନ ମିଶ୍ର, ରାଜେନ୍ଦ୍ର ପ୍ରସାଦ ଦାଶ, ଲକ୍ଷ୍ମୀକାନ୍ତ ଦାଶ, ସୀତାରାମ ମିଶ୍ର, ସଞ୍ଜୀବ କୁମାର ଦାଶ, ମନୋରଞ୍ଜନ ଦାଶ, ପ୍ରମୋଦ ଦାଶ, ସୀମାଞ୍ଚଳ ଦାଶ, ପ୍ରମୋଦ କୁମାର ଦାଶ ଓ ଗୌରୀ କୁମାର ତ୍ରିପାଠୀଙ୍କୁ ଗ୍ରହଣ କରାଯାଇଥିଲା। ଉକ୍ତ କମିଟି ଗ୍ରାମର ସର୍ବବିଧ ଉନ୍ନତି ସାଧନ କରିବା ସହ ଠାକୁରଙ୍କ ଯାନିଯାତ୍ରାର ସୁପରିଚାଳନା କରିବେ। ସୁରେଶ ଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ।

## ଫୋଟଗ୍ରାଫର୍ ଆସୋସିଏସନ୍ ପକ୍ଷରୁ ପ୍ରସାଦ ବଣ୍ଟନ



**ପାତ୍ରପୁର,୨୬।୭/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ୍ ଜରଡ଼ାଗଡ଼ ପାର୍ଥସାରଥୀ ଧାମରେ ପାତ୍ରପୁର ବ୍ଲକ୍ ଫୋଟଗ୍ରାଫର୍ ଆସୋସିଏସନ୍ ପକ୍ଷରୁ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ବର୍ଷ ଭଳି ଚଳିତ ବର୍ଷ ବାହୁଡ଼ା ଅବସରରେ ପ୍ରସାଦ ବଣ୍ଟା ଯାଇଥିଲା। ସଂଘ ସଭାପତି ନୀଳାଞ୍ଚଳ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇଥିବା ବେଳେ ବ୍ରହ୍ମପୁର ଜିଲ୍ଲା ଫୋଟଗ୍ରାଫର୍ ଆସୋସିଏସନ୍ ସଭାପତି ଗୌରୀ ଶଙ୍କର ମହାକୁଡ଼ ଓ ସ୍ୱତନ୍ତ୍ର ଅତିଥିଭାବେ ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା ଯୋଗ ଦେଇଥିଲେ। ସେହିପରି ଜିଲ୍ଲା ଫୋଟଗ୍ରାଫର୍ ଆସୋସିଏସନ୍‌ର ଅନ୍ୟତମ ସଦସ୍ୟ ବିପିନ ଗୌଡ଼ ଓ ମନ୍ଦିର କମିଟି ସଭାପତି ସନ୍ତୋଷ ପାତ୍ରଙ୍କ ସହ ପାର୍ଥସାରଥୀ ମନ୍ଦିର ପରିଚାଳନା କମିଟି ସହଯୋଗ କରିଥିଲେ। ପାତ୍ରପୁର ଫୋଟୋଗ୍ରାଫର୍ ଆସୋସିଏସନ୍‌ର ଉପସଭାପତି ଅନାଦି ଚରଣ ପଣ୍ଡିତ, ସମ୍ପାଦକ ମନୋରଞ୍ଜନ ରଣା, ମନୋରଞ୍ଜନ ସାହୁ, କୋଷାଧ୍ୟକ୍ଷ ତ୍ରିପତି ସାହୁ, ରାଜେଶ ବେହେରା, ଭାସ୍କର ତିଆରି, ପ୍ରଭାତ ମହାପାତ୍ର, କୁବେର ଆଚାରୀ, ପି ସୁଶାନ୍ତ, ବିବେକ ବେଜ୍, କୃଷ୍ଣ ଶବର, ଟିଟୁ କୁମାର, କୁସି ଦାଶରଥୀ, ଗଣପତି, କାୟା ବାଲରାଜୁ, ରାଜା, ସୁରେନ୍ଦ୍ର ଚୌଧୁରୀ, ଉମାପତି, ଏ ଆପନ୍ନା ଓ ଶିବଶଙ୍କର ସାହୁ ପ୍ରମୁଖଙ୍କ ସହ ସମସ୍ତ ଫୋଟଗ୍ରାଫର୍ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କ୍ଷେମୁଣ୍ଡି ଅଞ୍ଚଳର କଳିଙ୍ଗ ବୈଶ୍ୟ ସମାଜ ଯୁବକ ସଂଘ ପକ୍ଷରୁ ମଧ୍ୟ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶ୍ରୀ ଅଟାଳୀ ଜଗନ୍ନାଥ ଦେବଙ୍କ ରାଜରାଜେଶ୍ୱର ବେଶ



**ଆଠଗଡ଼,୨୫।୭/ଏନ୍‌ଏନ୍‌ଏସ୍‌:** ବହୁଡ଼ିଲେ ଆଠଗଡ଼ର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଅଟାଳୀ ଜଗନ୍ନାଥ ଦେବ ଆଜି ପବିତ୍ର ବାହୁଡ଼ା ଯାତ୍ରା ଭକ୍ତି, ଉତ୍ସାହ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅତ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ପୂର୍ବନିର୍ଦ୍ଧାରିତ ନୀତି ଓ ସମୟସୂଚୀ ଅନୁଯାୟୀ ବଡ଼ପଣ୍ଡା ସୁଶାନ୍ତ କୁମାର ମିଶ୍ରଙ୍କ ସମେତ ସମସ୍ତ ପଣ୍ଡା, ପଢ଼ିଆରୀ, ସେବକ ଓ ମାଳୀମାନଙ୍କ ମିଳିତ ସହଯୋଗରେ ମାଉସୀମା' ମନ୍ଦିରରେ ସମସ୍ତ ନୀତିକାନ୍ତି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଅପରାହ୍ନ ୪ଟାରେ ମହାପ୍ରଭୁ ଅଟାଳି ଜଗନ୍ନାଥ ପହଣ୍ଡି ବିଜେରେ ରଥାରୂଢ଼ ହୋଇଥିବାବେଳେ ସାନ ରଥରେ ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହିତ ଚକ୍ରରାଜ ସୁଦର୍ଶନ ବିରାଜମାନ କରାଯାଇଥିଲା। ପରେ ବିଧିବଦ୍ଧ ଭାବେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶଙ୍ଖ, ଘଣ୍ଟ, ହୁଳହୁଳି ଓ 'ହରିବୋଲ' ଧ୍ୱନିରେ ସମଗ୍ର ପରିବେଶ ମୁଖରିତ ହୋଇଉଠିଥିବା ବେଳେ ହଜାର ହଜାର ଶ୍ରଦ୍ଧାଳୁ ଅତ୍ୟନ୍ତ ଶୃଙ୍ଖଳିତ ଭାବରେ ରଥଟଣାରେ ସାମିଲ ହୋଇଥିଲେ। ପରମ୍ପରା ଅନୁଯାୟୀ ଶ୍ରୀ ଅଟାଳୀ ଜଗନ୍ନାଥ ଦେବଙ୍କ ରଥକୁ ପୁରୁଷ ଭକ୍ତମାନେ ଟାଣିଥିବା ବେଳେ ସାନ ରଥକୁ ମହିଳା ଭକ୍ତମାନେ ଟାଣିଥିଲେ। ବାହୁଡ଼ା ଯାତ୍ରାର ସୁଚାରୁ ପରିଚାଳନା ଓ ସାମଗ୍ରିକ ତଦାରଖ ପାଇଁ ଉପଜିଲ୍ଲାପାଳ ତଥା ଦେବୋତ୍ତର ବିଭାଗ ଅଧିକାରୀ ପ୍ରହ୍ଲାଦ ନାରାୟଣ ଶର୍ମା ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଡେପୁଟି କଲେକ୍ଟର ପ୍ରଭୁଦତ୍ତ ପ୍ରଧାନ ଓ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ଧାରାବିବରଣୀ ପାଠ କରିବାରେ ସୁବାସ ଚନ୍ଦ୍ର ମହାନ୍ତି, ସନ୍ତୋଷ ପଟ୍ଟନାୟକ ଓ ଚିଦାନନ୍ଦ ମିଶ୍ର ସହଯୋଗ କରିଥିଲେ। ପ୍ରଭୁ ଶ୍ରୀଶ୍ରୀ ଅଟାଳୀ ଜଗନ୍ନାଥଙ୍କର ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଯାଇଛି। ରାଜ ପୁରୋହିତ ସୁଶାନ୍ତ ମିଶ୍ରଙ୍କ ପୌରହିତରେ ପ୍ରଭୁଙ୍କର ସମସ୍ତ ରୀତିନୀତି କରାଯାଇ ସୁନାବେଶ କରାଯାଇଥିଲା। ଦେବୋତ୍ତର ପକ୍ଷରୁ ଅତିରିକ୍ତ ତହସିଲଦାର ଶୁଭେନ୍ଦୁ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଶ୍ରୀଜିଉଙ୍କର ସମସ୍ତ ଅଳଙ୍କାର ସ୍ଥାନୀୟ ଟ୍ରେଜେରୀରୁ ଅଣାଯାଇ ପ୍ରଭୁଙ୍କୁ ଲାଗି କରାଯାଇଛି। ଅଳଙ୍କାର ମଧ୍ୟରେ କମରପେଟି, ରାମାନନ୍ଦୀ ଚିତା, ମଟରମାଳ, ବସନୀ,ଚିତା, ଚମ୍ପାଫୁଲ, ପଡକା ପଭୃତି ୬୬୧.୭୫୦ଗ୍ରାମରସୁନା ଏବଂ ୨୦ କେଜିର ରହିଛି। ସେହିଭଳି ସାନରଥ ତଥା ଜଗନ୍ନାଥ ବଲ୍ଲଭମଠର ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସୁଉକିମାଳ, କଦମ୍ବଭରା, ପଦୁକାମାଳ, ଶିରକ୍ଷମାଳ, ଦଳିହରା ଏବଂ ଚିତା ଏଭଳି ୫୩୧.୫୫ ମିଲିଗ୍ରାମର ସୁନାଲାଗି କରାଯାଇ ଥିବାର ଦବୋତ୍ତର ପକ୍ଷରୁ ସୂଚନା ଦିଆଯାଇଛି। ସମସ୍ତ କାର୍ଯ୍ୟକୁ ସୁପରଭାଜର ଭବାନୀ ଶଙ୍କର ପଣ୍ଡା ଓ ବିଭୁତିଭୁଷଣ ପଣ୍ଡା ସହଯୋଗ କରିଥିଲେ। ଏହି ଉପଲକ୍ଷେ ଜଗନ୍ନାଥ କୃପା ପରିଷଦ ପକ୍ଷରୁ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସୁନାବେଶକୁ ନଜରରେ ରଖି ଆଠଗଡ ଉପଖଣ୍ଡ ଆରକ୍ଷି ଅଧିକ୍ଷକ ରବିନ୍ଦ୍ର କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ ଏବଂ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ତତ୍ତ୍ୱବଧାନରେ ଆବଶ୍ୟକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ସୂର୍ଯ୍ୟମନ୍ଦିର ବୁଲିବାକୁ ଆସି ପର୍ଯ୍ୟଟକ ନିଖୋଜ



**କୋଣାର୍କ,୨୫।୭/ଏନ୍‌ଏନ୍‌ଏସ୍‌:** ଶନିବାର ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲିବାକୁ ଆସିଥିବା ସୋନପୁର ଜିଲ୍ଲା ଡୁଙ୍ଗୁରୁପାଲି ଥାନା ଅଧିନ ସରଗୁଲ ଗ୍ରାମର ଯୁଗଳ ଭୋଇ(୬୦) ନାମକ ଜଣେ ବୃଦ୍ଧ ପର୍ଯ୍ୟଟକ ନିଜ ଗ୍ରାମର ସାଥି ମାନଙ୍କ ସହ ଏକ ବସ୍‌ରେ ଆସିଥିଲେ। ସକାଳ ୮ଘଟିକାରେ କୋଣାର୍କରେ ପହଞ୍ଚି ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ବୁଲି ସାରି ସମସ୍ତେ ବସ୍‌କୁ ଫେରିଥିଲା ବେଳେ ଯୁଗଳ ଆଉ ଫେରି ନଥିଲେ। ସେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ବସ୍‌ରେ ଥିବା ଅନ୍ୟ ସାଥୀମାନେ କୋଣାର୍କର ସମସ୍ତ ସ୍ଥାନଗୁଡିକୁ ଟିକିନିଖି ବୁଲି ଖୋଜି ପାଇନଥିଲେ। ନିଖୋଜ ଥିବା ବୃଦ୍ଧ ଯୁଗଳ ଏକ କଳା ପ୍ୟାଣ୍ଟ, ଧଳା ସାର୍ଟ ଓ ଏକ ଧଳା ଗାମୁଛା ବେକରେ ପକାଇଥିବା ସାଥୀମାନେ ପ୍ରକାଶ କରିଥିଲେ। ଶେଷରେ ବାଧ୍ୟହୋଇ ସାଥୀମାନେ ନିଖୋଜ ଥିବା ନେଇ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କୋଣାର୍କ ଥାନା ପକ୍ଷରୁ ଏ ନେଇ ଏକ ମାମଲା ରୁଜୁକରି ନିଖୋଜ ବୃଦ୍ଧାଙ୍କୁ ଉଦ୍ଧାର ପାଇଁ ତଦନ୍ତ ଚାଲିଥିବା କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ ପଢିହାରୀ ପ୍ରକାଶ କରିଛନ୍ତି।

## ଦୁଇ କୃତୀ ଛାତ୍ରୀଙ୍କୁ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ତରଫରୁ ସମ୍ବର୍ଦ୍ଧନା



**ବୟାଳିଶମୌଜା,୨୫।୭/ଏନ୍‌ଏନ୍‌ଏସ୍‌:** କଟକ ସଦର ୪୨ ମୌଜାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ' ଆନୁକୂଲ୍ୟରେ କଟକ ଜିଲ୍ଲାର ଦୁଇ ଜଣ କୃତୀ ଛାତ୍ରୀ ଅଭିଷିକ୍ତା ପଟ୍ଟନାୟକ ଓ ଅଂଶୀତା ପଟ୍ଟନାୟକଙ୍କୁ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ସମ୍ମାନିତ କରାଯାଇଛି। ସି.ଡି.ଏ. ସେକ୍ଟର-୮ ସ୍ଥିତ ରତିରଞ୍ଜନ ପଟ୍ଟନାୟକଙ୍କ ବାସଭବନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇ ଭଉଣୀଙ୍କ ପ୍ରଶଂସନୀୟ ସଫଳତା ବିଷୟରେ ଖବର ପାଇ ଦୀପ୍ତିକାନ୍ତ ମହାନ୍ତିଙ୍କ ସହଯୋଗରେ ପ୍ରତିଷ୍ଠାନର ସମସ୍ତ କର୍ମକର୍ତ୍ତା ସେଠାରେ ପହଞ୍ଚି ଏହି ସମ୍ବର୍ଦ୍ଧନା ସଭାର ଆୟୋଜନ କରିଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ କୃତୀ ଛାତ୍ରୀଙ୍କ ସଫଳତା ପିଏମଶ୍ରୀ କେ.ଭି.-୧ରୁ ସାନ ଭଉଣୀ ଅଭିଷିକ୍ତା ପଟ୍ଟନାୟକ ଦଶମ ଶ୍ରେଣୀରେ ୯୯% ମାର୍କ ରଖିଥିବା ବେଳେ ବଡ଼ ଭଉଣୀ ଅଂଶୀତା ପଟ୍ଟନାୟକ ଦ୍ୱାଦଶ ବିଜ୍ଞାନରେପିଏମଶ୍ରୀ କେ.ଭି. ୩ ମୁଣ୍ଡଳୀରୁ ୯୭% ମାର୍କ ରଖି ନିଜ ପରିବାର ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଯୁବ ସମାଜସେବୀ ମିର୍ଜା ସରାଫତ ବେଗ ସଭା ପରିଚାଳନା କରିବା ସହ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଅନୁଷ୍ଠାନର ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି ଦୁଇ ଭଉଣୀଙ୍କୁ ଦୁହିଁଙ୍କ ଲୁଚିରହିଥିବା ପ୍ରତିଭାକୁ ତ୍ୱରାନ୍ୱିତ କରିବା ପାଇଁ ଉପଦେଶ ଦେଇଥିଲେ। ବାୟୁସେନା ଓ ଷ୍ଟେଟ୍‌ ବ୍ୟାଙ୍କ ଅଫ୍‌ ଇଣ୍ଡିଆରୁ ଅବସରପ୍ରାପ୍ତ ମନୋରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଦ୍ୱୟଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ତରଫରୁ ସମ୍ମାନପ୍ରଦାନ ଦୁଇ କୃତୀ ପ୍ରତିଭାଙ୍କୁ ମୁକୁଟ, ଉତ୍ତରୀୟ, ଟ୍ରଫି, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ପରେ ଅଭିଷିକ୍ତା ନିଜର ସୁନ୍ଦର ଏକକ ଅଭିନୟ ପରିବେଷଣ କରି ଉପସ୍ଥିତ ସମସ୍ତ ଦର୍ଶକଙ୍କୁ ବିମୋହିତ କରିଥିଲେ। ଶେଷରେ ରବୀନ୍ଦ୍ର କୁମାର ଦେବତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ପିତା ରତିରଞ୍ଜନ ପଟ୍ଟନାୟକ ମାତା ବରିଷ୍ଠ ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ଦାସଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ବାହୁଡ଼ା ଯାତ୍ରା ଶାନ୍ତିଶୃଙ୍ଖଳାରେ ସମାପନ

**ଖୋର୍ଦ୍ଧା,୨୫।୭/ଏନ୍‌ଏନ୍‌ଏସ୍‌:** ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଯାଇଛି। ପ୍ରତ୍ୟୁଷରୁ ମହା ପ୍ରଭୁଙ୍କ ମାଉସୀ ମା' ଘର ଯାଗେଶ୍ୱରୀ ମନ୍ଦିରରେ ନିର୍ଦ୍ଧାରିତ ରୀତିନୀତି ଅନୁଯାୟୀ ସେବାୟତମାନେ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ସେବା ସମ୍ପନ୍ନ କରିଥିଲେ। ଅପରାହ୍ନ ୨ଟାରୁ ୪ଘଟିକା ସମୟରେ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ପହଣ୍ଡି ବିଜେ ହୋଇଥିଲା। ମହାପ୍ରଭୁଙ୍କ ଛେରା ପହଁରା ସାଂସଦ ପ୍ରସନ୍ନ କୁମାର ପାଟଶାଣୀ ନିର୍ବାହ କରିଥିଲେ। ହରିବୋଲ ହୁଳହୁଳି, ମୃଦଙ୍ଗ, ଘଣ୍ଟ ଘଣ୍ଟି ନାଦରେ ପରିବେଶ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ପୂର୍ଣ୍ଣ ହୋଇଥିଲା। ପାଗ ଅନୁକୂଳ ଥିବାରୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ହଜାର ହଜାର ଲୋକ ଏହି ବାହୁଡ଼ା ଯାତ୍ରାରେ ଯୋଗଦେଇ ବିଭୁ କୃପା ଲାଭ କରିଥିଲେ। ପୋଲିସ୍‌ ପ୍ରଶାସନ ପକ୍ଷରୁ ଉପଖଣ୍ଡ ପୋଲିସ୍‌ ଅଧିକାରୀ ପଙ୍କଜ ମାଝୀ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ ଆଇନଶୃଙ୍ଖଳା ପରିସ୍ଥିତି ପରିଚାଳନା କରିଥିଲେ। ଉପଜିଲ୍ଲାପାଳ ଏବଂ ଉପଖଣ୍ଡ ମାଜିଷ୍ଟ୍ରେଟ ସଂକଳ୍ପ ସ୍ୱସ୍ତିକ ସାହୁଙ୍କ ତତ୍ତ୍ୱାବଧାନରେ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ବାହୁଡ଼ା ଯାତ୍ରା ପାରମ୍ପରିକ ନୀତି ରୀତିରେ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା ସେବା, ଅଗ୍ନିଶମ ସେବା, ସୂଚନାକେନ୍ଦ୍ର ସେବା, ପାନୀୟ ଜଳ ଯୋଗାଣ ସେବା ସହ ଅତ୍ୟାବଶ୍ୟକ ସେବା ଯୋଗାଇ ଦିଆଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ପରିଚାଳନାରେ ଭ୍ରାମ୍ୟମାଣ ସୂଚନା କେନ୍ଦ୍ରରେ ରାଜ୍ୟ ସରକାରଙ୍କ ମୁଖପତ୍ର ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ବିକ୍ରୟ କରାଯିବା ସହ ରାଜ୍ୟ ସରକାରଙ୍କ ଅଗ୍ରଣୀ ଯୋଜନା ସମ୍ବନ୍ଧୀୟ ସୂଚନା ତଥା ଅଗ୍ରଣୀ ଯୋଜନାର ହିତାଧିକାରୀମାନଙ୍କ ସଫଳ କାହାଣୀ ପୁସ୍ତିକା 'ପ୍ରଗତି ପ୍ରବାହ' ବଣ୍ଟନ କରାଯାଇଥିଲା। ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ, ଯାଗୁଳି ପାଟଣା ମନ୍ଦିର ପରିଚାଳନା କମିଟି ସମସ୍ତ ସଭ୍ୟ ବୃନ୍ଦ, ସେବାୟତ ବୃନ୍ଦଙ୍କ ଦ୍ୱାରା ମହାପ୍ରଭୁଙ୍କ ରୀତିନୀତି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ସନ୍ଧ୍ୟାରେ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ପବିତ୍ର ବାହୁଡ଼ା ଯାତ୍ରାରେ ଖୋରଧା ସହରର ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ପଞ୍ଚାୟତିରାଜ ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।

## ସାଇ ବଜାର କମିଟି ଗଠିତ

**ଅସ୍ତରଙ୍ଗ,୨୫।୭/ଏନ୍‌ଏନ୍‌ଏସ୍‌:** କାକଟପୁର ମେଡିକାଲ ଛକରୁ ସ୍ୱମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଥିବା ବ୍ୟବସାୟୀମାନଙ୍କୁ ନେଇ 'ସାଇ ବଜାର କମିଟି' ନାମରେ ଏକ ନୂତନ ବଜାର କମିଟି ଗଠନ କରାଯାଇଛି। ଶୁକ୍ରବାର ସ୍ଥାନୀୟ ମୋତି ମଣ୍ଡପଠାରେ ଆୟୋଜିତ ବ୍ୟବସାୟୀମାନଙ୍କ ସାଧାରଣ ବୈଠକରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବୈଠକରେ ବରିଷ୍ଠ ତଥା ପୁରାତନ ବ୍ୟବସାୟୀ କବିରାଜ ବିଶ୍ୱାଳଙ୍କୁ ସଭାପତି, ମହମ୍ମଦ ସବୀର ଖାଁଙ୍କୁ ଉପସଭାପତି, ଶେଖ ଜୁନେଦଙ୍କୁ ସମ୍ପାଦକ, ପ୍ରକାଶ ଚନ୍ଦ୍ର ଦାଶଙ୍କୁ ସହ-ସମ୍ପାଦକ ଏବଂ ବାପି ବିଶ୍ୱାଳଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ସେହିପରି ନରେଶ ମହାନ୍ତି ସୁବାଷ ସ୍ୱାଇଁ ଓ ଦିଲ୍ଲୀପ ବରାଳଙ୍କୁ କମିଟିର ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ୨ନବଗଠିତ କମିଟି ବଜାରର ସୁପରିଚାଳନା, ବ୍ୟବସାୟୀମାନଙ୍କ ସ୍ୱାର୍ଥର ସୁରକ୍ଷା, ପରସ୍ପର ସହଯୋଗ ଏବଂ ବଜାରର ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ନୂତନ କମିଟି ଗଠନକୁ ସ୍ଥାନୀୟ ବ୍ୟବସାୟୀ ମହଲରେ ସ୍ୱାଗତ କରାଯାଇଛି।

## ବ୍ରାଉନ୍‌ସୁଗର୍‌ ଜବତ, ନାବାଳକ ଅଟକ

**ଖୋର୍ଦ୍ଧା,୨୫।୭/ଏନ୍‌ଏନ୍‌ଏସ୍‌:** ଖୋର୍ଦ୍ଧା ଜିଲ୍ଲାରେ ନିଶାଦ୍ରବ୍ୟ କାରବାର ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ଚାଲିଥିବା ଅଭିଯାନ ମଧ୍ୟରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ଖୋର୍ଦ୍ଧା ଅବକାରୀ ଥାନାର ସ୍ୱତନ୍ତ୍ର ଚଢ଼ାଉ ବେଳେ ୭୫ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯିବା ସହ ଏହି କାରବାରରେ ସଂପୃକ୍ତ ଥିବା ଜଣେ ୧୭ ବର୍ଷୀୟ ନାବାଳକଙ୍କୁ ଅଟକ ରଖାଯାଇଛି। ଜବତ ବ୍ରାଉନ୍ ସୁଗାରର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୭ଲକ୍ଷ ୫୦ହଜାର ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଅବକାରୀ ବିଭାଗ ସୂଚନା ଅନୁଯାୟୀ, ବିଶ୍ୱସ୍ତ ସୂତ୍ରରୁ ତଡିମୁଣ୍ଡିଆ ହନୁମାନ ମନ୍ଦିର ନିକଟସ୍ଥ ରାସ୍ତାରେ ବ୍ରାଉନ ସୁଗାର କାରବାର ଚାଲିଥିବା ସମ୍ପର୍କରେ ଖବର ମିଳିବା ପରେ ଖୋର୍ଦ୍ଧା ଅବକାରୀ ଥାନାର ଏକ ସ୍ୱତନ୍ତ୍ର ଟିମ୍ ତୁରନ୍ତ ଚଢ଼ାଉ କରିଥିଲା। ଏହି ସମୟରେ ସନ୍ଦିଗ୍ଧ ଭାବେ ମୋଟରସାଇକେଲରେ ଯାଉଥିବା ନାବାଳକଙ୍କୁ ଅଟକାଇ ତଲାସୀ ନିଆଯାଇଥିଲା। ତଲାସୀ ବେଳେ ତା ନିକଟରୁ ୭୫ ଗ୍ରାମ ବ୍ରାଉନ୍ ସୁଗାର ଜବତ ହୋଇଥିଲା। ଏହାସହ ନିଶାଦ୍ରବ୍ୟ ପରିବହନରେ ବ୍ୟବହୃତ ଏକ ହିରୋ ସ୍ପ୍ଲେଣ୍ଡର ପ୍ଲସ୍ ମୋଟରସାଇକେଲ ଏବଂ ଏକ ସ୍ମାର୍ଟଫୋନ ମଧ୍ୟ ଜବତ କରାଯାଇଛି। ଜବତ ହୋଇଥିବା ମୋବାଇଲ ଫୋନରୁ ନିଶା କାରବାର ସହ ଜଡ଼ିତ ଅନ୍ୟ ବ୍ୟକ୍ତି ଓ ସମ୍ଭାବ୍ୟ ସଂପୃକ୍ତି ସମ୍ପର୍କରେ ତଥ୍ୟ ମିଳିପାରେ ବୋଲି ଅବକାରୀ ବିଭାଗ ଆଶା ପ୍ରକାଶ କରିଛି। ଫୋନର ଡିଜିଟାଲ ତଥ୍ୟର ଫରେନ୍ସିକ୍ ଯାଞ୍ଚ ସହ ବିସ୍ତୃତ ତଦନ୍ତ ଚାଲିଛି।


ଏହି ଘଟଣାରେ ଖୋର୍ଦ୍ଧା ଅବକାରୀ ଥାନାରେ ମାମଲା ରୁଜୁ କରାଯାଇଛି। ନାବାଳକ ହୋଇଥିବାରୁ ତା ବିରୋଧରେ ଜୁଭେନାଇଲ ଜଷ୍ଟିସ୍ ଆଇନ ଅନୁଯାୟୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇ ତାକୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯିବ ବୋଲି ଅଧିକାରୀମାନେ କହିଛନ୍ତି। ଚଢ଼ାଉର ନେତୃତ୍ୱ ଖୋର୍ଦ୍ଧା ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ସୁଜିତ କୁମାର ନାଗ ନେଇଥିଲେ। ତାଙ୍କ ସହ ଏ.ଏସ୍.ଆଇ. ଜିତେନ୍ଦ୍ର ବେହେରା, କନଷ୍ଟେବଲ ଟିଟୁ ସାହୁ, ପ୍ରଣବ ବେହେରା ଏବଂ ଲେଡି କନ୍‌ଷ୍ଟେବଲ ଚିନ୍ମୟୀ ସେଠୀ ସାମିଲ ହୋଇଥିଲେ।

## ବେଆଇନ୍ କୋଠା ଉପରେ କାର୍ଯ୍ୟାନୁଷ୍ଠାନ ନହେଲେ ଅନଶନ ଚେତାବନୀ

**ନୟାଗଡ଼,୨୫।୭/ଏନ୍‌ଏନ୍‌ଏସ୍‌:** ନୟାଗଡ଼ ମୁନିସିପାଲିଟିର ନଗରପାଳ ନିରୂପମା ଖଟେଇ ନିଜ କ୍ଷମତାର ଅପବ୍ୟବହାର କରି ସରକାରୀ ଜାଗାରେ ୩ ମହଲା କୋଠା ନିର୍ମାଣ କରିବା ଘଟଣା ଯେତିକି ସମ୍ବେଦନଶୀଳ ସେତିକି ନୟାଗଡ଼ ମ୍ୟୁନିସିପାଲିଟିର କାର୍ଯ୍ୟ ଆହୁରି ସନ୍ଦେହଜନକ। ନଗରପାଳ ୪ବର୍ଷର ଶାସନକାଳ ଭିତରେ ନିଜର କ୍ଷମତାକୁ ଅପବ୍ୟବହାର କରିବା ଏବଂ ତତ୍କାଳୀନ ଓ ବର୍ତ୍ତମାନର ନିର୍ବାହୀ ଅଧିକାରୀ ଚୁପ୍ ରହିବା ଘଟଣା ନୟାଗଡ଼ବାସୀଙ୍କୁ ବେଶୀ ସନ୍ଦେହରେ ପକାଇଛି। ୫ ଡେସିମିଲି ପରିମିତ ଜାଗାରେ ନଗରପାଳଙ୍କ ସ୍ୱାମୀ ଶ୍ରୀକାନ୍ତ ଖଟେଇ କୋଠା ନିର୍ମାଣ କରିଥିବାବେଳେ ତାହା ପାର୍ଶ୍ୱରେ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ନବୀନ କଲ୍ୟାଣ ମଣ୍ଡପର ୬୩ ଡେସିମିଲିରୁ ୩ ଡେସିମିଲି ଜବରଦଖଲ କରି କୋଠା ନିର୍ମାଣ କରି କୋଠାରେ ନଗରପାଳ ରହୁଥିବାବେଳେ ମ୍ୟୁନିସିପାଲିଟିକୁ କେମିତି ଦେଖାଗଲା ନାହିଁ ସେ ନେଇ ସମସ୍ତେ ଏବେ ନିନ୍ଦା କରିଛନ୍ତି। ଯେଉଁଠି ନୟାଗଡ଼ ମ୍ୟୁନିସିପାଲିଟି ସାଧାରଣ ଗରିବ ଲୋକର ଏବଂ ବୁଲା ବିକାଳିଙ୍କର ଦୋକାନ ଘର ଭାଙ୍ଗୁଛି, ବିନା ହୋଲଡିଂରେ ଯଦି କେହି ଘର କରିଛି ତାକୁ ନୋଟିସ ଦେଇ ଜୋରିମାନା କରୁଛନ୍ତି, ତେବେ ବିନା ଆପ୍ରୁଭାଲରେ ଯେ ଘର ନିର୍ମାଣ ହୋଇଛି, ଆଉ ମ୍ୟୁନିସିପାଲିଟି କେମିତି ଚୁପ୍ ରହିଲା ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ବର୍ତ୍ତମାନ ସେହି ଜାଗାକୁ ନେଇ ମଧ୍ୟ ଆହୁରି ଅନେକ ସନ୍ଦେହ ସୃଷ୍ଟି ହୋଇଛି। ଶ୍ରୀକାନ୍ତ କୁମାର ଖଟେଇ ତହସିଲଦାର କୋର୍ଟରେ ହାଜର ହୋଇ ପକ୍ଷ ରଖିଛନ୍ତି ଯେ, ସେହି ଜାଗା ଦେବୋତ୍ତର ଜାଗା। କିନ୍ତୁ ଏହା ଦେବୋତ୍ତର ଜାଗାର କୌଣସି ଅଂଶ ବିଶେଷ ନାହିଁ। ଦେବୋତ୍ତର ବିଭାଗ ପ୍ରତ୍ୟେକ ମାସରେ ୧୩୪ ନଂ. ପ୍ଲଟରେ ୧ ଡେସିମିଲି ଜାଗା ଗୋପୀନାଥଜିଉଙ୍କ ବୋଲି ଦର୍ଶାଇଥିବାବେଳେ ୧୩୪ ନଂ. ପ୍ଲଟ ଜଗନ୍ନାଥ ମହାପ୍ରଭୁଙ୍କ ଜମି ରହିଛି ବୋଲି ରେକର୍ଡ ଅଛି। କିନ୍ତୁ ଗୋପୀନାଥଜିଉଙ୍କ ଜମି କେଉଁଠୁ ଆସିଲା ତାକୁ ନେଇ ସନ୍ଦେହ ଦେଖାଦେଇଛି। ଦେବୋତ୍ତର ବିଭାଗ ଗୋପୀନାଥ ଜିଉଙ୍କ ନାମରେ ଟିକସ କାଟୁଛି। ଏପଟେ ନଗର ଉନ୍ନୟନ ବିଭାଗ ଅଧୀନରେ ଏହି ଜମି ଥିବାବେଳେ ଏହା ମ୍ୟୁନିସିପାଲିଟିର। ନଗରପାଳ ଦଖଲ କରି ଏଠାରେ କୋଠା କରିଛନ୍ତି। ନିଜ ବିଭାଗକୁ ସୁରକ୍ଷା ଦେବା ବେଳେ ସେହି ବିଭାଗର ସମ୍ପତ୍ତିକୁ ଜବରଦଖଲ କରି କୋଠା ନିର୍ମାଣ କରିବା କେତେଦୂର ଯୁକ୍ତିଯୁକ୍ତ ତାକୁ ନେଇ ପ୍ରଶ୍ନ ହୋଇଛି। ଏଭଳି ସ୍ଥଳରେ ମୁନିସିପାଲିଟି ଆକ୍ଟ ଅନୁସାରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଯେକୌଣସି ଜବରଦଖଲକାରୀଙ୍କୁ ନୋଟିସ୍ ଦେବା କଥା। ୨୪ଘଣ୍ଟା ଭିତରେ ଜବରଦଖଲକାରୀଙ୍କ ଠାରୁ ଜମି ଉଚ୍ଛେଦ କରିବା କଥା। କିନ୍ତୁ ଗୋଟିଏ ବର୍ଷ ବିତିଲାଣି ନଗରପାଳ ଦଖଲ କରିଥିଲେ ବି ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ କିମ୍ବା ତାଙ୍କ ୱାର୍ଡ ଅଫିସର ନିଜ ବିଭାଗର ଜମିକୁ ଦଖଲମୁକ୍ତ କରିନାହାନ୍ତି। ଏଭଳି ଅବ୍ୟବସ୍ଥା ଭିତରେ ମ୍ୟୁନିସିପାଲିଟି ତହସିଲଦାରଙ୍କ ଉପରେ ଦୋଷ ଲଦିଦେଇ ଖସିଯିବାକୁ ଉଦ୍ୟମ କରୁଥିବା ପଦାକୁ ଆସିଛି। ଏ ନେଇ ବରିଷ୍ଠ ନାଗରିକ ପ୍ରମୋଦ କୁମାର ପଟ୍ଟନାୟକ ଏହି ମର୍ମରେ ନୟାଗଡ଼ ମୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ଏକ ଚରମ ପତ୍ର ଦେଇଛନ୍ତି। ଏହି ଚରମ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ଆର୍‌ଡିସି, ନଗର ଉନ୍ନୟନ ବିଭାଗ ସଚିବ, ନୟାଗଡ଼ ଜିଲ୍ଲାପାଳ ଏବଂ ସମସ୍ତ ଗଣମାଧ୍ୟମକୁ ପ୍ରଦାନ କରିଛନ୍ତି। ଯଦି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନ ହୁଏ ତାହାହେଲେ ସେ ଅନଶନ କରିବେ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି।

### କୋଣାର୍କ ରାଜାରାମ ମଠରେ ରଥଯାତ୍ରା

## ସୁନାରେ ଝଲସିଲେ ଚତୁର୍ଦ୍ଧାମୂର୍ତ୍ତି



**କୋଣାର୍କ,୨୫।୭/ଏନ୍‌ଏନ୍‌ଏସ୍‌:** କୋଣାର୍କ ରାଜାରାମ ମଠରେ ପ୍ରତିବର୍ଷ ପରି ଚଳିତବର୍ଷ ରଥଯାତ୍ରା ଉପଲକ୍ଷେ ଆଜି ଶନିବାର ବଡଏକାଦଶୀ ତିଥି ଆଷାଢ଼ ମାସ ଶୁକ୍ଳପକ୍ଷରେ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ରଥାରୂଢ ଚତୁର୍ଦ୍ଧା ମୂର୍ତ୍ତିଙ୍କର ରୀତିନୀତି ଅନୁଯାୟୀ ଦିବା ୫ଘଟିକା ସମୟରେ ସୁନ୍ଦର ଭାବେ ବିଭିନ୍ନ ପ୍ରକାରର ସ୍ୱର୍ଣ୍ଣ ଅଳଙ୍କାରରେ ସୁସଜ୍ଜିତ କରାଯିବାପରେ ସନ୍ଧ୍ୟାରେ 'କୋଣାର୍କ ସୁନାବେଶ ଭଜନ ସନ୍ଧ୍ୟା କମିଟି' ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ୧୭ତମ' ସୁନାବେଶ ଭଜନ ସମାରୋହ ଜଗନ୍ନାଥ ମନ୍ଦିର ସମ୍ମୁଖ ବଡଦାଣ୍ଡ ଉପରେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ଉପସ୍ଥିତିରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲା। ଓଡ଼ିଶାର ପ୍ରତିଷ୍ଠିତ ସୁନାମଧନ୍ୟ କଣ୍ଠ ଶିଳ୍ପୀ ଜୟଦେବ ମିଶ୍ରଙ୍କ ଦ୍ୱାରା ପରିଚାଳିତ ଅର୍କକ୍ଷେତ୍ର ଭଜନ ସନ୍ଧ୍ୟା ଗ୍ରୁପ ପକ୍ଷରୁ ସୁନାମଧନ୍ୟ କଣ୍ଠ ଶିଳ୍ପୀ ଅଲିଭା ସ୍ମୃତି, ସୁଶ୍ରୀ ଗୀତି ଶ୍ରୀ ,ଦିପୁନା, ସଚିନ କୁମାର ରଥ ପ୍ରମୁଖ କଣ୍ଠଶିଳ୍ପୀ ମାନେ ସୁମଧୁର ଭଜନ ପରିବେଷଣ ଉପସ୍ଥିତ ଭକ୍ତଙ୍କୁ ଭଜନ ମାଧ୍ୟମରେ ଭକ୍ତି ରସରେ ବାନ୍ଧି ରଖିଥିଲେ। ଭଜନ ସମାରୋହକୁ କୋଣାର୍କ ସୁନାବେଶ ଭଜନ ସନ୍ଧ୍ୟା କମିଟିର ସଭାପତି ବୀରବର ସ୍ୱାଇଁ, ସମ୍ପାଦକ ସ୍ୱାଧୀନ କୁମାର ନାୟକ, କୋଷାଧ୍ୟକ୍ଷ ଅଜିତ କୁମାର ବାରିକ, ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି, ପ୍ରସନ୍ନ ମହାନ୍ତି, ରାଜେଶ କୁମାର ସାହୁ, ଶିବ ମହାନ୍ତି, ଏନ୍ ତାତାଜି ସୁବୋଧ କୁମାର ଖଟୁଆ, ଦେବପ୍ରସାଦ ବେଉରା, ବିଭଶଦେବ ମହାପାତ୍ର, ଜିତେନ୍ଦ୍ର ଖଟୁଆଙ୍କ ସମେତ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## କାର୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

**ପିପିଲି,୨୫।୭/ଏନ୍‌ଏନ୍‌ଏସ୍‌:** ଭୁବନେଶ୍ୱର ପୁରୀ ଜାତୀୟ ରାଜପଥ ପିପିଲି ଥାନା ସାତଶଙ୍ଖ ଫାଣ୍ଡି ଅଧିନସ୍ଥ ଡେଇଁଶିପୁର ବଜାର ନିକଟରେ ଜଣେ ମହିଳାଙ୍କୁ କାର୍ ଧକ୍କାଦେବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ମୃତ ମହିଳା ହେଲେ ନୟାଗଡ଼ ଥାନା ଅନ୍ତର୍ଗତ ଜୟପୁର ଗ୍ରାମର ପ୍ରତିମା ବେହେରା (୪୭) ବୋଲି ପୋଲିସକୁ ପରିଚୟ ମିଳିଛି। ସେ ତାଙ୍କ ଦିଅରଙ୍କ ସହିତ ବାଇକ୍ ଯୋଗେ ଶ୍ରୀଜିଉଙ୍କ ସୁନାବେଶ ଦେଖିବା ପାଇଁ ପୁରୀ ଯାଉଥିଲେ। ଡେଇଁଶିପୁର ଛକ ନିକଟରେ କାର ଧକ୍କା ଦେବାରୁ ମହିଳା ଜଣକ ତଳେ ପଡ଼ି ଯାଇଥିଲେ। ତାଙ୍କ ଉପରେ କାର୍ ଚକା ମାଡ଼ି ଯାଇଥିଲା। ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୁନାବେଶ ପାଇଁ ପାଟ୍ରୋଲିଂ କରୁଥିବା ବେଳେ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ପୋଲିସ ଭ୍ୟାନ ଯୋଗେ ନିକଟସ୍ଥ ମଙ୍ଗଳପୁର ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ସାତଶଂଖ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପରିଡା ମେଡିକାଲ୍‌ରେ ପହଞ୍ଚି ମୃତ ଶରୀର ଜବତକରି ବ୍ୟବଚ୍ଛେଦ ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

### ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଠଚକ୍ର ହଲ୍‌ରେ ସାହିତ୍ୟୋତ୍ସବ

## ଉପନ୍ୟାସ 'ଅପରପକ୍ଷ' ଉନ୍ମୋଚିତ, ବୃକ୍ଷରୋପଣ



**ସାକ୍ଷୀଗୋପାଳ,୨୫।୭/ଏନ୍‌ଏନ୍‌ଏସ୍‌:** ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଠଚକ୍ର ହଲରେ ଔପନ୍ୟାସିକ କାଳନ୍ଦୀ ସାମଲଙ୍କ ଉପନ୍ୟାସ 'ଅପରପକ୍ଷ'ର ଶୁଭ ଉନ୍ମୋଚନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ପରିଚୟ ପ୍ରଦାନ ଓ ଅତିଥି ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ପରେ ପରେ ଅତିଥିମାନଙ୍କଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ପିଲାମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପରେ ପରେ ଅଜିତ ଦାସ, ମ୍ୟାନେଜିଂ ଟ୍ରଷ୍ଟି ସାରଳା ଭାଷା ସାହିତ୍ୟ ଓ ପୁରାତତ୍ତ୍ୱ ଗବେଷଣାନ୍ୟାସ, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହା ପରେ ଅତିଥିମାନଙ୍କ ଦ୍ୱାରା 'ଅପରପକ୍ଷେ' ତଥା ବିଶ୍ୱବିଦ୍ୟାଳୟର 'ନିୟୁଜ୍ ବୁଲେଟିନ୍'ର ଶୁଭ ଉନ୍ମୋଚନ କରାଯାଇଥିଲା। ଲେଖକୀୟ ଅଭିଭାଷଣରେ କାଳନ୍ଦୀ ସାମଲ ପୁସ୍ତକ ରଚନାର ପୃଷ୍ଠଭୂମି ତଥା ସଂପ୍ରତିକ ସମୟ ପାଇଁ ଏହାର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ। ପୁସ୍ତକ ସମୀକ୍ଷକ ଭାବରେ ଡ. ବିକ୍ରମ କେଶରୀ ଜେନା ପୁସ୍ତକର ଆଙ୍ଗିକ ଓ ଆତ୍ମିକ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ପ୍ରୀତିରାଜ ଶତପଥୀ ତାଙ୍କ ଭାଷଣରେ ପ୍ରକୃତି ସହିତ ମଣିଷର ସମ୍ପର୍କ ମଧୁର ହେବା ଉଚିତ ବୋଲି କହିଥିଲେ। ବିଶିଷ୍ଟ ଅତିଥି ସମୀର ମହାନ୍ତି ସତ୍ୟବାଦୀ ସାହିତ୍ୟିକ ଗୋଷ୍ଠୀ ମ୍ୟାକଲେଙ୍କ ଶିକ୍ଷାନୀତି ବଦଳରେ ସ୍ୱଦେଶୀ ଶିକ୍ଷାର ପ୍ରଚଳନ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା ଛାତ୍ରଛାତ୍ରୀ ମାନଙ୍କ ଜୀବନ ଓ ଜୀବିକା ବିଷୟରେ ଆଲୋଚନା କରିଥିଲେ । ଓଡିଆ ବିଶ୍ୱବିଦ୍ୟାଳୟର ସମ୍ମାନନୀୟ କୁଳପତି ମହୋଦୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କବି ଓ କବିତ୍ୱ ସମ୍ପର୍କରେ ଆଲୋଚନା କରିବା ସହ ଔପନ୍ୟାସିକ କାଳନ୍ଦୀ ସାମଲଙ୍କ ଉପନ୍ୟାସ 'ଅପରପକ୍ଷ'ର ତାତ୍ତ୍ୱିକ ଆଲୋଚନା କରିଥିଲେ। ଉଦ୍ଘାଟକ ପଦ୍ମଶ୍ରୀ ପ୍ରଭାକର ମହାରଣା ଶିଳ୍ପୀ ଜୀବନ ଓ ଲେଖକ ଜୀବନ ଭିତରେ ଏକ ମଧୁର ସମ୍ପର୍କ ସବୁ ସମୟରେ ରହିଛି ବୋଲି କହିଥିଲେ। ସଭାପତି ଡ. ଅରବିନ୍ଦ ରାୟ ପ୍ରତାରଣା ଓ ଛଳନାଠାରୁ ଦୂରେଇଯାଇ ଏକ ନୂତନ ଜୀବନର ସଂଧାନରେ ଚାଲିବାକୁ ଛାତ୍ରଛାତ୍ରୀମାନଙ୍କୁ ଉଦ୍ବୋଧନ ଛଳରେ କହିଥିଲେ। ପରେ ପରେ ସ୍ମୃତି ଚିହ୍ନ ପ୍ରଦାନ ଓ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ସଂଗୀତ ଗାନ କରିଥିବା ୭ଜଣ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ ହୋଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ଅଣଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ। ପୂର୍ବାହ୍ନ ୧୦ଘଟିକା ସମୟରେ କୁଳପତିଙ୍କ ଉପସ୍ଥିତିରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ମୁଖ୍ୟ ଦ୍ୱାରରେ ଦୁଇଟି ଛୁରିଅନା ବୃକ୍ଷ ଡ. ଶରତ ଚନ୍ଦ୍ର ରଥ ଓ ଡ. ଗିରିଶ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ରୋପଣ କରାଯାଇଥିଲା। ଓଡିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା ମଞ୍ଚ ପରିଚାଳନା ଓ ସଂଯୋଜନା କାର୍ଯ୍ୟ ତୁଲାଇଥିଲେ। ଆଞ୍ଚଳିକ ଜନଜାତି ବିଭାଗ ମୁଖ୍ୟ ଡ. ଶର୍ମିଷ୍ଠା ମହାପାତ୍ର ସଂଯୋଜକଙ୍କୁ ସାହାଯ୍ୟ କରିଥିଲେ। ଶେଷରେ ଡ. ରାଧାଗୋବିନ୍ଦ କୁଇଲା ଧନ୍ୟବାଦ ଅର୍ପଣ କରିଥିଲେ।

ନିତିଦିନ NITIDIN
ରବିବାର, ୨୬ ଜୁଲାଇ ୨୦୨୬

**ନିତି ଭାରତୀ**
କୌଣସି ପ୍ରାଣୀକୁ ତା'ର ଜୀବନ ଜୀବିକାରୁ ବଞ୍ଚିତ କରନାହିଁ । ଏହା ଏକ ପାପିଷ୍ଠ ମନୋବୃତ୍ତି । - **ମହାବୀର**



**ଉର୍ଦ୍ଧ୍ୱ କର୍ଣ୍ଣେଭିଃ ଶୃଣୁୟାମ ଦେବା...**

ମନୋଜ କୁମାର ମହାପାତ୍ର

# ବାପ୍‌ରେ ବାପ୍, ଇଏ କେଉଁ ପଦାର୍ଥ ?

ଚଳିତ ରଥଯାତ୍ରା ଅବସରରେ କେଉଁଠି ମୋର ଏଇ ଅନୁଭବଟି ଥିଲା କେଜାଣି, ହଠାତ୍ ମୋତେ ମାଡ଼ି ବସିଲା ଭଳି ଲାଗିଲା । ତ୍ରିପଣ୍ଡ କଳା ମୁହଁରେ ଚକାଆଖି ଦୁଇଟିକୁ ଅନାଉ ଅନାଉ ଭାବନାର ଏକ ଖିଅରେ ଗୁଡ଼େଇ ହୋଇ ଛନ୍ଦି ହୋଇଗଲି । ବାପ୍‌ରେ ବାପ୍, ଇଏ କେଉଁ ପଦାର୍ଥ ? ହଁ ପରା ପଦାର୍ଥ ; ନା ମ, ଇଏ କାହିଁକି ପଦାର୍ଥ ହେବେ ? ମଣିଷ ଏଯାବତ୍ ଜାଣିବାରେ ଜଗତରେ ଯେତେ ପଦାର୍ଥ ଅଛି ବା କଳ୍ପନା କରାଯାଇଛି, ଏପରିକି ଦେବୀ-ଦେବତା ଓ ଈଶ୍ୱରଙ୍କ ସମେତ, ସେପରି ଇଏ ତ ନୁହନ୍ତି ବା ଯାଙ୍କ ସହିତ କେହି ତୁଳନାଯୋଗ୍ୟ ନୁହନ୍ତି । ସେଥିପାଇଁ ଇଏ ନିଶ୍ଚିତ ହୋଇଥିବେ ପଦାର୍ଥର ପଦାର୍ଥ । ମୋର ଭାବନା ଏମିତି ବେଦାନ୍ତ ଓ ବିଜ୍ଞାନ ରୂପକ ଦୁଇ ଚକା ନୟନ ଭିତରେ କେବଳ ଘୂରି ବୁଲିଲା ।

ଅବଶ୍ୟ ଆମେ ଯାହାକୁ ପଦାର୍ଥ କୁହନ୍ତି, ତାହା ପରମାଣୁ ହେଉ, ଅଣୁ ହେଉ, ପର୍ବତ ହେଉ, ନଦୀ ହେଉ ବା ମାନବ ବା ଦେବତା ଶରୀର, ତାହା ହେଉଛି ଅନ୍ତତଃ ଘନୀଭୂତ ଉର୍ଜା । ପଦାର୍ଥ ସରଳ ଶବ୍ଦରେ ଉର୍ଜାର ଏକ ଘନୀଭୂତ ଓ ସଂଗଠିତ ରୂପ ବୋଲି ଆମର ପ୍ରାଚୀନ ଋଷି ମୁନି ସ୍ପଷ୍ଟ କଣ୍ଠରେ କହିଥିଲେ । ଆଜିର ଆଧୁନିକ ଭୌତିକ ବିଜ୍ଞାନର କ୍ୱାଣ୍ଟମ୍ ଫିଜିକ୍ସ ବି ଧୀରେ ଧୀରେ ଏହାକୁ ବୁଝିବା ପଥରେ ଅଗ୍ରସର ହେଉଛି । ଖଣ୍ଡିଏ ପଥର ଓ ପ୍ରକାଶର କିରଣ ପରସ୍ପରଠାରୁ ଭିନ୍ନ ଭଳି ଅନୁଭୂତ ହୁଏ, କିନ୍ତୁ ଏହା ଭିନ୍ନ ନୁହେଁ । କାହିଁକି ନା ଏହା ହେଉଛି ଉର୍ଜାର ବିଭିନ୍ନ ଅବସ୍ଥା ଓ ସ୍ୱରୂପରେ ପ୍ରକଟ ହେଇଥାଏ ।

ଉର୍ଜାର ନିୟମ ଆବିଷ୍କାର କରି ଆମେ ବିଜୁଳି ଉତ୍ପାଦନ କରୁଛେ, ମେସିନ ବନାଉଛେ, ଅନ୍ତରୀକ୍ଷର ଖୋଜ କରୁଛେ ଏବଂ ପରମାଣୁରେ ଲୁଚି ରହିଥିବା ସଂରଚନାକୁ ଆବିଷ୍କାର କରି ପାରୁଛେ । ଜଣେ ବୈଜ୍ଞାନିକ ସେ ହିଁ ହେଇଥାଏ, ଯିଏ ଉର୍ଜାର ଭାଷା ମାଧ୍ୟମରେ ପଦାର୍ଥର କାର୍ଯ୍ୟ ପ୍ରଣାଳୀକୁ ବୁଝିପାରେ । ତଥାପି ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ମିଳେନି, ତାହା ହେଉଛି- ଉର୍ଜାର ଅସ୍ତିତ୍ୱ କ'ଣ ଅନ୍ତିମ ସତ୍ୟ ? ଏହା ଉର୍ଦ୍ଧ୍ୱରେ କ'ଣ କିଛି ନାହିଁ ?

ଯଦି ବ୍ରହ୍ମାଣ୍ଡ କେବଳ କଣ ଓ ବଳର ସଂଗ୍ରହ, ତେବେ ଚେତନା କେଉଁଠୁ ଆସିଲା ? ବିଚାର, ଭାବନା, କଳ୍ପନା, ପ୍ରେମ, ସ୍ମୃତି ଓ 'ମୁଁ ମୋର ଅସ୍ତିତ୍ୱରେ ରହିଛି'ର ଭାବନା ନିର୍ଜୀବ ପଦାର୍ଥରେ ହଠାତ୍ କିପରି ଉତ୍ପନ୍ନ ହୋଇ ପାରିଲା ? ଯଦି ଆଜି ମନୁଷ୍ୟ ଭିତରେ ଚେତନା ବିଦ୍ୟମାନ, ତେବେ ଏହାର ସମ୍ଭାବନା ସୃଷ୍ଟିର ଆରମ୍ଭରୁ ବୋଧେ ନିଶ୍ଚିତ ମହଜୁଦ ରହିଥିବ । କୋଟି କୋଟି ବର୍ଷ ପୂର୍ବରୁ, ଯେତେବେଳେ ପୃଥିବୀ ଉପରେ ନା ଗଛବୃକ୍ଷ ଥିଲା, ନା ପଶୁପକ୍ଷୀ ଓ ନା ମନୁଷ୍ୟ, ସେତେବେଳେ ସୂକ୍ଷ୍ମ ଉର୍ଜାର ରୂପ ହିଁ କେବଳ ବିଦ୍ୟମାନ ଥିଲା । ତଥାପି ବି ସେହି ଆଦିମ ରୂପରେ ଚେତନାର ସୁପ୍ତ କ୍ଷମତା ଲୁଚି ରହିଥିଲା । ଧୀରେ ଧୀରେ ବିକାଶ ଓ ବିବର୍ତ୍ତନର ଲମ୍ବା ପ୍ରକ୍ରିୟା ଓ ପ୍ରକୃତିର ନିୟମ ମାଧ୍ୟମରେ ସେହି ସୁପ୍ତ ଚେତନା ସ୍ୱୟଂକୁ ପ୍ରକଟ କରିବାକୁ ଲାଗିଲା । ସର୍ବପ୍ରଥମେ ଉଦ୍ଭିଦରେ ଜୀବନର ହାଲୁକା ସ୍ପନ୍ଦନ ଦ୍ୱାରା ହଲ୍‌ଚଲ୍ ହେବାକୁ ଲାଗିଲା, ତତ୍‌ପଶ୍ଚାତ୍ ପଶୁ ମଧ୍ୟରେ ସହଜ ପ୍ରବୃତ୍ତି ଓ ସଂବେଦନା ଏବଂ ଶେଷରେ ମନୁଷ୍ୟରେ ଆତ୍ମ-ଜାଗରୁକତା ଓ ଚିନ୍ତନଶୀଳ ବୁଦ୍ଧିର ବିକାଶ ଘଟିଲା ।

ବୈଜ୍ଞାନିକମାନେ ଏହି ପ୍ରକ୍ରିୟାର ତୁଳନା ଗୋଟିଏ ବୀଜ ସହିତ କରାଯାଇ ପାରିବ ବୋଲି ମତ ଦିଅନ୍ତି । ଗୋଟିଏ ଛୋଟ ବୀଜ ନିର୍ଜୀବ ଓ ମହତ୍ତ୍ୱହୀନ ପ୍ରତୀତ ହେଇଥାଏ, ତଥାପି ତା' ଭିତରେ ଏକ ବିଶାଳ ବୃକ୍ଷ ହେବାର ସମ୍ଭାବନା ଲୁଚି ରହିଥାଏ । ଅନୁକୂଳ ପରିସ୍ଥିତିରେ ବୀଜ ଭିତରେ ଲୁଚି ରହିଥିବା ଜୀବନ ଧୀରେ ଧୀରେ ପ୍ରକଟ ହେଇଥାଏ । ଠିକ୍ ସେହି ପ୍ରକାରେ ଚେତନା ଉର୍ଜାର ପ୍ରାରମ୍ଭିକ ଅବସ୍ଥାରେ ସୁପ୍ତ ଅବସ୍ଥାରେ ବିଦ୍ୟମାନ ଥିଲା ଏବଂ ପ୍ରକୃତିର ବିକାଶବାଦୀ ପ୍ରକ୍ରିୟା ମାଧ୍ୟମରେ ଧୀରେ ଧୀରେ ଜାଗୃତ ହେଲା ।

ବିଜ୍ଞାନର ଏହି କଥାଟିକୁ ବି ଛାନ୍ଦୋଗ୍ୟ ଉପନିଷଦରେ ଦିବ୍ୟଦ୍ରଷ୍ଟା ଋଷି ଉଦ୍ଦାଳକ ଆରୁଣି ଓ ନିଜ ପୁତ୍ର ଶ୍ୱେତକେତୁଙ୍କ ଭିତରେ ଆଲୋଚନାରେ ଦେଖିବାକୁ ମିଳେ । ଶ୍ୱେତକେତୁ ଗୁରୁକୁଳରେ ଦୀର୍ଘ ବାର ବର୍ଷ ଅଧ୍ୟୟନ କରି ନିଜକୁ ବେଦର ବଡ଼ ପଣ୍ଡିତ ବୋଲି ଗର୍ବ କରୁଥିବା ଦେଖି ପିତା ଉଦ୍ଦାଳକ ପ୍ରଶ୍ନଟିଏ ପଚାରି ଥିଲେ- ଜଗତର ସୂକ୍ଷ୍ମାତିସୂକ୍ଷ୍ମ ସାରବସ୍ତୁ କ'ଣ ? ଶ୍ୱେତକେତୁ ଠିକ୍ ଉତ୍ତର ଦେଇ ନ ପାରିବାରୁ ଉଦ୍ଦାଳକ କହିଲେ, ନିକଟସ୍ଥ ବଟବୃକ୍ଷର ଗୋଟିଏ ଫଳ ଆଣି ଭାଙ୍ଗିବାକୁ ଏବଂ ତାକୁ ମେଲା କରିବାକୁ । ଶ୍ୱେତକେତୁ ଫଳଟିକୁ ଭାଙ୍ଗି କହିଲେ- ପିତା, ଏହା ଭିତରେ ଅନେକ ମଞ୍ଜି ରହିଛି, ଯାହା ଅତି କ୍ଷୁଦ୍ର । ଉଦ୍ଦାଳକ କହିଲେ- ଗୋଟିଏ ମଞ୍ଜି ଭାଙ୍ଗି ଦେଖ, ତା' ଭିତରେ କ'ଣ ଅଛି ? ଶ୍ୱେତକେତୁ କହିଲେ- ପିତା, ତା ଭିତରେ କିଛି ନାହିଁ । ଉଦାଳକ କହିଲେ- ଆରେ ପୁତ୍ର, ଏହି କ୍ଷୁଦ୍ର ମଞ୍ଜିରୁ ଏହି ବିଶାଳ ବଟବୃକ୍ଷର ଉତ୍ପତ୍ତି ଘଟିଛି, ଯାହାକୁ ତୁମେ ଦେଖି ପାରୁନ । ମୋତେ ବିଶ୍ୱାସ କର- ଏହି ବିଶାଳ ଜଗତର ସୂକ୍ଷ୍ମାତିସୂକ୍ଷ୍ମ ସାରବସ୍ତୁ ହେଉଛି ଶୁଦ୍ଧ ଚେତନା ବା ଆତ୍ମା ।

ଏତକ କହି ପୁତ୍ରକୁ କହିଲେ- ଏହି ଲୁଣ ଟିକିଏ ନେଇଯାଅ ଓ ଏହାକୁ ଗୋଟିଏ ପାତ୍ରରେ ମିଶାଇ ପୁଣି କାଲି ସକାଳେ ମୋ ପାଖକୁ ଆସିବ । ପର ଦିନ ସକାଳେ ଶ୍ୱେତକେତୁ ପିତାଙ୍କ ପାଖରେ ପହଞ୍ଚି ପାତ୍ରରେ ଥିବା ଜଳକୁ ଦେଖାଇ କହିଲେ- ପିତା ଜଳରେ ଲୁଣ ଦେଖା ଯାଉନି, ସେଥିରେ ମିଳେଇ ଯାଇଛି । ପିତା ତାଙ୍କୁ ଚାଖିବାକୁ କହିବାରୁ ସେ କହିଲେ, ଏହା ଲୁଣିଆ ଲାଗୁଛି । କିନ୍ତୁ ଲୁଣ ପାଣିରେ ରହିଛି । ପିତା କହିଲେ- ଠିକ୍ କଥା । ଲୁଣ ପାଣିରେ ଠିକ ଆତ୍ମା ସମ ଅନୁପ୍ରବେଶ କରି ଯାଇଛି ବା ଭେଦି ଯାଇଛି । ଆମେ ଏହାକୁ ଦେଖି ପାରିବାନି । ଆତ୍ମା ସମସ୍ତ ବସ୍ତୁ ଭିତରେ ବିରାଜିତ, ଯଦିଓ ଆମେ ତାହା ଦେଖି ପାରିବାନି । ଏଭଳି ଜଗତରେ କିଛି ଜିନିଷ ନାହିଁ, ଯାହା ଆତ୍ମାଙ୍କ ପାଖରୁ ନ ଆସିଛି । ସୁତରାଂ, ଅଦୃଶ୍ୟ ଓ ସୂକ୍ଷ୍ମାତିସୂକ୍ଷ୍ମ ଆତ୍ମା ହିଁ ବିଶ୍ୱ ବ୍ରହ୍ମାଣ୍ଡର ସାରବସ୍ତୁ । ସେ ହିଁ ବାସ୍ତବତା ଓ ପରମ ସତ୍ୟ । ହେ ଶ୍ୱେତକେତୁ, 'ତୁମେ ହିଁ ସେ' - 'ତତ୍ ତ୍ୱମ୍ ଅସି' । ମନେରଖ ପୁତ୍ର ଯିଏ ବ୍ରହ୍ମ, ସେ ହିଁ ଆତ୍ମା ।

ଭାରତୀୟ ଆଧାତ୍ମିକ ଦର୍ଶନ ଶିବ ଓ ଶକ୍ତିର ଅବଧାରଣା ମାଧ୍ୟମରେ ଏହି ବ୍ରହ୍ମାଣ୍ଡୀୟ ସମ୍ବନ୍ଧର ବର୍ଣ୍ଣନା କରିଥାଏ । ଉର୍ଜା, ଗତି ଓ ସୃଷ୍ଟିର ଗତିଶୀଳ- ଶକ୍ତିର ପ୍ରତିନିଧିତ୍ୱ କରନ୍ତି ଶକ୍ତି । ଶିବ ଶୁଦ୍ଧ ଚେତନାର ପ୍ରତିନିଧିତ୍ୱ କରନ୍ତି, ଯିଏ ସବୁ ଗତିବିଧି ପଶ୍ଚାତରେ ମୌନ ସାକ୍ଷୀ ଭାବେ ଉପସ୍ଥିତ ରହିଥାନ୍ତି । ଯେପରି ନର୍ତ୍ତକ ବିନା ନୃତ୍ୟ ସମ୍ଭବ ନୁହେଁ, ସେପରି ଚେତନା ବିନା ଉର୍ଜାକୁ ପୂରା ଭାବରେ ବୁଝିବା ସମ୍ଭବ ହୋଇ ପାରେନା । ପ୍ରକୃତିର ଗତି, ତାରାଙ୍କର ନିର୍ମାଣ, ଜୀବନର ବିକାଶ ଏବଂ ମାନବ ଜୀବନର ଉଦୟ, ଇଏ ସବୁ ଚେତନାର ଏକ ଗହନ କ୍ଷେତ୍ରରେ ଘଟିତ ହୁଏ । ଏମନ୍ତ ଶିବ ଓ କାଳୀଙ୍କର ତତ୍ତ୍ୱ ଦ୍ୱାରା ଶ୍ରୀ ରାମକୃଷ୍ଣ ଅତି ସୁନ୍ଦର ଭାବେ ବୁଝାଇ ଦେଇଥିଲେ ସ୍ୱାମୀ ବିବେକାନନ୍ଦଙ୍କୁ, ଯାହା ଏଠାରେ ଅବତାରଣା କରିବା ଆବଶ୍ୟକ ନାହିଁ ।

କୌଣସି ତାରରେ ପ୍ରବାହିତ ହେଉଥିବା ବିଜୁଳିକୁ ସର୍ବଦା ପ୍ରତ୍ୟକ୍ଷ ରୂପରେ ଦେଖି ହେବନି, ତଥାପି ଏହାର ପ୍ରଭାବ ଦ୍ୱାରା ଏହାର ଉପସ୍ଥିତି ସ୍ପଷ୍ଟ ହୋଇଯାଏ । ଏହିପରି ଭାବରେ ଚେତନା ବି ଅସ୍ତିତ୍ୱ ଭିତରେ ବିଭିନ୍ନ ସ୍ତରରେ ପ୍ରକଟ ହୋଇଥାଏ । ଅସ୍ତିତ୍ୱକୁ ପୂରା ପରମାଣୁ ଓ କଣ ପର୍ଯ୍ୟନ୍ତ ସୀମିତ କରିଦେବା ଜୀବନର ରହସ୍ୟକୁ ସରଳୀକୃତ କରିଦିଏ । ଗୋଟିଏ ମେସିନ୍ ଅସାଧାରଣ ଗତିରେ ସୂଚନା ସଂସାଧିତ କରିପାରେ, କିନ୍ତୁ ଏହା ଆନନ୍ଦ, ଦୁଃଖ, ଆଶ୍ଚର୍ଯ୍ୟ ବା ଜୀବିତ ହେବାର ଅନୁଭୂତିର ଅନୁଭବ କରି ପାରିବନି ।

ଗଭୀର ଧ୍ୟାନ, ଚିନ୍ତନ ବା ଆଧାତ୍ମିକ ଅନୁଭୂତି ମୁହୂର୍ତ୍ତରେ ଲୋକେ କେବେ କେବେ ଏକ ଏପରି ଅବସ୍ଥାର ଅନୁଭବ କରନ୍ତି, ଯେଉଁଠାରେ ସମୟ, ସ୍ଥାନ ଓ ବ୍ୟକ୍ତିତ୍ୱର ସାମାନ୍ୟ ସୀମା କ୍ଷୀଣ ହୋଇଯାଏ । ଚେତନା ବ୍ୟକ୍ତିଗତ ସଂକୀର୍ଣ୍ଣ ଭାବନାଠାରୁ ଉର୍ଦ୍ଧ୍ୱକୁ ବିସ୍ତାରିତ ହୁଏ ଏବଂ କୌଣସି ବିଶାଳ ଓ ସାର୍ବଭୌମିକ ସତ୍ତା ସହିତ ଯୁକ୍ତ ହେବାର ଅନୁଭବ କରେ ।

ଭାରତୀୟ ଆଧାତ୍ମିକ ପରମ୍ପରା ଏହି ଜାଗୃତ ଅବସ୍ଥାକୁ ବ୍ରହ୍ମ, ଶିବ ବା ବ୍ରହ୍ମାଣ୍ଡୀୟ ଚେତନାର ଅନୁଭୂତି ରୂପରେ ବର୍ଣ୍ଣିତ କରିଛି । ପଦାର୍ଥ ଘନୀଭୂତ ଉର୍ଜା ଅଟେ, କିନ୍ତୁ ଉର୍ଜା ସ୍ୱୟଂ ଚେତନାର ଆଲିଙ୍ଗନରେ ଗତିମାନ ହୁଏ । ଜଗନ୍ନାଥଙ୍କର ପ୍ରକାଣ୍ଡ ଗୋଲାକାର ଚକ୍ଷୁଦ୍ୱୟକୁ ଅପଲକ ନୟନରେ ସ୍ଥିର ଦୃଷ୍ଟିରେ ଚାହିଁଲେ, ତାହା ହିଁ ଅନନ୍ୟ ବସ୍ତୁ ସମ ବୋଧ ହୁଏ, ଯାହାକୁ ଜଣେ ଭକ୍ତ ବା ଜ୍ଞାନୀ ବା ଯୋଗୀ କେବେ ବି ପଦାର୍ଥ ଓ ଉର୍ଜା ବୋଲି ଭାବି ପାରିବନି । ହୋଇପାରେ ପଦାର୍ଥ ଓ ଉର୍ଜା ପଶ୍ଚାତରେ ନିହିତ ଏକ ଓ ଅଦ୍ୱୈତ ପରମାର୍ଥିକ ଶୁଦ୍ଧ ଚୈତନ୍ୟ ସେ, ଯାହାଙ୍କର ଆଲିଙ୍ଗନରେ ଜଗତ ସମେତ ସମସ୍ତ ପଦାର୍ଥ, ଉର୍ଜା ନିରନ୍ତର ଗତିଶୀଳ ।

# ଅଠସ୍ତରି ବର୍ଷରେ ଓଡ଼ିଶା ହାଇକୋର୍ଟ




ପ୍ରହଲାଦ କୁମାର ସିଂହ

ଆମ ସମ୍ବିଧାନର ତିନୋଟି ପ୍ରମୁଖ ସ୍ତମ୍ଭ ଭିତରେ ନ୍ୟାୟପାଳିକା ଅନ୍ୟତମ । ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମଧ୍ୟରେ ସମ୍ବିଧାନରେ ଟଣା ହୋଇଛି ଲକ୍ଷ୍ମଣରେଖା । ଜନସାଧାରଣଙ୍କ ଧନ ଜୀବନର ସୁରକ୍ଷା ସହିତ ସମ୍ବିଧାନ ପ୍ରଦତ୍ତ ଅଧିକାର ଓ କର୍ତ୍ତବ୍ୟର ଠିକଣା ଅନୁପାଳନ ସଙ୍ଗେ ସଙ୍ଗେ ବ୍ୟବସ୍ଥାକୁ ସୁଶୃଙ୍ଖଳିତ ଭାବେ ଆଗେଇ ନେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ନ୍ୟାୟପାଳିକା । ଜାତୀୟ ସ୍ତରରେ ସୁପ୍ରିମ୍‌କୋର୍ଟ, ରାଜ୍ୟ ସ୍ତରରେ ହାଇକୋର୍ଟ ଏବଂ କ୍ଷେତ୍ର ସ୍ତରରେ ଜିଲ୍ଲା କୋର୍ଟଠାରୁ ଜେଏମ୍‌ଏଫସି ପର୍ଯ୍ୟନ୍ତ ବିଭିନ୍ନ ଆଇନ ଅଦାଲତ ଲକ୍ଷ୍ମଣରେଖା ମଧ୍ୟରେ ରହି କାମ କରିଥାନ୍ତି । ଆମ ସମ୍ବିଧାନ ଲାଗୁ ହେବା ପୂର୍ବରୁ ଆମ ଦେଶରେ ବିଚାର ବ୍ୟବସ୍ଥା ରହିଥିଲା । ତେବେ ସେତେବେଳ ଓ ବର୍ତ୍ତମାନର ଆଇନ ଅଦାଲତ ମଧ୍ୟରେ ରହିଛି ଢେର ପ୍ରଭେଦ ।

ବ୍ରିଟିଶ ରାଜତ୍ୱ ସମୟରେ ୧୮୫୭ର ସିପାହୀ ବିଦ୍ରୋହ ପରେ ଅନେକ ଆଇନ ପ୍ରଣୟନ ହୋଇଥିଲା । ଏଗୁଡ଼ିକ ମଧ୍ୟରେ 'ଦି ଇଣ୍ଡିଆନ୍ ହାଇକୋର୍ଟସ୍ ଆକ୍ଟ' ୧୮୬୧ ଅଗଷ୍ଟ ୬ ତାରିଖରୁ ଲାଗୁ ହୋଇଥିଲା । ସେହି ସମୟରେ ଭାରତୀୟ ପିଙ୍ଗଳ କୋଡ୍, ପୁଲିସ ଆଇନ ଆଦି ବିଭିନ୍ନ ପ୍ରକାରର ବିଧି ମଧ୍ୟ ପ୍ରଚଳିତ ହେଲା । ୧୮୬୧ ବେଳକୁ ଓଡ଼ିଶା ଖଣ୍ଡ ବିଖଣ୍ଡିତ ହୋଇ ସାରିଥାଏ । ଏ ପରିପ୍ରେକ୍ଷୀରେ ୧୮୬୨ରେ କଲିକତା, ବମ୍ବେ ଓ ମାଡ୍ରାସ ହାଇକୋର୍ଟ ଜନ୍ମଲାଭ କଲା । ସେତେବେଳେ ଆମ ରାଜ୍ୟର ଦକ୍ଷିଣାଞ୍ଚଳ ମାଡ୍ରାସ୍ ପ୍ରେସିଡେନ୍ସି ଅଧୀନରେ ଥିବାରୁ ତାହା ମାଡ୍ରାସ୍ ହାଇକୋର୍ଟଙ୍କ କ୍ଷମତା ପରିସର ମଧ୍ୟରେ ରହିଥିବା ବେଳେ ଅନ୍ୟ ଅଞ୍ଚଳ ସବୁ ରହିଥିଲା କଲିକତା ହାଇକୋର୍ଟଙ୍କ ଅଧୀନରେ । ପୁରୀ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ରାଜମାତା ସୂର୍ଯ୍ୟମଣି ପାଟମହାଦେଈଙ୍କ ଅନୁରୋଧକ୍ରମେ ଉତ୍କଳ ଗୌରବ ମଧୁସୂଦନ ଦାସ କଲିକତା ହାଇକୋର୍ଟରେ ମାମଲା ଲଢ଼ି ଶ୍ରୀମନ୍ଦିରରେ ଗଜପତି ପରମ୍ପରାକୁ ସୁରକ୍ଷିତ ରଖିବାର ଇତିହାସ ରଚିଥିଲେ । ୧୯୧୨ ମାର୍ଚ୍ଚ ୨୨ରେ ଆମ ଅଞ୍ଚଳକୁ ରଖାଯାଇଥିଲା କଲିକତା ହାଇକୋର୍ଟ ନିୟନ୍ତ୍ରଣରେ । ପରବର୍ତ୍ତୀ ସମୟରେ ୧୯୧୬ ଫେବୃଆରୀ ୯ ତାରିଖରେ ଏହା ପାଟନା ହାଇକୋର୍ଟ ପରିସରଭୁକ୍ତ ହୋଇଥିଲା । ୧୯୨୨ରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମାମଲାରେ ଖୋରଧାର ଅଦାଲତ ଦେଇଥିବା ରାୟ ବିରୋଧରେ ବ୍ରିଟିଶ ସରକାର ଯାଇଥିଲେ ପାଟନା ହାଇକୋର୍ଟକୁ । ରଘୁ-ଦିବାକରଙ୍କ ଫାଶୀ ଦଣ୍ଡାଦେଶଠାରୁ ଲକ୍ଷ୍ମଣ ନାୟକଙ୍କ ଫାଶୀ ପର୍ଯ୍ୟନ୍ତ ମାମଲାଗୁଡ଼ିକର ଅପିଲ ହୋଇଥିଲା ପାଟନା ହାଇକୋର୍ଟରେ । ଏହି ପାଟନା ହାଇକୋର୍ଟରେ ମଧୁବାବୁ ତାଙ୍କ ପାଳିତା କନ୍ୟା ଶୈଳବାଳାଙ୍କ ସାନଭଉଣୀ ସୁଧାଂଶୁବାଳାଙ୍କୁ ଓକିଲାତି କରିବାର ସୁଯୋଗ ଦେବା ପାଇଁ ମାମଲା ରୁଜୁ କରାଇ ଥିଲେ । ଏହି ମାମଲାରେ ମହିଳାମାନଙ୍କୁ ଓକିଲାତି ଲାଇସେନ୍ସ ଦିଆଯିବା ଥିଲା ପ୍ରଶ୍ନ । ଅବଶ୍ୟ ପରବର୍ତ୍ତୀ ସମୟରେ ମଧୁବାବୁଙ୍କ ଏକନିଷ୍ଠ ଉଦ୍ୟମ ଯୋଗୁଁ ପ୍ରାୟ ୧୦୦ ବର୍ଷ ତଳେ ଭାରତରେ ମହିଳାମାନଙ୍କୁ ଓକିଲାତି କରିବା ପାଇଁ ଆଇନଗତ ବ୍ୟବସ୍ଥା ହୋଇଥିଲା, ଯାହାର ଫଳ ସ୍ୱରୂପ ଏବେ ଆମ ଦେଶରେ ବହୁ ସଂଖ୍ୟକ ମହିଳା ଓକିଲାତି କରୁଥିବା ବେଳେ ବିଭିନ୍ନ ଅଦାଲତରେ ମହିଳା ବିଚାରପତିମାନଙ୍କୁ ଦେଖିବାକୁ ମିଳୁଛି ।

ଓଡ଼ିଶା ଇତିହାସରେ ୧୯୧୬ ମେ' ୧୮ ତାରିଖ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ । ସେଦିନ କଟକରେ ପାଟନା ହାଇକୋର୍ଟର ସର୍କିଟ୍ ବେଞ୍ଚ୍ ବସିଥିଲା । ସେତେବେଳେ ମଧୁବାବୁ ଥିଲେ କଟକ ବାର୍ ଆସୋସିଏସନ୍‌ର ସଭାପତି । ଏହି ଅବସରରେ ଆୟୋଜିତ ଉତ୍ସବରେ ସ୍ୱାଗତ ଭାଷଣ ଦେଇ ମଧୁବାବୁ କଟକରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ପାଇଁ ଦାବି ଉଠାଇ ଥିଲେ । ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଯେଉଁ କେତେ ଜଣ ଓଡ଼ିଆ ସଂକଳ୍ପବଦ୍ଧ ଉଦ୍ୟମ କରୁଥିଲେ, ସେମାନଙ୍କ ମଧ୍ୟରେ କେନ୍ଦ୍ରବିନ୍ଦୁ ଥିଲେ ମଧୁବାବୁ । ଦୀର୍ଘ ବର୍ଷର ଉଦ୍ୟମ କ୍ରମେ ୧୯୩୬ ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସୃଷ୍ଟି ହେଲା । ସେତେବେଳକୁ ଏହାର ଅନ୍ୟତମ ବିନ୍ଧାଣୀ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ବ୍ୟାସକବି ଫକୀରମୋହନ ଆଦିଙ୍କ ଦେହାନ୍ତ ହୋଇ ସାରିଥିଲା ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ଓଡ଼ିଶା ପାଇଁ ହାଇକୋର୍ଟ ଦାବି ଜୋର୍ ଧରିଥିଲା । ହାଇକୋର୍ଟ ଗଠନ ପ୍ରସଙ୍ଗରେ ୧୯୪୨ ଅଗଷ୍ଟ ୧୫ରେ ସେତେବେଳର ଆଡ୍‌ଭୋକେଟ୍ ଜେନେରାଲ ବୀରକିଶୋର ରାୟଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା । ଏଥିରେ ଚିନ୍ତାମଣି ଆଚାର୍ଯ୍ୟ, ବିଚିତ୍ରାନନ୍ଦ ଦାସ, ନରସିଂହମ୍ ଆଦି ସଦସ୍ୟ ଥିଲେ । ଏହି କମିଟି ୧୯୪୩ ଡିସେମ୍ବର ୨୩ ତାରିଖରେ ଓଡ଼ିଶା ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ଏହା ଆଧାରରେ ଓଡ଼ିଶା ବିଧାନସଭାରେ ୧୯୪୮ ମାର୍ଚ୍ଚ ୩ ତାରିଖରେ ହାଇକୋର୍ଟ ପ୍ରତିଷ୍ଠା ଘେନି ବିଧିବଦ୍ଧ ପ୍ରସ୍ତାବ ଗ୍ରହଣ କରାଯିବା ପରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠା ଯାଇଥିଲା । ସମସ୍ତ ଦିଗକୁ ବିଚାର କରି ସେତେବେଳର ଗଭର୍ଣ୍ଣର ଜେନେରାଲ ଲର୍ଡ ମାଉଣ୍ଟବ୍ୟାଟେନ୍ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ-୧୯୩୫ ଆଧାରରେ ସେହି ବର୍ଷ ଏପ୍ରିଲ ୩୦ରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ସଂପର୍କିତ ବିଜ୍ଞପ୍ତି ଜାରି କରିଥିଲେ । ତଦନୁଯାୟୀ ୧୯୪୮ ଜୁଲାଇ ୨୬ ତାରିଖ ସକାଳ ୯ଟା ବେଳେ କଟକରେ ଓଡ଼ିଶା ହାଇକୋର୍ଟ ବିଧିବଦ୍ଧ ଭାବେ ଉଦ୍‌ଘାଟିତ ହୋଇଥିଲା । ଏହି ଉତ୍ସବରେ ସେତେବେଳର ଫେଡେରାଲ କୋର୍ଟ ଅଫ୍ ଇଣ୍ଡିଆର ମୁଖ୍ୟ ବିଚାରପତି ସାର୍ ହୀରାଲାଲ ଜୟକିଶନ ଦାସ କେନିୟା, ଓଡ଼ିଶାର ରାଜ୍ୟପାଳ ଆସଫ୍ ଅଲ୍ଲୀ, ବଙ୍ଗଳାର ରାଜ୍ୟପାଳ କୈଳାସ ନାଥ କାଟ୍‌ଜୁ, ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ସିଏମ୍ ଅଗ୍ରୱାଲ୍, ଓଡ଼ିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ପ୍ରମୁଖ ଯୋଗ ଦେଇଥିଲେ । ସେବେଠାରୁ କଟକରେ ଓଡ଼ିଶା ହାଇକୋର୍ଟ କାର୍ଯ୍ୟ କରୁଛି । ଇତି ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ଲାଗି ସ୍ୱର ଉଠି ଆସୁଛି । ଏ ପ୍ରସଙ୍ଗରେ ଅନୁଧାନ କରିବା ପାଇଁ ରାଜ୍ୟ ସରକାର ଜଷ୍ଟିସ୍ ସିଆର୍ ପାଲ୍ କମିଶନ ଗଠନ କରିଥିଲେ ମଧ୍ୟ ଏହି କମିଶନଙ୍କ ରିପୋର୍ଟ ଏଯାବତ୍ ସୂର୍ଯ୍ୟାଲୋକ ଦେଖିନାହିଁ । ଏଠାରେ ଉଲ୍ଲେଖନୀୟ ଯେ ପ୍ରାକ୍-ସ୍ୱାଧୀନତା କାଳରେ ପାଟନା ଗଡ଼ଜାତରେ ବି ହାଇକୋର୍ଟର ସର୍କିଟ୍ ବେଞ୍ଚ୍ ଏକଦା କାର୍ଯ୍ୟ କରିଥିଲା ।




ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଭାବେ ବୀରକିଶୋର ରାୟ ଦାୟିତ୍ୱ ଗ୍ରହଣ କରିଥିଲେ । ସେ ସମୟରେ ଲିଙ୍ଗରାଜ ପାଣିଗ୍ରାହୀ, ଆରଏଲ୍ ନରସିଂହମ୍ ଓ ବି ଜଗନ୍ନାଥ ଦାସ ହାଇକୋର୍ଟର ବିଚାରପତି ଭାବେ କାମ କରୁଥିଲେ । ଓଡ଼ିଶା ହାଇକୋର୍ଟ ପାଇଁ ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ସଂଖ୍ୟା ୪ରୁ ବଢ଼ି ବଢ଼ି ୩୩ରେ ପହଞ୍ଚିଛି । ଏଥିରୁ ଏବେ ଅଧା ଖାଲି ପଡ଼ିଛି । ଇତି ମଧ୍ୟରେ ଓଡ଼ିଶା ହାଇକୋର୍ଟରେ ୩୫ ଜଣ ମୁଖ୍ୟ ବିଚାରପତି କାର୍ଯ୍ୟ କଲେଣି । ଓଡ଼ିଶା ହାଇକୋର୍ଟର ବିଚାରପତିମାନଙ୍କ ମଧ୍ୟରୁ ଅନ୍ୟୂନ ୧୨ ଜଣ ବିଭିନ୍ନ ସମୟରେ ସୁପ୍ରିମ୍‌କୋର୍ଟର ବିଚାରପତି ହୋଇଛନ୍ତି । ଏମିତିକି ରଙ୍ଗନାଥ ମିଶ୍ର, ଗୋପାଳ ବଲ୍ଲଭ ପଟ୍ଟନାୟକ, ଦୀପକ ମିଶ୍ରଙ୍କ ଭଳି ବିଚାରପତିମାନେ ପରବର୍ତ୍ତୀ ସମୟରେ ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି ଆସନ ଅଳଙ୍କୃତ କରିଛନ୍ତି । ଓଡ଼ିଶା ହାଇକୋର୍ଟର ଅନେକ ବିଚାରପତି ବିଭିନ୍ନ ହାଇକୋର୍ଟର ମୁଖ୍ୟ ବିଚାରପତି ଓ ବିଚାରପତି ଭାବେ ଦକ୍ଷତାର ସହ କାର୍ଯ୍ୟ କରି ଆସିଛନ୍ତି । କିନ୍ତୁ ଏବେ ଓଡ଼ିଶା ହାଇକୋର୍ଟର ଜଣେ ହେଲେ ସୁପ୍ରିମ୍‌କୋର୍ଟରେ ବିଚାରପତି ନାହାନ୍ତି । ଦୀର୍ଘ ୭୮ ବର୍ଷ ମଧ୍ୟରେ ଓଡ଼ିଶା ହାଇକୋର୍ଟରେ ମାତ୍ର ୩ ଜଣ ମହିଳା ବିଚାରପତି ପଦବୀ ଅଳଙ୍କୃତ କରିଛନ୍ତି । ଏମାନେ ହେଲେ ଅମୀୟ କୁମାରୀ ପାଢ଼ୀ, କୁମାରୀ ସଞ୍ଜୁ ପଣ୍ଡା ଓ ବର୍ତ୍ତମାନର କାର୍ଯ୍ୟରତ ବିଚାରପତି ସାବିତ୍ରୀ ରଥ । ଆଶା କରାଯାଏ, ଆଗାମୀ ଦିନରେ ଅଧିକରୁ ଅଧିକ ଓଡ଼ିଆ ଝିଅ ଓଡ଼ିଶା ହାଇକୋର୍ଟ ସମେତ ଦେଶର ବିଭିନ୍ନ ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟର ବିଚାରପତି ହେବେ ।

ଓଡ଼ିଶା ହାଇକୋର୍ଟରେ ବିଚାରାଧୀନ ମାମଲା ସଂଖ୍ୟା ତା ୧୭.୦୭.୨୦୨୬ ରିଖ ସୁଦ୍ଧା ୧,୬୯,୦୦୦ ରହିଥିବା ଜଣା ପଡ଼ିଛି । ଏଥି ମଧ୍ୟରୁ ରିଟ୍ ପିଟିସନ୍ ସଂଖ୍ୟା ୭୨ ହଜାରରୁ ଅଧିକ ଥିବା ବେଳେ ଅଦାଲତ ଅବମାନନା ମାମଲା ସଂଖ୍ୟା ପ୍ରାୟ ୧୨ ହଜାର । ଆମ ହାଇକୋର୍ଟରେ ୩୦ ହଜାରରୁ ଅଧିକ ଅପରାଧିକ ମାମଲା ଏବେ ବିଚାର ପ୍ରତୀକ୍ଷାରେ ରହିଛି । ସାରା ଦେଶରେ ଆଇନ ଅଦାଲତଗୁଡ଼ିକରେ ୫ କୋଟିରୁ ଅଧିକ ମାମଲା ବିଚାର ପ୍ରତୀକ୍ଷାରେ ଥିବା ବେଳେ ଓଡ଼ିଶାର ବିଭିନ୍ନ ଅଦାଲତରେ ଏହି ସଂଖ୍ୟା ୨୦ ଲକ୍ଷରୁ ଅଧିକ ବୋଲି ସରକାର ସ୍ୱୀକାର କରୁଛନ୍ତି । ଏହି ଅପରାଧିକ ମାମଲାଗୁଡ଼ିକ ମଧ୍ୟରୁ ଦେଶରେ ୩ କୋଟିରୁ ଅଧିକ ଓ ଓଡ଼ିଶାରେ ୧୨ ଲକ୍ଷରୁ ଅଧିକ ବିଚାର ପ୍ରତୀକ୍ଷାରେ ରହିଛି ।

୧୯୫୦ ଜାନୁଆରୀ ୨୬ରେ ଆମ ଦେଶର ସମ୍ବିଧାନ ଲାଗୁ ହେଲା । ସମ୍ବିଧାନର ୧୨୪ ଧାରାରେ ସୁପ୍ରିମ୍‌କୋର୍ଟ ଗଠନ କଥା ରହିଲା । ୧୨୪ରୁ ୧୪୭ ପର୍ଯ୍ୟନ୍ତ ବିଭିନ୍ନ ଧାରାରେ ସୁପ୍ରିମ୍‌କୋର୍ଟଙ୍କ କ୍ଷମତା, କାର୍ଯ୍ୟ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଉଲ୍ଲେଖ ରହିଛି । ସେହିପରି ସମ୍ବିଧାନର ୨୧୪ରୁ ୨୩୨ ପର୍ଯ୍ୟନ୍ତ ବିଭିନ୍ନ ଧାରାରେ ରାଜ୍ୟଗୁଡ଼ିକ ଲାଗି ହାଇକୋର୍ଟ ବ୍ୟବସ୍ଥା, ହାଇକୋର୍ଟଙ୍କ ପରିଚାଳନା, କ୍ଷମତା ଆଦି ମଧ୍ୟ ବର୍ଣ୍ଣନା କରାଯାଇଥିବା ବେଳେ ୨୩୩ରୁ ୨୩୭ ପର୍ଯ୍ୟନ୍ତ ବିଭିନ୍ନ ଧାରାରେ ଜିଲ୍ଲାସ୍ତରୀୟ ଅଦାଲତଗୁଡ଼ିକ ସଂପର୍କରେ ବ୍ୟବସ୍ଥା ଅଛି । ମାମଲା ଶୁଣାଣି ବ୍ୟତୀତ ହାଇକୋର୍ଟଙ୍କର ଅନ୍ୟାନ୍ୟ କାର୍ଯ୍ୟ ଓ କ୍ଷମତା ବି ରହିଛି । ନବନିଯୁକ୍ତ ରାଜ୍ୟପାଳଙ୍କୁ ହାଇକୋର୍ଟର ମୁଖ୍ୟ ବିଚାରପତି ଶପଥ ପାଠ କରାଇଥାନ୍ତି । ଜିଲ୍ଲାସ୍ତରୀୟ କୋର୍ଟଗୁଡ଼ିକର କାର୍ଯ୍ୟ ସମୀକ୍ଷା ହାଇକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ହୋଇଥାଏ । ଏହା ଛଡ଼ା ହାଇକୋର୍ଟର ବିଚାରପତିମାନଙ୍କୁ ଆଇନ ସେବା ସମେତ ବିଭିନ୍ନ କମିଟିରେ ମଧ୍ୟ ରଖାଯାଇଥାଏ । କେତେକ ସମ୍ବେଦନଶୀଳ ପ୍ରସଙ୍ଗରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ବିଚାରପତିମାନଙ୍କୁ କମିଶନ ଭାବେ ନିଯୁକ୍ତ କରାଯାଇଥାଏ । ଓଡ଼ିଶା ହାଇକୋର୍ଟର ନିଜସ୍ୱ ଏକ ଅଭିଲେଖାଗାର ରହିଛି । ଏଥିରେ ଓଡ଼ିଶା ହାଇକୋର୍ଟର ବହୁ ପୁରୁଣା ଆକର୍ଷଣୀୟ ତଥ୍ୟ ଦେଖିବାକୁ ମିଳେ । ତେବେ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଜାତୀୟ ସ୍ତରରେ ସୁପ୍ରିମ୍‌କୋର୍ଟ ଓ ରାଜ୍ୟ ସ୍ତରରେ ହାଇକୋର୍ଟ ହେଉଛନ୍ତି ଶୀର୍ଷ ଅଦାଲତ ।

ଗୋଟିଏ ପଟେ ଲୋକଙ୍କ ଅଭିଯୋଗ ଫଇସଲା ପାଇଁ ସମୟଭିତ୍ତିକ ସକାରାତ୍ମକ ପଦକ୍ଷେପ ସରକାରୀ କଳ ନେଇପାରୁ ନ ଥିବାରୁ ମାମଲା ବଢ଼ୁଛି । ନିଶା, ହିଂସା, ବେକାରୀ, ବେରୋଜଗାରୀ, ଦୁର୍ନୀତି, ଭ୍ରଷ୍ଟାଚାର, ପକ୍ଷପାତିତା ଏବଂ ସର୍ବୋପରି ସାମାଜିକ ଓ ଆର୍ଥିକ ଅସାମଞ୍ଜସ୍ୟ ଯୋଗୁଁ ମାମଲା ସଂଖ୍ୟା ବଢୁଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ୨୦୧୧ ମସିହାରେ ଓଡ଼ିଶା ସରକାର ଯେଉଁ ରାଜ୍ୟ ମାମଲା ନୀତି ପ୍ରଣୟନ କରିଥିଲେ, ତାହା ଏକ ପ୍ରକାର ବିଫଳ ହୋଇଛି । ମାମଲା ବଢୁଥିବାରୁ ଥାନା, ଫାଣ୍ଡି, କୋର୍ଟ କଚେରୀ, ଜେଲ୍ ଆଦି ବଢ଼ା ଯାଉଛି । ଅଥଚ ମାମଲା କିଭଳି କମିବା ସହ ଲୋକଙ୍କ ଧନ ଜୀବନ ଏବଂ ସମ୍ବିଧାନ ପ୍ରଦତ୍ତ ଅଧିକାରମାନ ସୁରକ୍ଷିତ ରହି ପାରିବ, ସେ ଦିଗରେ ବିଶେଷ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ହାଇକୋର୍ଟରେ ବର୍ଷ ବର୍ଷ ଧରି ବିଚାରପତି ପଦବୀମାନ ଖାଲି ରହୁଥିବା ବେଳେ ସେଗୁଡ଼ିକୁ ତୁରନ୍ତ ପୂରଣ କରାଯାଉ ନାହିଁ । ଏ ପରିପ୍ରେକ୍ଷୀରେ ସମ୍ବିଧାନର ସୁରକ୍ଷା ସ୍ତମ୍ଭ ନ୍ୟାୟପାଳିକାକୁ ସୁଦୃଢ଼ କରାଯିବା ସହ ଏହାକୁ ସଂପୂର୍ଣ୍ଣ ନିରପେକ୍ଷ ଓ ଚାପମୁକ୍ତ କରାଯାଇ ପାରିଲେ ଆମ ଗଣତନ୍ତ୍ର ସୁରକ୍ଷିତ ହେବା ସହିତ ସାଧାରଣ ଲୋକ ନିରାପଦରେ ସମ୍ମାନର ସହ ବଞ୍ଚି ପାରିବ ।

ମୋ: ୯୪୩୭୦୧୭୩୯୫
prahalladsinha@gmail.com

# ସଂଗ୍ରାମୀ ରାଜୁଭାଇ



ଡାକ୍ତର ରବି ରଞ୍ଜନ ସାହୁ

ପୂର୍ବତନ ବିଧାୟକ, ଶ୍ରମିକ ନେତା ତଥା ସମାଜବାଦୀ ରାଜେନ୍ଦ୍ର ପ୍ରସାଦ ସିଂହ 'ରାଜୁଭାଇ' ଭାବରେ ବେଶ୍ ଜଣାଶୁଣା । କଟକ ସହରରେ କଦାଚିତ୍ ଏପରି କୌଣସି ସାମାଜିକ ଓ ରାଜନୀତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବ, ଯେଉଁଠି ରାଜୁ ଭାଇଙ୍କ ଉପସ୍ଥିତି ରହି ନଥିବ । ସେ ପ୍ରାୟ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ ଓ ତାଙ୍କର ସୁଚିନ୍ତିତ ମତ ରଖୁଥିଲେ । କଟକର ପାଣି ପବନରେ ବଢ଼ି ରାଜୁଭାଇ ଦେଶରେ ବହୁ ବିଶିଷ୍ଟ ନେତୃବୃନ୍ଦଙ୍କ ସାନ୍ନିଧ୍ୟ ଲାଭ କରିବାରେ ସକ୍ଷମ ହୋଇ ପାରିଥିଲେ । ସେ ଡକ୍ଟର ଲୋହିଆ, ମଧୁ ଦଣ୍ଡବତେ, ଜର୍ଜ ଫର୍ଣ୍ଣାଣ୍ଡିଜ୍, ନୀତୀଶ କୁମାର, ଶରଦ ଯାଦବ ଆଦି ସମାଜବାଦୀଙ୍କ ନିକଟତର ହୋଇଥିଲେ । ଜଣେ ଦକ୍ଷ ସଂଗଠକ ଓ ସମାଜ ସେବକ ଭାବରେ ତାଙ୍କର ନାମ ଥିଲା । ସେ ଜଣେ ଦରଦୀ ମଣିଷ ମଧ୍ୟ । ତା' ନ ହୋଇଥିଲେ ସେ ଦୁଃଖୀ ଦରିଦ୍ରଙ୍କର ସେବା କରିବାକୁ ପଣ କରି ନଥାନ୍ତେ । କଟକ ସହରର ରାଉସାପାଟଣା ଥିଲା ତାଙ୍କର ଜନ୍ମସ୍ଥାନ, କିନ୍ତୁ ତାଙ୍କର କାର୍ଯ୍ୟ ପରିସର ଥିଲା ବ୍ୟାପକ । ଓଡ଼ିଶା ଏପରିକି ଦେଶରେ ବି ସେ ଖ୍ୟାତିଲାଭ କରିଥିଲେ । ସେଥିପାଇଁ ସେ ତାଙ୍କ ଯୁବାବସ୍ଥାରେ ସମାଜବାଦୀ ଯୁବଜନ ସଭାର ସମ୍ପାଦକ ହୋଇଥିଲେ । ସେହିପରି ହିନ୍ଦ୍ ମଜଦୁର ସଭାର ରାଜ୍ୟ ସଭାପତି ଓ ପରେ ଏହାର ଜାତୀୟ ଉପସଭାପତି ବି ହୋଇଥିଲେ । ଇଣ୍ଡଷ୍ଟ୍ରିଆଲ ଗ୍ଲୋବାଲ ୟୁନିଅନର କାର୍ଯ୍ୟକାରୀ ସଦସ୍ୟ ଏବଂ କଟକ ତଥା ଓଡ଼ିଶାରେ ଅନେକ ସଂଗଠନ ସହିତ ତାଙ୍କର ସମ୍ପର୍କ ରହିଥିଲା ଓ ସେ ଆପଣା ଶକ୍ତିମତେ ସେହିସବୁ ସଂସ୍ଥା ଓ ସଂଗଠନକୁ ଆଗକୁ ନେଇଥିଲେ ।

ରାଜୁଭାଇ ଉଚ୍ଚଶିକ୍ଷା କଟକରେ ଲାଭ କରିଥିଲେ । ସେହି ସମୟରୁ ଛାତ୍ର ରାଜନୀତିରେ ଜଡ଼ିତ ହୋଇ ଜାତୀୟ ସ୍ତରର ଛାତ୍ର ଆନ୍ଦୋଳନର ନେତୃତ୍ୱ ମଧ୍ୟ ନେଇଥିଲେ । ଜଣେ କ୍ରାନ୍ତିକାରୀ ଭାବରେ ପରିଚିତ ରାଜୁଭାଇ ଅନ୍ୟାୟ, ଅନୀତି, ଅଶୋଭନୀୟତା ବିରୋଧରେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିଥିଲେ । କଟକ ସହର ସାହି ବସ୍ତିର ସହର । ଏହି ସହରରେ ଅନେକ ସମସ୍ୟା ରହିଛି । ସେସବୁ ସମାଧାନ ପାଇଁ ସେ ତ ଉଦ୍ୟମ କରୁଥିଲେ ତା' ସହିତ ଦୁଃଖୀ ଅଭାବୀମାନଙ୍କର ସେବାରେ ନିଜକୁ ନିୟୋଜିତ କରିଥିଲେ । ଏପରିକି ଉଚ୍ଚଶିକ୍ଷା, ଆଇନ ଶିକ୍ଷା ଲାଭ କରି ମଧ୍ୟ ସେ ଉଚ୍ଚ ବେତନର ସରକାରୀ ଚାକିରି କି ବ୍ୟବସାୟ ପ୍ରତି ମନ ବଳାଇ ନଥିଲେ ।

ଜାତୀୟ ସ୍ତରରେ ଆପଣାକୁ ପ୍ରତିଷ୍ଠିତ କରାଇ ସେ ରାଜନୀତିରେ ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରି ଓଡ଼ିଶା ବିଧାନସଭାର ମାନ୍ୟବର ସଦସ୍ୟ, ବିଧାୟକ ହୋଇଥିଲେ । ଜନତା ଦଳର ସଦସ୍ୟ ଭାବେ ସେତେବେଳେ ତାଙ୍କର କାର୍ଯ୍ୟ ବେଶ୍ ଉଲ୍ଲେଖନୀୟ ରହିଥିଲା । ୧୯୯୦ ମସିହାରୁ ୧୯୯୫ ମସିହା ପର୍ଯ୍ୟନ୍ତ କଟକ ସଦର ବିଧାନସଭା ଆସନରୁ ରାଜୁଭାଇ ନିର୍ବାଚିତ ହୋଇଥିଲେ । ତାଙ୍କର ରାଜନୀତିକ ଜୀବନ ପ୍ରେରଣାଦାୟକ ଥିଲା । ନିଃସ୍ୱାର୍ଥପର ଭାବେ ଦେଶ ଓ ଦେଶବାସୀଙ୍କ ପାଇଁ ସେ କାମ କରି ଯାଇଛନ୍ତି । ରାଜନୀତିରେ ଆଜିକାଲି ଯେତେବେଳେ ଆପଣା ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉଛି ଓ ପରିବାରବାଦକୁ ପ୍ରାଧାନ୍ୟ ଦିଆଯାଉଛି, ସେପରି ନଥିଲେ ରାଜୁଭାଇ ।

**ଶ୍ରାଦ୍ଧ ଅବସରରେ**

ସେ ପରିବାରବାଦ ରାଜନୀତିର ଘୋର ବିରୋଧୀ ଥିଲେ ଓ ସବୁବେଳେ ଜନକଲ୍ୟାଣକୁ ଅଗ୍ରାଧିକାର ଦେଉଥିଲେ । ସେଥିପାଇଁ ସେ ସମସ୍ତଙ୍କ ନିକଟରେ ପ୍ରିୟପାତ୍ର ହୋଇ ରହିଥିଲେ । ତାଙ୍କର ସମାଜବାଦୀ ବନ୍ଧୁ ଯେତିକି ଥିଲେ, ଅନ୍ୟ ବିଚାରଧାରାର ବନ୍ଧୁମାନେ ମଧ୍ୟ ସେହିପରି ରହିଥିଲେ ।

ବୌଦ୍ଧିକ ସ୍ତରରେ ସେ ଜଣେ ଆଗ ଧାଡ଼ିର ବ୍ୟକ୍ତି ଥିଲେ । ଓଡ଼ିଶାରେ ସେ ସମାଜବାଦୀ ଆନ୍ଦୋଳନର ପ୍ରବକ୍ତା ଭାବରେ ସମାଜବାଦୀ ନେତା ରାମ ମନୋହର ଲୋହିଆଙ୍କ ଦର୍ଶନକୁ ନିଜେ ଯେପରି ଗ୍ରହଣ କରିଥିଲେ, ସେହିପରି ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ କରିଥିଲେ । ତାଙ୍କ ପ୍ରଚେଷ୍ଟାରୁ ରାଜ୍ୟରେ ସମାଜବାଦୀ ଆନ୍ଦୋଳନ ଓ ଆଦର୍ଶର ବିକାଶ ଘଟିଥିଲା । ଅନେକ ପ୍ରସଙ୍ଗରେ ତାଙ୍କର ଆପଣା ସ୍ୱତନ୍ତ୍ର ବିଚାର ଥିଲା । ରାଜନୀତିଠାରୁ ଆରମ୍ଭ କରି ସମାଜ ଓ ଶିକ୍ଷା ଆଦି ସବୁଥିରେ ସେ ଆପଣାର ଯୋଗଦାନ ଦେଇଥିଲେ । ବିଶେଷକରି ସମାଜ ସେବା ଓ ଦେଶର ଗଣତନ୍ତ୍ର ପ୍ରତି ତାଙ୍କର ଅବଦାନକୁ କଦାପି ଭୁଲି ହେବ ନାହିଁ । ଯେତେବେଳେ ଦେଶରେ



ଜାତୀୟ ଜରୁରୀ ପରିସ୍ଥିତି ଜାରି ହୋଇଥିଲା, ସେତେବେଳେ ନାଗରିକଙ୍କ ମୌଳିକ ଅଧିକାର କେନ୍ଦ୍ର ସରକାରଙ୍କ ଦ୍ୱାରା ଛଡ଼ାଇ ନିଆ ଯାଇଥିଲା, ସେତେବେଳେ ଏହି କଳା ଆଇନ ବିରୋଧରେ ସାରା ଦେଶରେ ହୋଇଥିବା ଆନ୍ଦୋଳନରେ ରାଜୁଭାଇ ଓଡ଼ିଶାରେ ଆଗ ଧାଡ଼ିରେ ରହିଥିଲେ ।

ଜୟପ୍ରକାଶ ନାରାୟଣ ଜାତୀୟ ଜରୁରୀ ପରିସ୍ଥିତିକୁ ବିରୋଧ କରି ଆନ୍ଦୋଳନର ଡାକରା ଦେଇଥିଲା ବେଳେ ତାଙ୍କ ଡାକରାକୁ ଓଡ଼ିଶାରେ କାର୍ଯ୍ୟକାରୀ କରି ସେହି ଆନ୍ଦୋଳନକୁ ଆଗକୁ ନେବା ଓ ଜୟପ୍ରକାଶ ନାରାୟଣଙ୍କ ସଂପୂର୍ଣ୍ଣ କ୍ରାନ୍ତି ବିଚାରକୁ ଓଡ଼ିଶାର ଘରେ ଘରେ ପହଞ୍ଚାଇବା ପାଇଁ କାମ କରିଥିଲେ । ଜୟପ୍ରକାଶଙ୍କ ସଂପୂର୍ଣ୍ଣ କ୍ରାନ୍ତି, ଯାହା ଡକ୍ଟର ଲୋହିଆଙ୍କ ସପ୍ତକ୍ରାନ୍ତି, ତାହାର ପରିପୂରଣ ପାଇଁ ରାଜୁଭାଇ ଅଣ୍ଟା ଭିଡ଼ିଥିଲେ । ସେ ଥିଲେ ଜଣେ ଦକ୍ଷ ସଂଗଠକ । ତାଙ୍କର ଏହି ଦକ୍ଷତା ପାଇଁ ସେ ରାଜ୍ୟ ତଥା ଜାତୀୟ ସ୍ତରରେ ଅନେକ ଅନୁଷ୍ଠାନରେ ସଂଗଠକ ଭାବେ କାମ କରିଥିଲେ । ବିଜୁ ଜନତା ଦଳ ରାଜ୍ୟ ଶ୍ରମିକ ସଂଗଠନର ସଭାପତି, ପାରାଦ୍ୱୀପ ବନ୍ଦର, ପିପିଏଲ, ଆରଏସପି, କୋଇଲା ଖଣିରେ କାମ କରୁଥିବା ଶ୍ରମିକମାନଙ୍କ ସଂଗଠନ ପାଇଁ ସେ କାମ କରିଥିଲେ । ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ ସେ ଉଦ୍ୟମ କରିଥିଲେ ଓ ଜେଲ ମଧ୍ୟ ଯାଇଥିଲେ । ୧୯୬୪ ଛାତ୍ର ଆନ୍ଦୋଳନ କୁହନ୍ତୁ ବା ତା'ପରେ ଜାତୀୟ ଜରୁରୀ ପରିସ୍ଥିତି ବିରୋଧୀ ଆନ୍ଦୋଳନ, ଏ ସବୁଥିରେ ରାଜୁଭାଇ ରାଜ୍ୟରେ ଆଗୁଆ ଥିଲେ । ଛାତ୍ର ରାଜନୀତିରୁ ସମାଜ ଜୀବନରେ ରହି ଆସିଥିବା ରାଜୁଭାଇ ଦୀର୍ଘ ୫୦ ବର୍ଷ ଧରି ଆପଣାକୁ ସାଧାରଣ ଶ୍ରମିକ, ଦରିଦ୍ର ଜନତା, ଅବହେଳିତ, ନିଷ୍ପେଷିତ, ଅଭାବୀ ମଣିଷମାନଙ୍କ ସହିତ କଟାଇ ଥିଲେ । ସେହିମାନଙ୍କର ସୁଖ ଦୁଃଖରେ ନିଜକୁ ସାମିଲ କରି ଅଗ୍ରସର ହୋଇଥିଲେ । ତାଙ୍କ ପାଇଁ ଯେତେ ଶ୍ରଦ୍ଧା ନିବେଦନ କଲେ ମଧ୍ୟ ତାହା ସେତେ କମ୍ ହେବ ।

ଚାନ୍ଦିନୀଚୌକ, କଟକ
ମୋ: ୯୪୩୭୩୧୦୧୭୧

**ସମ୍ପାଦକଙ୍କୁ ପତ୍ର**

## ଜୋରିମାନା ଓ ଦୁର୍ଘଟଣା

ଦେଶର ବିଭିନ୍ନ ରାଜ୍ୟରେ ଦୈନନ୍ଦିନ ସଡ଼କ ଦୁର୍ଘଟଣା ଘଟି ଧନ ଜୀବନ ହାନି ହେଉଥିବା ବେଳେ ଦୁର୍ଘଟଣା ଯେପରି ନହେବ, ଆହତଙ୍କୁ ତୁରନ୍ତ ଡାକ୍ତରଖାନା ସ୍ଥାନାନ୍ତର କରିବା, ଡାକ୍ତରଖାନାରେ କେଉଁ ପ୍ରକାର ଭିତ୍ତିଭୂମି ରହିବ, ବିପଦସଂକୁଳ ରାସ୍ତା ନ ରହିବାକୁ କ'ଣ କରାଯିବ ଏବଂ ଦୁର୍ଘଟଣା କମ୍ ହେବା ପାଇଁ ଯେଉଁସବୁ ଭିତ୍ତିଭୂମି ଦରକାର, ସେସବୁ ପାଇଁ ସୁପ୍ରିମ୍‌କୋର୍ଟଙ୍କ କମିଟି ବାରମ୍ବାର କହିବା ପରେ ରାଜ୍ୟ ସରକାରମାନେ ତାକୁ କାର୍ଯ୍ୟକାରୀ ନ କରିବା ପରିତାପର ବିଷୟ । ଏପରିକି ଦ୍ରୁତ ଗତିରେ ଗାଡ଼ି ଚାଳନା, ନିଶାଦ୍ରବ୍ୟ ସେବନ କରି ଗାଡ଼ି ଚଳେଇବା, ଗାଡ଼ି ଚଳେଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର, ଓଭରଲୋଡ୍, ରଙ୍ଗ୍ ସାଇଡ୍‌ରେ ଗାଡ଼ି ଚାଳନା ପାଇଁ ଜୋରିମାନା ଆଦାୟ କରିବାକୁ ଏହି କମିଟି କହିଥିବା ବେଳେ ଏସବୁ କିଛି ନକରି କେବଳ ଜୋରିମାନା ଆଦାୟ ପାଇଁ ଟାର୍ଗେଟ୍ ଧରାଇ ଦିଆଯାଉ ଥିବାରୁ ଦୁର୍ଘଟଣା ରୋକାଯାଇ ପାରୁନାହିଁ । ଏହି ଜୋରିମାନା ଆଦାୟର ଫାଇଦା ଉଠାଇବାକୁ ଅଧିକାରୀମାନେ ଖୁବ୍ ଜୋର୍‌ରେ ଲାଗିଛନ୍ତି, ଯଦ୍ୱାରା ଦୁର୍ଘଟଣା ରୋକିହେବା ତ ଦୂରର କଥା ଓଲଟା ସାଧାରଣ ଲୋକେ ହଇରାଣ ହେଉଛନ୍ତି । ବିଶେଷକରି ଭାରୀଯାନଠାରୁ ଆରମ୍ଭ କରି ଯାତ୍ରୀବାହୀ ବସ୍‌ଗୁଡ଼ିକ ଅଧିକ ଦୁର୍ଘଟଣା ଘଟାଇ ଚାଲିଥିଲେ ମଧ୍ୟ ସେଥି ପ୍ରତି ବିଭାଗୀୟ ଅଧିକାରୀ ଗୁରୁତ୍ୱ ନ ଦେଇ ଛୋଟ ଯାନ ଚାଳକଙ୍କୁ ଅଧିକ ହଇରାଣ କରୁଛନ୍ତି । ଦୁର୍ଘଟଣା ରୋକିବା ପାଇଁ ଜୋରିମାନାକୁ ଅଧିକ ଗୁରୁତ୍ୱ ନଦେଇ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିବା ସହିତ ଭଲ ରାସ୍ତା ନିର୍ମାଣ, ସୁରକ୍ଷିତ ଡ୍ରାଇଭିଂ ପାଇଁ ସଚେତନତା ସୃଷ୍ଟି, ପ୍ରମୁଖ ରାସ୍ତାରେ ଡିଭାଇଡର ନିର୍ମାଣ, ଟ୍ରାଫିକ ବ୍ୟବସ୍ଥା ଅଧିକ ଜରୁରୀ ।

ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



## ଅନନ୍ତ ବାସୁଦେବଙ୍କ ସୁନାବେଶ

**ନୟାହାଟ,୨୫।୭/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ସିଙ୍ଘପାନିଆ ଗ୍ରାମର ଅନନ୍ତବାସୁଦେବ ଠାକୁରଙ୍କ ଆଜି ସନ୍ଧ୍ୟାରେ ଭୋଗରାଗ ପରେ ରଥ ଉପରେ ସୁନାବେଶ କରାଯାଇଥିଲା। ସୁନାବେଶ ଦେଖିବା ପାଇଁ ବହୁ ଭକ୍ତଙ୍କ ସମାବେଶ ହୋଇଥିଲା। ଠାକୁରଙ୍କ ଅନୁଷ୍ଠାନ ପକ୍ଷରୁ ରସଗୋଲା ଭୋଗ କରାଯାଇ ଭକ୍ତମାନଙ୍କୁ ବଣ୍ଟା ଯାଇଥିଲା। ରଥ ଉପରେ ଅନନ୍ତବାସୁଦେବଙ୍କୁ ବହୁ ଭକ୍ତମାନଙ୍କ ପକ୍ଷରୁ ପୁଷ୍ପମାଳ ଅର୍ପଣ କରାଯାଇଥିଲା।

# ୨୮ ବର୍ଷ ପରେ ଗଡ଼ିଲା ରଥ

**ଅସ୍ତରଙ୍ଗ,୨୫।୭/ଏନ୍‌ଏନ୍‌ଏସ୍:** ଆଷାଢ଼ ମାସର ଶେଷ ସମୟ। କାଳିଆ ଠାକୁର ଘରକୁ ଫେରିବାର ଦିନ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଆକାଶ ବାହୁଡ଼ାରେ କେବଳ ଗୋଟିଏ ନାମରେ ପ୍ରକମ୍ପିତ ହୋଇଥିଲା - 'ଜୟ ଜଗନ୍ନାଥ'। ମହାପ୍ରଭୁଙ୍କ ପ୍ରତି ଭକ୍ତି ଓ ଆଧ୍ୟାତ୍ମିକତାର ଜୁଆର ବ୍ଲକର ପ୍ରତି ଗ୍ରାମରେ ଉଚ୍ଛୁଳି ପଡିଥିଲା। ଶଙ୍ଖ, ଘଣ୍ଟ, ମୃଦଙ୍ଗ, କରତାଳ ଓ ହରିବୋଲର ଗହ ଗହ ନାଦରେ ଗଗନ ପବନ କମ୍ପି ଉଠିଥିଲା। ମା, ଭଉଣୀଙ୍କ ହୁଳହୁଳି ଓ ଭକ୍ତଙ୍କ ଆଖିର ଲୁହ ମିଶି ଗୋଟିଏ ଅଦ୍ଭୁତ ଦୃଶ୍ୟ ସୃଷ୍ଟି କରିଥିଲା। ଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳୟ ସମ୍ମୁଖ ଶ୍ରୀ ଗୁଣ୍ଡିଚା ମନ୍ଦିର ରେ ସକାଳୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଆଡ଼ପ ମଣ୍ଡପରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା। ଦିନ ୨ଟାରେ ବାଦ୍ୟ ଓ କୀର୍ତ୍ତନର ତାଳେ ତାଳେ ମହାପ୍ରଭୁ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କୁ ସୁସିତ ରଥ ଉପରକୁ ନିଆଯାଇଥିଲା। ଛେରା ପହଁରା ପରେ ସନ୍ଧ୍ୟା ୫ଟାରେ ରଥ ଟଣା ଆରମ୍ଭ ହେବା ମାତ୍ରେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ କଣ୍ଠରୁ ନିର୍ଗତ 'ଜୟ ଜଗନ୍ନାଥ' ଧ୍ୱନିରେ ଗାଁ ରାସ୍ତା କମ୍ପି ଉଠିଥିଲା। ଏକ କିଲୋମିଟର ଦୀର୍ଘ ଫେରନ୍ତି ଯାତ୍ରାରେ ରଥ ଯେତେବେଳେ ରାଜକୀୟ ଠାଣିରେ ଗଡୁଥିଲା, ସେତେବେଳେ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ବାଦ୍ୟ ଓ ଭଜନର ମଧୁର ଆବାଜ ଭକ୍ତମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ବାହୁଡ଼ାର ସବୁଠୁ ବଡ ଆକର୍ଷଣ ଥିଲା ମହାପ୍ରଭୁଙ୍କ ପ୍ରିୟ ପୋଡ଼ ପିଠା। ରଥ ଟଣା ପରେ ମନ୍ଦିର ପରିସରରେ ଭକ୍ତମାନଙ୍କ ମଧ୍ୟରେ



ପୋଡ଼ ପିଠା ବଣ୍ଟନ କରାଯାଇଥିଲା। ମା'ଲକ୍ଷ୍ମୀଙ୍କ ରୋଷରୁ ବଞ୍ଚିବା ପାଇଁ ମହାପ୍ରଭୁଙ୍କ ନିକଟରେ ଯେଉଁ ପୋଡ଼ ପିଠା ଭୋଗ କରିଥିଲେ, ସେହି ପ୍ରସାଦ ପାଇବା ପାଇଁ ଭକ୍ତଙ୍କ ଲମ୍ବା ଲାଇନ୍ ଲାଗିଥିଲା। ପୋଡ଼ ପିଠାର ସୁଗନ୍ଧରେ ପୂରା ମନ୍ଦିର ପରିସର ମହକି ଉଠିଥିଲା। ଅସ୍ତରଙ୍ଗ ଗ୍ରାମର ଭଗବତୀ ପୀଠର ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରରେ ୨୮ବର୍ଷ ପରେ ପୁଣି ଥରେ ଗଡ଼ିଲା। ୨୧ଫୁଟ ଉଚ୍ଚର ବିଶାଳ ରଥ। ସ୍ୱତନ୍ତ୍ର ନୀତିକାନ୍ତି ପରେ ରଥ ବାଟୁଆଗାଦି ପର୍ଯ୍ୟନ୍ତ ଯାଇଥିଲା। ଦୀର୍ଘ ବର୍ଷ ପରେ ରଥ ଦେଖି ବୃଦ୍ଧଙ୍କ ଆଖି ଭାବରେ ଛଳଛଳ ହୋଇଯାଇଥିଲା। ଶତାଧିକ ଲୋକ ଦଉଡିରେ ହାତ ଲଗାଇ ଧନ୍ୟ ହୋଇଥିଲେ। କେବଳ ବନ୍ତିଲୋ ଓ ଅସ୍ତରଙ୍ଗ ନୁହେଁ, ବ୍ଲକ ଅଧୀନ ବରଡି, ଶିଶୁଅ, ସରିପୁର, କେନ୍ଦ୍ରାପଟି, ସହନ, ନୂଆଗଡ, ନଗର, ଓଳିହା ଓ ତାଳଦା ଆଦି ସମେତ ପ୍ରତି ଗ୍ରାମାଞ୍ଚଳରେ କୁନି କୁନି ପିଲାଙ୍କ ରଥ ମଧ୍ୟ ସ୍ୱତନ୍ତ୍ର ନୀତିକାନ୍ତି ସହ ପହଣ୍ଡି ଓ ରଥଟଣା ହୋଇଥିଲା। ପ୍ରତି ଗ୍ରାମରେ ମହାପ୍ରଭୁଙ୍କୁ ଏକନଜର ଦେଖିବା ପାଇଁ ଲୋକଙ୍କ ଅପୂର୍ବ ଭିଡ ଜମିଥିଲା। ବାହୁଡ଼ା ହେଲା ଫେରିବାର ପର୍ବ, ମିଳନର ପର୍ବ। ମହାପ୍ରଭୁ ମାଉସୀ ଘରୁ ଫେରି ନିଜ ଘରକୁ ଯାଉଛନ୍ତି। ଏହି ବିଶ୍ୱାସ ଓ ଭକ୍ତି ନେଇ ଅସ୍ତରଙ୍ଗ ବ୍ଲକର ପ୍ରତି ଘରେ ଆଜି ଶଙ୍ଖ ବାଜିଥିଲା, ଦୀପ ଜଳିଥିଲା। ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ଅକ୍ଲାନ୍ତ ପରିଶ୍ରମରେ ଏହି ଭକ୍ତିମୟ ଉତ୍ସବ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା।

## ସୁନାବେଶରେ ଦର୍ଶନଦେଲେ ଦାରୁଦିଅଁ

**ବୋଲଗଡ଼,୨୫।୭/ଏନ୍‌ଏନ୍‌ଏସ୍:** କୋଟି ଓଡ଼ିଆର ମଉଡ଼ମଣି ଦାରୁ ଦେବବତା ନବଦିନାତ୍ମକ ଘୋଷଯାତ୍ରା ଶେଷକରି ମନ୍ଦିର ପ୍ରତ୍ୟାବର୍ତ୍ତନ ପୂର୍ବକ ମନ୍ଦିର ସମ୍ମୁଖରେ ରଥରେ ବିରାଜମାନ କରିଛନ୍ତି। ତେବେ ହରିଶୟନ ଏକାଦଶୀରେ ରଥରେ ସୌଭାଗ୍ୟ ଅର୍ଜନ କରିଛନ୍ତି।ଭକ୍ତମାନେ ରଥରେ ଦାରୁଦିଅଁଙ୍କ ସୁନାବେଶ ଦେଖିବା ସହ ଦୀପ ଦାନ କରିଛନ୍ତି। ସେବାୟତ ସଂଜୀବ ମହାପାତ୍ର ରଥପରେ ରହି ଶ୍ରଦ୍ଧାଳୁମାନଙ୍କର ଭୋଗ ନୈବେଦ୍ୟ ଆଦି କରୁଥିବା ଦେଖିବାକୁ ମିଳିଛି। ଭକ୍ତ ତଥା



ଦାରୁଦିଅଁ ମାନେ ସୁନାବେଶରେ ଭକ୍ତ ମାନଙ୍କୁ ଦିବ୍ୟ ଦର୍ଶନ ଦେଇଛନ୍ତି। ଏହି ଅବସରରେ ସନ୍ଧ୍ୟାରେ ବୋଲଗଡ଼ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶହଶହ ଭକ୍ତ ଭଗବାନଙ୍କର ଅପୂର୍ବ ସୁନାବେଶ ଦେଖିବାର ଶ୍ରଦ୍ଧାଳୁମାନେ ଯେପରି ଭାବେ ସୁନାବେଶରେ ରହିଥିବା ଦିଅଁ ମାନଙ୍କୁ ସଠିକ ଦର୍ଶନ କରିପାରିବେ ସେଥି ନିମନ୍ତେ ରଥ କମିଟି ପ୍ରମୁଖ ମାନେ ଯତ୍ନବାନ ରହିଥିବା ଦେଖିବାକୁ ମିଳିଥିଲା।

## ଭୁବନେଶ୍ୱର ସାଂସଦଙ୍କ ଜନସମ୍ପର୍କ ଯାତ୍ରା



**ବୋଲଗଡ଼,୨୫।୭/ଏନ୍‌ଏନ୍‌ଏସ୍:** ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମପଞ୍ଚାୟତ ମୁଖ୍ୟାଳୟ ଶୈବପୀଠ ଠାରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କର ଜନସମ୍ପର୍କ ଯାତ୍ରା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀମତୀ ଷଡ଼ଙ୍ଗୀ ଖଙ୍ଗୁରିଆ ଗ୍ରାମର ସମସ୍ତ ସାହିରେ ଘରଘର ବୁଲି ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହିତ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହା ସହିତ ଗ୍ରାମର ଆରାଧ୍ୟ ଶୈବପୀଠ ଶ୍ରୀ ଶ୍ରୀ ଅମୃତେଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭାରେ ଯୋଗଦେଇ ଖଙ୍ଗୁରିଆ ପଞ୍ଚାୟତ ମୁଖ୍ୟ ସମସ୍ୟା ରହିଥିବା ମହାନଦୀ ପାନୀୟ ଜଳ ଯୋଗାଣ, ଜକଲା ବନ୍ଧର ପୁନଃଉଦ୍ଧାର, ଜକଲା ମହାବୀର ପୀଠକୁ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ କରିବା ଇତ୍ୟାଦି ସମ୍ପର୍କରେ ବୁଝି ଏହାର ଶୀଘ୍ର ବିକାଶ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ସହିତ ଗ୍ରାମର ବହୁ ବୃଦ୍ଧ ବୃଦ୍ଧା ୬ମାସ ଧରି ବାର୍ଦ୍ଧକ୍ୟ ଭତ୍ତା ପାଇନଥିବା, ବହୁ ଅସହାୟ ବ୍ୟକ୍ତି ଆବାସ ଯୋଜନାରେ ଘର ଓ ଖାଉଟି କାର୍ଡ ପାଇନଥିବାର ଅଭିଯୋଗ ସାଂସଦଙ୍କ ନିକଟରେ ଆଣିଥିଲେ। ଏହି ସମ୍ପର୍କ ଯାତ୍ରାରେ ବିଜେପି ନେତା ପ୍ରକାଶ ଚନ୍ଦ୍ର ବିଜୁଳି, ଅଜିତ ପଟ୍ଟନାୟକ, ବ୍ରଜବନ୍ଧୁ ସୁବୁଦ୍ଧି, ପ୍ରଫୁଲ୍ଲ ଦଳେଇ ଯୋଗଦେଇଥିଲେ। ବୋଲଗଡ଼ ମଣ୍ଡଳ ସଭାପତି ଦୀପନ କୁମାର ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅଧିବକ୍ତା ଲୋତକ ବିନ୍ଦୁ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପୂର୍ବତ୍ତନ ମଣ୍ଡଳ ସଭାପତି ସଞ୍ଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରମାଗତ ବର୍ଷା ଯୋଗୁ ଶହ ଶହ ଏକର ଚାଷଜମି ଜଳମଗ୍ନ

# ଧାନ ତଳି ନଷ୍ଟ, ଚିନ୍ତାରେ ଚାଷୀ

**କଣ୍ଟିଲୋ,୨୫।୭/ଏନ୍‌ଏନ୍‌ଏସ୍:** ସମ୍ପ୍ରତି ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ କ୍ରମାଗତ ଭାବେ ଲାଗି ରହିଥିବା ବର୍ଷା ଯୋଗୁ ପ୍ରତ୍ୟେକ ଚାଷ ଜମିରେ ୩ରୁ ୪ ଫୁଟ ଉଚ୍ଚର ପାଣି ଜମି ରହିଥିବା ଯୋଗୁ ଶହ ଶହ ଏକର ଜମି ଜଳ ମଗ୍ନ ହୋଇ ରହିଥିବାରୁ ଧାନ ଗଛ ଏବଂ ରୁଆ ଯାଇଥିବା ତଳି ସବୁ ପଚି ନଷ୍ଟ ହୋଇଥିବାରୁ ଚାଷୀମାନେ ଚଡ଼କ ପଡ଼ିଲା ଭଳି ମୁଣ୍ଡରେ ହାତ ରଖି ଗଭୀର ଚିନ୍ତାରେ ରହିଥିବା ଦେଖିବାକୁ ମିଳୁଛି। ସୂଚନାରୁ ପ୍ରକାଶ ଯେ, ଖଣ୍ଡପଡ଼ା ବ୍ଲକ୍‌ର କଣ୍ଟିଲୋ, ବଡ଼ବାଣପୁର, ରତନପୁର, ଘଣା ଶାଳିଆ, ରାଜକିଆରୀ, କନାସିଂ, ସିଧାମୂଳା,ଗୋପୀନାଥ ପୁର,ଦୁଆର ଗାଁ,ତେନ୍ତୁଳିଆ ପଲି ଓ ଦ୍ରୋଣ ଗାଡିଆ ପ୍ରଭୃତି ଗ୍ରାମ ଚାଷୀ ମାନଙ୍କର ଧାନ ଗଛ ଓ ରୋଇ ଥିବା ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ସମ୍ପର୍କେ ସ୍ଥାନୀୟ ଚାଷୀ ମାନେ ଅଭିଯୋଗ କରିଛନ୍ତି ଓ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି।

ଏପଟେ ଭାପୁର ବ୍ଲକର ପଥର ଚକଡ଼ା, ଧାନ ଚାଙ୍ଗଡ଼ା, କେନ୍ଦୁପଲି ପଞ୍ଚାୟତର ହଜାର ହଜାର ଏକର ଚାଷ ଜମି



ଜଳମଗ୍ନ ହୋଇ ରହିଥିବା ଯୋଗୁ ଚାଷୀମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିବା ସହିତ ଗଭୀର ଚିନ୍ତାରେ ରହିଛନ୍ତି। କ୍ଷୟକ୍ଷତିକୁ ଆକଳନ କରି ସରକାରୀ ସହାୟତା ଶୀଘ୍ର ଯୋଗାଇଦେବା ପାଇଁ ଧାନଚାଙ୍ଗଡ଼ାର ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସହ ଏହି ଖବର ମାଧ୍ୟମରେ ଜିଲ୍ଲାପାଳ ନୟାଗଡ଼ଙ୍କ ନିକଟରେ ଦାବି କରିଛନ୍ତି।

## ବାହୁଡ଼ା ଯାତ୍ରାରେ ପ୍ରସାଦ ବଣ୍ଟନ

**ସାଲେପୁର,୨୫।୭/ଏନ୍‌ଏନ୍‌ଏସ୍:** ସାଲେପୁର ସ୍ଥିତ ଜଗନ୍ନାଥ ମନ୍ଦିରରେ ଆଜି ବାହୁଡା ଯାତ୍ରା ସମ୍ପର୍ଣ୍ଣ ହୋଇଛି। ଏହି ଅବସରରେ ଟାଙ୍ଗୀ ସାଲେପୁର ଲୋକସେବା ଫାଉଣ୍ଡେସନ ଟ୍ରଷ୍ଟ ଅଧ୍ୟକ୍ଷ ତଥା ସମାଜସେବୀ ଡ. ହିମାଂଶୁ କୁମାର ମହାନ୍ତିଙ୍କ ପକ୍ଷରୁ ସମସ୍ତ ଭକ୍ତମାନଙ୍କୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସାଲେପୁର ଜଗନ୍ନାଥ ମନ୍ଦିରର ମାଉସୀ ମା ମନ୍ଦିର ବେଡେଇ ବେଲ ମାଣିଆଠାରେ ରୀତିନୀତି ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରି ରଥରେ ବିଜେ କରାଯାଇଥିଲା। ରଥରେ ଶ୍ରଦ୍ଧାଳୁ ମାନେ ଟାଣି ଟାଣି ଆଣି ସାଲେପୁର ଜଗନ୍ନାଥ ମନ୍ଦିରରେ ପହଞ୍ଚାଇ ଥିଲେ। ଏହି ବାହୁଡା ଯାତ୍ରା ରେ ଭକ୍ତମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ଟାଙ୍ଗୀ ସାଲେପୁର ଲୋକସେବା ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ଡ. ହିମାଂଶୁ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମସ୍ତ ଭକ୍ତମାନଙ୍କୁ ଦିନରେ ମାଉସୀ ମା ମନ୍ଦିର ବେଲ ମାଣିଆଠାରେ ଏବଂ ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର ପରିସରରେ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

## ନିଟ୍‌ରେ ଉତ୍ତୀର୍ଣ୍ଣ ଶିବାଶିଷଙ୍କୁ ସମ୍ବର୍ଦ୍ଧନା



**ଖଣ୍ଡପଡ଼ା,୨୫।୭/ଏନ୍‌ଏନ୍‌ଏସ୍:** ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ସର୍ବଭାରତୀୟ ସ୍ତରରେ ଆୟୋଜିତ ନିଟ-୨୦୨୬ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବା ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ଗ୍ରାମର ମେଧାବୀ ଛାତ୍ର ଶିବାଶିଷ ପାଢୀଙ୍କୁ ବରିଷ୍ଠ ସାମ୍ବାଦିକମାନେ ତାଙ୍କ ବାସଭବନରେ ଶନିବାର ଭେଟି ଶୁଭେଚ୍ଛା ଜଣାଇବା ସହ ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଶିବାଶିଷ ନିଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇ କଣ୍ଟିଲୋ ଅଞ୍ଚଳବାସୀଙ୍କ ପାଇଁ ଗୌରବ ଆଣିଥିବା ପରିପ୍ରେକ୍ଷୀରେ କଣ୍ଟିଲୋ ଓ ଖଣ୍ଡପଡ଼ା ଅଞ୍ଚଳରେ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧିମାନେ କୃତି ଛାତ୍ରଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। କଠିନ ପରିଶ୍ରମ,ପିତା ମାତାଙ୍କ ପ୍ରେରଣା, ଶିକ୍ଷକ ଓ ଈଶ୍ୱରଙ୍କ ଆର୍ଶୀବାଦ ଯୋଗୁଁ ସଫଳତାର ଶୀର୍ଷରେ ସେ ପହଞ୍ଚି ପାରିଛନ୍ତି ବୋଲି ଛାତ୍ର ଜଣକ ସାକ୍ଷାତକାରରେ ପ୍ରକାଶ କରିଥିଲେ। ଶିବାଶିଷ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଅଧ୍ୟାପକ ରମେଶ ଚନ୍ଦ୍ର ପାଢୀ ଓ ବରିଷ୍ଠ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ କରଙ୍କ ଏକମାତ୍ର ପୁତ୍ର ବୋଲି ଜଣାପଡିଛି।

## ମନ୍ଦିରକୁ ବାହୁଡ଼ିଲେ ତିନି ଠାକୁର



**କଣ୍ଟାପଡ଼ା,୨୫।୭/ଏନ୍‌ଏନ୍‌ଏସ୍:** ମାଉସୀ ମା'ଙ୍କ ମନ୍ଦିରରେ ୯ଦିନ ଅବସ୍ଥାନ ପରେ ଆଜି ତିନି ଠାକୁର ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରଗ୍ରାମରେ ଆୟୋଜିତ ବାହୁଡ଼ା ଯାତ୍ରାରେ ସୂର୍ଯ୍ୟନାରାୟଣ ଦାଶ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କଲାପରେ ରଥ ଟଣା ହୋଇଥିଲା। ଅଗା ବାବା ମଠ ସ୍ଥିତ ମଦନମୋହନ ଜିଉଙ୍କ ପରିସରସ୍ଥ ମାଉସୀ ମା'ଙ୍କ ମନ୍ଦିରରୁ ଶ୍ରଦ୍ଧାଳୁମାନେ ରଥକୁ ସୁନ୍ଦରଗ୍ରାମସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରକୁ ଟାଣି ନେଇଥିଲେ। ଅଗା ବାବା ଡାହୁକ କାର୍ଯ୍ୟ ତୁଲାଇଥିଲେ। ପ୍ରଭାତ ପଣ୍ଡା, ଦେବରାଜ ପଣ୍ଡା, ଅକ୍ଷୟ ପଣ୍ଡା, ସତ୍ୟବ୍ରତ ପଣ୍ଡା, ରବିନାରାୟଣ ଦାଶ, ଚନ୍ଦନ ପଣ୍ଡା, ସୀତାକାନ୍ତ ଦାଶ, କେଦାରନାଥ ମିଶ୍ର, ଅଶୋକ ପାତ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ସରପଞ୍ଚଙ୍କ ପ୍ରତିନିଧି କବିନ୍ଦ୍ର ସେଠୀ, ମନୋରଞ୍ଜନ ପାଣିଗ୍ରାହୀ, ସୁଶାନ୍ତକୁମାର ଦାଶ, ପୀୟୁଷ ପଟ୍ଟ ନାୟକ, ଅଭୟଚରଣ ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ସଦସ୍ୟଙ୍କ ସମେତ କଣ୍ଟାପଡ଼ା ଆଞ୍ଚଳିକ ବରିଷ୍ଠ ନାଗରିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଝାରପଡ଼ା ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରାରେ ପଣ୍ଡିତ ରବିନାରାୟଣ ମହାପାତ୍ର ଛେରା ପହଁରା କରିବା ପରେ ରଥ ଟଣା ହୋଇଥିଲା। ପ୍ରବୋଧ ରଥ, ଶ୍ରୀନିବାସ ସାହୁ, ଗୋବର୍ଦ୍ଧନ ସ୍ୱାଇଁ, ବାସନ୍ତୀ ତ୍ରିପାଠୀ, ମାମାଲି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଚରିଥିଲେ। ଅଡ଼ଶପୁର, ଉତ୍ତାରଣ, ଗୋବିନ୍ଦପୁର, ପାଟସୁନ୍ଦରପୁର, ଉରାଡ଼, ବ୍ରାହ୍ମଣବାଟୀ, ନୂଆଗାଁ, ନାହାଳପୁର, ପୋସ୍ତଳ ଓ କଣ୍ଟାପଡ଼ା ଆଦି ଅଞ୍ଚଳରେ ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ବିଭିନ୍ନ ସ୍ଥାନରେ ଗୋବିନ୍ଦପୁର ପୁଲିସ ଏବଂ ଓଲଟପୁର ଥାନା ପୁଲିସ କର୍ମଚାରୀ ମୁତୟନ ହୋଇଥିଲେ।

## ବିପଦସଙ୍କେତରେ ମହାନଦୀ ଜଳସ୍ତର

**କଣ୍ଟିଲୋ,୨୫।୭/ଏନ୍‌ଏନ୍‌ଏସ୍:** ବର୍ତ୍ତମାନ ରାଜ୍ୟରେ ସମସ୍ତ ଅଞ୍ଚଳରେ ଅନବରତ ଭାବେ ଲଗାତାର ୭/୮ ଦିନ ହେଲା ଚାଲୁଥିବା ବର୍ଷା ଯୋଗୁ ହୀରାକୁଦ ଜଳ ଭଣ୍ଡାର ୧୬ଟି ଗେଟ୍ ଖୋଲି ପାଣି ଛାଡିଛି। ତେଣୁ ମହାନଦୀରେ ଚଳିତ ବର୍ଷର ଦ୍ୱିତୀୟ ବନ୍ୟା ହେବା ସହିତ, କଣ୍ଟିଲୋରେ



ଜଳସ୍ତର ବିପଦସଙ୍କେତ ନିକଟସ୍ଥ ହୋଇଥିବା ଦେଖିବାକୁ ମିଳୁଛି। ସୂଚନା ଅନୁଯାଇ ଜଣାପଡୁଛି ଯେ, ଗତ ଗୁରୁବାର ସନ୍ଧ୍ୟା ସମୟେ ହୀରାକୁଦ ଜଳଭଣ୍ଡାରର ୧୬ଟି ଗେଟ୍ ଖୋଲି ପାଣି ଛାଡିଥିଲା। ସେହି ବନ୍ୟା ପାଣି କଣ୍ଟିଲୋ ରେ ପହଞ୍ଚିବା ପାଇଁ ୩୬ଘଣ୍ଟା ଲାଗିଥିବା ବିଷୟ ବିଭାଗୀୟ କର୍ମଚାରୀଙ୍କଠାରୁ ପ୍ରକାଶ। ଉପର ମୁଣ୍ଡ ଅର୍ଥାତ୍ ପଶ୍ଚିମାଞ୍ଚଳ ରେ ବହି ଯାଉଥିବା ଛୋଟ ଛୋଟ ନଦୀର ବନ୍ୟା ପାଣି ମହାନଦୀ ପାଣିର ମିଶିଥାଏ। କଣ୍ଟିଲୋ ଠାରେ ବିପଦ ସଙ୍କେତ ୪୭.୯୮ମିଟର ଥିବାବେଳେ ଦିନ ୧୨ଘଣ୍ଟା ସମୟେ ବନ୍ୟା ଜଳସ୍ତର ୪୫.୫୦ ମିଟର ଥିବା ସୂଚନା ମିଳିଛି। ରାତି ସୁଦ୍ଧା ୪ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେବାର ସମ୍ଭାବନା ଥିବା ହେତୁ, ମହାନଦୀ କୂଳିଆ ପ୍ରତ୍ୟେକ ଗ୍ରାମବାସୀ ସତର୍କ ରହିବା ପାଇଁ ବିଭାଗ ତରଫରୁ ସୂଚନା ଦିଆଯାଇଛି।

## ସମୁଦ୍ରକୂଳରୁ ମିଳିଲା ଅଚିହ୍ନା ଯୁବକଙ୍କ ଗଳିତ ଶବ

**କୋଣାର୍କ,୨୫।୭/ଏନ୍‌ଏନ୍‌ଏସ୍:** ଗତ ବୁଧବାର ୨୨ ତାରିଖରେ ଚନ୍ଦ୍ରଭଗା ସମୁଦ୍ରରେ ଡଙ୍ଗା ଓଲଟି ଗଭୀର ସମୁଦ୍ର ରେ ଭାସି ମତ୍ସ୍ୟଜୀବୀ ପିକି ରାମଣା(୩୫) ନାମକ ଜଣେ ଯୁବକ ଦୀର୍ଘ ୫ ଦିନ ହେବ ନିଖୋଜ ନେଇ ଦିନ ରାତି ପରିବାର ପକ୍ଷରୁ ଖୋଜା ଖୋଜି କରୁଥିଲା ବେଳେ ଆଜି ଶନିବାର ରାତି ୯.୪୦ମିନିଟ୍‌ରେ ରାମଚଣ୍ଡୀ ମୁହାଁଣ ନିକଟସ୍ଥ ସମୁଦ୍ର କୂଳରେ ତେଲୁଗୁ ମତ୍ସ୍ୟଜୀବୀମାନେ ଅନ୍ଧାରରେ ଏକ ଯୁବକର ଗଳିତ ଶବ ପଡିଥିବା ଦେଖିବାକୁ ପାଇଥିଲେ। ତାକୁ ତନଖି ଦେଖିବାରେ ସେ ନିଖୋଜ ଥିବା ତାଙ୍କ ମତ୍ସ୍ୟଜୀବୀ ପିକି ରାମଣା ନୁହେଁ ବୋଲି ପରିବାର ଲୋକ ଚିହ୍ନଟ କରିବା ପରେ ଅନ୍ୟ ଏକ ଅଚିହ୍ନା ଯୁବକର ଗଳିତ ଶବ ବୋଲି ସେମାନେ ଉକ୍ତ ସ୍ଥାନରେ ଛାଡି ପଳାଇ ଆସିଥିଲେ। ଅଚିହ୍ନା ଯୁବକଟି ଏକ ବ୍ଲୁ ରଙ୍ଗର ଜିନ୍ ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ଏ ନେଇ ସେମାନେ ଚନ୍ଦ୍ରଭଗା ମେରାଇନି ଥାନାକୁ ତୁରନ୍ତ ଜଣାଇଥିଲେ।

## ନିଟ୍ ପରୀକ୍ଷାର୍ଥୀଙ୍କ କୃତିତ୍ୱ

**କଣ୍ଟିଲୋ,୨୫।୭/ଏନ୍‌ଏନ୍‌ଏସ୍:** ସର୍ବଭାରତୀୟ ନିଟ୍ ପରୀକ୍ଷାରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଗ୍ରାମ ପଞ୍ଚାୟତ ଅଧୀନ ବାପୁଜୀ ନଗର ସାହିର କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ନିକଟସ୍ଥ ବଡକୁତ୍ରୁ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ ପ୍ରଭାତ କୁମାର ସାହୁ ଓ ଶ୍ରୀମତୀ ଜସ୍ମିନ ସାହୁଙ୍କ ଏକ ମାତ୍ର ପୁଅ ପ୍ରତ୍ୟୁଷ କୁମାର ସାହୁ କୃତକାର୍ଯ୍ୟ ହୋଇ ସଫଳତା ହାସଲ କରି କଣ୍ଟିଲୋ ପାଇଁ ଆଣିଛନ୍ତି ଗର୍ବ ଓ ଗୌରବ। ମୋଟ ୭୨୦ ନମ୍ବରରୁ ୫୭୩ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଶ୍ରୀ ସାହୁ ଏଥିପାଇଁ ନିଜ



ପିତାମାତାଙ୍କ ପ୍ରେରଣା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଈଶ୍ୱରଙ୍କ ଆଶୀର୍ବାଦ ଯୋଗୁଁ ଏହି ସଫଳତା ହାସଲ କରିଥିବା ସୂଚନା ଦେଇଛନ୍ତି। କଣ୍ଟିଲୋ ପାଇଁ ଚଳିତ ବର୍ଷ ନିଟ୍ ପରୀକ୍ଷାରେ ଶ୍ରୀ ସାହୁଙ୍କ ସହିତ ଶିବାଶିଷ ପାଢ଼ୀ ଏମିତି ଦୁଇଜଣ ଡାକ୍ତରୀ ପାଠ ପଢ଼ିବା ପାଇଁ କୃତିତ୍ୱ ହାସଲ କରିଥିବା ଯୋଗୁ ସେମାନଙ୍କୁ ସ୍ୱାଗତ ଓ ଧନ୍ୟବାଦ୍ ଦେବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।

# ନିଶାମୁକ୍ତି ସଚେତନତା କର୍ମଶାଳା

**ବୟାଳିଶମୌଜା,୨୫।୭/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ ବୟାଳିଶ ମୌଜା ସ୍ଥିତ ସୁଦର୍ଶନ ମହାବିଦ୍ୟାଳୟ ପରିସରରେ, ନିଶାମୁକ୍ତି ଓ ନିଶାଦ୍ରବ୍ୟର ଅପବ୍ୟବହାର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷା ଡଃ ସ୍ମୃତିସ୍ମିତା ବିଭୂତି ରାୟ ଅଧ୍ୟକ୍ଷତା କରିଥିବା ବେଳେ, ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାଃ ଶୁଭାଶିଷ ଶତପଥୀ ମୁଖ୍ୟ ଅତିଥି ଓ ଡାଃ ମିଲନ ମେହେର ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ନିଶା ମୁକ୍ତି ଓ ନିଶା ଦ୍ରବ୍ୟର ଅପବ୍ୟବହାର ଉପରେ ବକ୍ତବ୍ୟ ରଖିବା ସହିତ, ଛାତ୍ରଛାତ୍ରୀମାନଙ୍କୁ ଏଥି ସମ୍ପର୍କରେ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ, ରାକେଶ ମିଶ୍ର, ପ୍ରଫୁଲ୍ଲ କୁମାର ରାଉତ ଓ ପ୍ରଜାପିତା ଈଶ୍ୱରୀୟ ବ୍ରହ୍ମକୁମାରୀ ସଂଗଠନର ଭାଇ ଓ ଭଉଣୀମାନେ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଏହି ଅବସରରେ, କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ତଥା ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହିଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ବିରଞ୍ଚି କୁମାର ମହାପାତ୍ର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଚନ୍ଦନକାଠ ଜବତ, ଜଣେ ଗିରଫ



**କେନ୍ଦୁଝର,୨୬/୭/ଏନ୍‌ଏନ୍‌ଏସ୍‌:** କେନ୍ଦୁଝର ବନ ବିଭାଗ ଚୋରା ଚନ୍ଦନକାଠ ଜବତ କରିବା ସହ ଜଣେ ଆନ୍ତଜିଲ୍ଲା ବ୍ୟବସାୟୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ମଧୁକାରପୁର ଗ୍ରାମର ସାଏଦ ଫିରୋଜ ଅଲ୍ଲୀ (୫୫) । ଫିରୋଜ ଚୋରା ଚନ୍ଦନକାଠ ସହ ଧବାଡ଼ିହା ନିକଟରେ ଥିବା ନେଇ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡିଙ୍କୁ ଗୁଇନ୍ଦା ତଥ୍ୟ ମିଳିଥିଲା । ତଥ୍ୟ ଆଧାରରେ ବନ ବିଭାଗ ଅଧିକାରୀମାନେ ସେଠାରେ ଚଢ଼ଉ କରିଥିଲେ । ପପାଲି ହୋଟେଲ୍‌ରେ ଫିରୋଜ ଲୁଚାଇ ରଖିଥିବା ୧୧.୧୬୫ କେଜି ଚୋରା ଧଳା ଚନ୍ଦନ କାଠକୁ ମଧ୍ୟ ବନ କର୍ମଚାରୀ ଜବତ କରିଛନ୍ତି । ଏନେଇ ବନ ବିଭାଗ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି ।

### ସାଳନ୍ଦୀ ନଦୀରେ ଘାଇ

# ଶହ ଶହ ହେକ୍ଟର୍ ଧାନ ଚାଷ ପ୍ରଭାବିତ, ଚିନ୍ତାରେ ଚାଷୀ

**ତିହିଡ଼ି,୨୬/୭/ଏନ୍‌ଏନ୍‌ଏସ୍‌:** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ କୁବେରା ପଞ୍ଚାୟତ ଅନ୍ତର୍ଗତ ଦେଉଳାସ୍ଥିତ ସାଳନ୍ଦୀ ନଦୀରେ ଘାଇ ସୃଷ୍ଟି ହୋଇଛି । ଫଳରେ ଶହ ଶହ ହେକ୍ଟର୍ ଧାନ ଜମି ପ୍ରଭାବିତ ହୋଇଛି । ଚାଷ ଜମିରେ ପାଣି ପ୍ରବାହିତ ହେଉଥିବାରୁ କୁବେରା, ବାରୋ ଓ ବିଲଣା ଆଦି ପଞ୍ଚାୟତର ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ଗତ ସପ୍ତାହେ ହେବ ତିହିଡ଼ି ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଛି । ବର୍ଷା ପାଣି ସହ ନଦୀରେ ଘାଇ ସୃଷ୍ଟି ହୋଇ ଜଳ ଧାନ ବିଲରେ ପଶିବାରୁ ବନ୍ୟା ପରିସ୍ଥିତି ଉପୁଜିଛି । ଧାନ ଜମିରେ ପାଣି ଲହଡ଼ି ମାରୁଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏନେଇ ଚାଷୀମାନେ ଜଳସେଚନ ବିଭାଗ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଯୁଦ୍ଧକାଳୀନ ଭିତ୍ତିରେ ଘାଇ ପୋତିବାକୁ ଦାବି କରିଛନ୍ତି । ସଂପୃକ୍ତ ଯନ୍ତ୍ରୀ ଘଟଣାର ଗୁରୁତ୍ୱ ଅନୁଭବ କରି ଖୁବ୍‌ଶୀଘ୍ର ଘାଇ ପୋତାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି ।

### ଯୁଦ୍ଧକାଳୀନ ଭିତ୍ତିରେ ଘାଇ ମରାମତି ଦାବି

# ଷ୍ଟେଟ୍ ବ୍ୟାଙ୍କ ପେନସନ୍‌ଧାରୀଙ୍କ ସମସ୍ୟାର ଆଲୋଚନା



**ବାରିପଦା,୨୬/୭/ଏନ୍‌ଏନ୍‌ଏସ୍‌:** ସ୍ଥାନୀୟ ତକତପୁରସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଆଞ୍ଚଳିକ ବାଣିଜ୍ୟ କାର୍ଯ୍ୟାଳୟରେ ଷ୍ଟେଟ୍ ବ୍ୟାଙ୍କ ପେନସନ୍‌ଧାରୀଙ୍କ ସମସ୍ୟା ଓ ତା'ର ସମାଧାନ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କର ମୁଖ୍ୟ ପରିଚାଳକ ସମୀର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଷ୍ଟେଟ୍ ବ୍ୟାଙ୍କ ପେନସନ୍‌ଧାରୀ ସଂଘ, ଓଡ଼ିଶା ଶାଖାର ଆଞ୍ଚଳିକ ସମ୍ପାଦକ ଅଶୋକ ପଟ୍ଟନାୟକ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ବାରିପଦା ମୁଖ୍ୟ ଶାଖାରେ ପେନସନ୍‌ଧାରୀଙ୍କ ପାଇଁ ଚିକିତ୍ସାଳୟ ଖୋଲିବା ସହ ସପ୍ତାହକୁ ଦୁଇ ଦିନ ବିଭିନ୍ନ ରୋଗର ପରୀକ୍ଷା କରାଯାଇ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ପ୍ରସ୍ତାବ ରଖିଥିଲେ । ତେବେ ଦାବିଗୁଡ଼ିକ ଯଥାଶୀଘ୍ର ବିଚାରକୁ ନେଇ ପଦକ୍ଷେପ ନିଆଯିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ । ବହୁ ପେନସନ୍‌ଧାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମାନବ ସମ୍ବଳ ପରିଚାଳକ ସଞ୍ଜୟ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଚନ୍ଦ୍ରମୋହନ ମୁର୍ମୁ ଧନ୍ୟବାଦ ଦେଇଥିଲେ ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ବାହୁଡ଼ିଲେ ଶ୍ରୀଜିଉ



**ବାରିପଦା,୨୬/୭/ଏନ୍‌ଏନ୍‌ଏସ୍‌:** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜିଉଙ୍କ ବାହୁଡ଼ା ଯାତ୍ରାର ଶନିବାର ପ୍ରଥମଦିନରେ ରଥ ଉପରେ ତିନି ଠାକୁର ଏକାଦୋଶୀ ପାଳନ କରିଥିଲେ । ଦିନ ୨ଟା ୩୦ରେ ପ୍ରଥମେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଗୁଣ୍ଡିଚା ମନ୍ଦିର ନିକଟରୁ ଭକ୍ତମାନେ ଟାଣିନେଇ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ । ପରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥକୁ ପରମ୍ପରା ମୁତାବକ କେବଳ ମହିଳାମାନେ ଟାଣିନେଇ ବାରିପଦା ଟାଉନ୍ ଥାନା ସମ୍ମୁଖରେ ପହଞ୍ଚାଇଥିଲେ । ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ରଥ ଟାଣିଥିଲେ । ବଡ଼ଦାଣ୍ଡରେ ଖୋଳ କୀର୍ତ୍ତନ, ଓଡ଼ିଶୀ, ଛଉ, ପାଇକ ନୃତ୍ୟ ସହ ଆଦିବାସୀ ନୃତ୍ୟର ଝଲକ ମଧ୍ୟ ଦେଖିବାକୁ ମିଳିଥିଲା । ଘଣ୍ଟଘଣ୍ଟା, ଶଙ୍ଖ ସହ ଜୟ ଜଗନ୍ନାଥ ଓ ହରିବୋଲ ଧ୍ୱନିରେ ଉଚ୍ଛୁଳି ପଡୁଥିଲା ବଡ଼ଦାଣ୍ଡ । ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ହଜାର ହଜାର ଭକ୍ତ ବ୍ୟାକୁଳ ହେଉଥିଲେ । ରଥ ଉପରୁ ପଣ୍ଡିତ ଭାଗବତ ପଣ୍ଡାଙ୍କ ଧାରା ବିବରଣୀ ସମସ୍ତଙ୍କୁ ଆକୃଷ୍ଟ କରୁଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ଧାରା ବିବରଣୀ ପ୍ରଦାନ କରାଯାଉଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ତଥା ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୁଲିସ୍ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

## ଅନନ୍ତ ବଳଦେବଜିଉଙ୍କ ବାହୁଡ଼ାଯାତ୍ରା ଓ ରୁପାବେଶ



**ସୋର:** ପୁରାଣ ପ୍ରସିଦ୍ଧ ଗୁଡ଼ ଅନନ୍ତ ବଳଦେବଜିଉଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରଥମଦିନ ସକାଳ ୬ଟାରେ ମହାପ୍ରଭୁଙ୍କ ନୀତିପୂଜା, ୬ଟା ୩୦ରେ ମଙ୍ଗଳ ଆରତୀ ଓ ସକାଳ ୮ଟାରେ ପ୍ରଭୁଙ୍କ ବାଲ୍ୟଭୋଗ ସହ ରଥ ଭୋଗ ହୋଇଥିଲା । ଦିପ୍ରହର ୩ଟାରେ ପହଣ୍ଡିବିଜେ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଥିଲା ଏବଂ ନୀତିକାନ୍ତି ଅନୁସାରେ ରଥ ପରିକ୍ରମା ଏବଂ ପୂଜାର୍ଚ୍ଚନା ଜାରି ରହିଥିଲା । ୪ଟା ୩୦ରେ ରଥ ମାର୍ଜନା ପରେ ମହାପ୍ରଭୁ ରଥାରୂଢ଼ ହୋଇଥିଲେ । ପରେ ସେବାୟତଙ୍କ ଦ୍ୱାରା ନାମାଧାରୀ କାର୍ଯ୍ୟକ୍ରମ ହୋଇଥିଲା । ୫ଟାରେ ପ୍ରଭୁଙ୍କ ରଥଟଣା କାର୍ଯ୍ୟକ୍ରମ ହୋଇଥିଲା । ପ୍ରଭୁଙ୍କ ପହଣ୍ଡିବିଜେ ବେଳେ ବାଜା, ରୋଷଣୀ, ମୃଦଙ୍ଗ ଓ ଘଣ୍ଟାଘଡ଼ିରେ ତୁଳସୀ କ୍ଷେତ୍ର କମ୍ପି ଉଠିଥିଲା । ସେହିପରି ବାହୁଡ଼ାଯାତ୍ରାର ଦ୍ୱିତୀୟଦିନରେ ତାଳଧ୍ୱଜ ରଥ ଉପରେ ପ୍ରଭୁ ଶ୍ରୀ ଅନନ୍ତ ବଳଦେବଜିଉଙ୍କ ଦିବ୍ୟ ରୁପା ଓ ସୁନା ବେଶ ଅନୁଷ୍ଠିତ ହୋଇଥିଲା । ପରମ୍ପରା ଓ ବିଶ୍ୱାସ ଅନୁଯାୟୀ ପ୍ରଭୁଙ୍କ ଆଜ୍ଞାମାଳ ଏବଂ ଦିବ୍ୟ ଇଚ୍ଛାରେ ଏହି ରୁପା ଓ ସୁନାବେଶର ଆୟୋଜନ କରାଯାଇଥିଲା । ଏହା ପ୍ରଭୁଙ୍କ ଅପାର କରୁଣା, ମହିମା ଓ କୃପାର ପରିଚାୟକ ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି । ଏଥିରେ ହଜାର ହଜାର ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା । ବିଶେଷ ଆକର୍ଷଣ ଭାବେ ମହାପ୍ରସାଦ ଅଭଡ଼ା କୈବଲ୍ୟ ଭକ୍ତଙ୍କୁ ବଣ୍ଟା ଯାଇଥିଲା । କିଛି ସ୍ୱେଚ୍ଛାସେବୀ ଜଳଛତ୍ରର ବ୍ୟବସ୍ଥା କରିଥିଲେ । ପ୍ରଭୁଙ୍କ ଦକ୍ଷିଣମୋଡ଼ରେ ଦକ୍ଷିଣ ଆରତୀ ହୋଇଥିଲା । ଶ୍ରୀ ଅନନ୍ତ ବଳଦେବଜିଉ ପରିଚାଳନା କମିଟି, ଶିଳାବ୍ରହ୍ମ ସାଂସ୍କୃତିକ ପରିଷଦ ଟ୍ରଷ୍ଟ ଓ କୁଶକ୍ଷେତ୍ର -ଗୁଡ଼ ସୁଚାରୁରୂପେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବର୍ଷାଜଳ ନିଷ୍କାସିତ ହୋଇନପାରି କୃତ୍ରିମ ବନ୍ୟା

**ସୋର,୨୬/୭/ଏନ୍‌ଏନ୍‌ଏସ୍‌:** ଗୁରୁବାର ରାତିରେ ସୋରରେ ଅନବରତ ପ୍ରବଳ ବର୍ଷା ହେବା ଫଳରେ ଡ୍ରେନ୍ ନଥିବାରୁ ଜଳ ନିଷ୍କାସିତ ହୋଇନପାରି ଜାତୀୟ ରାଜପଥ ପଶ୍ଚିମ ପାର୍ଶ୍ୱ ଉତ୍ତରେଶ୍ୱର ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇ ରହିଛି । ଫଳରେ ଉତ୍ତରେଶ୍ୱର ପରିବା ବଜାର, ପରିବା ମାର୍କେଟ୍, ମାଛ ମାର୍କେଟ୍ ଓ ଟ୍ରେକର୍ ଷ୍ଟାଣ୍ଡ ଆଦି ପାଣି ଘେରରେ ରହିଥିବାବେଳେ ଅଧିକାଂଶ ଘରେ ପାଣି ପଶିଥିବା ଦେଖାଯାଇଛି । ସୂଚନାଯୋଗ୍ୟ ଜାତୀୟ ରାଜପଥ ୬ ଟିକିଆ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇ ଆସୁଥିବାବେଳେ ଉତ୍ତରେଶ୍ୱର ପାଇକାଳୀରୁ କଲେଜ ଛକ ପର୍ଯ୍ୟନ୍ତ ପଶ୍ଚିମ ପାର୍ଶ୍ୱ ଡ୍ରେନ୍ କାର୍ଯ୍ୟ ହୋଇପାରି ନାହିଁ । ଗତ ୫ ବର୍ଷ ଧରି ଏହି ସମସ୍ୟା ସୃଷ୍ଟି ହୋଇଥିବାବେଳେ ଏହାର ସମାଧାନ ପାଇଁ କଲେଜ ଛକରୁ ପାଇକାଳୀ ପର୍ଯ୍ୟନ୍ତ ୩ ମିଟର୍ ଓସାର ଏବଂ ୩ ମିଟର୍ ଗଭୀରର ଡ୍ରେନ୍ ନିର୍ମାଣ ପାଇଁ ଜାତୀୟ ରାଜପଥ ପକ୍ଷରୁ ୩୩ କୋଟି ଟଙ୍କା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବା ସହ ଏହାର ଟେଣ୍ଡର୍ ସରିଛି । ମାତ୍ର ଟେଣ୍ଡର୍ ନେଇଥିବା ଠିକାଦାର କାର୍ଯ୍ୟ ଆରମ୍ଭ କରିନଥିବାରୁ ବର୍ତ୍ତମାନ ପରିସ୍ଥିତିରେ ଜଳ ନିଷ୍କାସନ ପାଇଁ କୌଣସି ଉଦ୍ୟମ ନକରିବାରୁ ଏଠାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ତେଣୁ ଏହାର ତୁରନ୍ତ ପ୍ରତିକାର ପାଇଁ ସାଧାରଣରେ ଦାବି କରାଯାଇଛି ।



# ମାଙ୍ଗେଶ୍ୱରପୁର-ପୋତାଗଡ଼ିଆ ରାସ୍ତା ଶୋଚନୀୟ



**ସୋର,୨୬/୭/ଏନ୍‌ଏନ୍‌ଏସ୍‌:** ସୋର ବ୍ଲକ୍ ମୁଳିସିଂ ପଞ୍ଚାୟତ ମାଙ୍ଗେଶ୍ୱରପୁରରୁ ପୋତାଗଡ଼ିଆ ପର୍ଯ୍ୟନ୍ତ ଯାଇଥିବା ୨ କିମି ମାଟି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଏନେଇ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ନମିଳିବାରୁ ୨୦୨୫ ମସିହାରେ କିଛି ଯୁବକ ଦିଲ୍ଲୀରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କୁ ଭେଟି ସମସ୍ୟା ବାବଦରେ ଲିଖିତ ଅଭିଯୋଗ କରିଥିଲେ । ପରେ ସାଂସଦଙ୍କ ହସ୍ତକ୍ଷେପରେ ୬ କୋଟି ୯୭ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ଏହି ରାସ୍ତାକାମ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯିବା କଥା । ମାତ୍ର ଏପର୍ଯ୍ୟନ୍ତ କାମ ଆରମ୍ଭ ନହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତେବେ ଆଗାମୀ ୭ ଦିନ ମଧ୍ୟରେ ବିଭାଗ ପକ୍ଷରୁ ରାସ୍ତାକାମ ଆରମ୍ଭ କରିବା ସହିତ ଯାତାୟତ ପାଇଁ ବ୍ୟବସ୍ଥା କରାନଗଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗକୁ ଚିଠି ମାଧ୍ୟରେ ଅବଗତ କରାଇଥିବା ଜଣାପଡ଼ିଛି ।

### ତୁରନ୍ତ କାର୍ଯ୍ୟ ନହେଲେ ଧାରଣାରେ ବସିବେ ଗ୍ରାମବାସୀ

**AFFIDAVIT**

By virtue of an affidavit sworn before the Notary, Balliguda dated 23.07.2026, I Runi Sahu, Daughter of Dubha Sahu, Address- Village- Barakhama, Mundasahi, P.O- Barakhama, P.S- Balliguda, Dist- Kandhamal, PIN- 762110 declare that I have changed the name of my minor daughter from **Baita Sahu** to **Puja Sahoo**. Hence forth, she shall be known as **Puja Sahoo** for all purpose.

**AFFIDAVIT**

By virtue of an affidavit no.4959 before the Executive Magistrate, Cuttack, Dt- 09.07.2026, I Mohammad Aslam, S/o Mohammad Illias, At/Po- Praharajpur, Ps- Kishannagar, Dist- Cuttack, Odisha- 754130 declare that in my passport no- R3042268 my name is wrongly recorded as Mohammed Aslam instead of Mohammad Aslam, my wife's name is wrongly recorded as Shahnaga Bibi instead of Shahenaj Begum and my father's name is recorded as Mohammed Illias instead of Mohammad Illias in our respective adhar card, voter card and other documents. Hence my correct name is **Mohammad Aslam** and my wife's name is **Shahenaj Begum** and my father's name is **Mahammad Illias** for all purpose.

# ସର୍ପ ଦଂଶନ ଓ ସୁରକ୍ଷା ସମ୍ପର୍କିତ କର୍ମଶାଳା

**ବୈଶିଙ୍ଗା,୨୬/୭/ଏନ୍‌ଏନ୍‌ଏସ୍‌:** ସର୍ପ ଦଂଶନ ଓ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ରାଇକମା ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଆଧାରରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅଞ୍ଚଳରେ ଦେଖାଯାଉଥିବା ବିଷଧର ସର୍ପ କିପରି ଘର ଭିତରକୁ ଖାଦ୍ୟ ଅନ୍ୱେଷଣରେ ପଶିଥାନ୍ତି ଏବଂ ଲୋକମାନେ ସେମାନଙ୍କ ଦଂଶନର ଶିକାର ହୋଇଥାନ୍ତି ସେବିଷୟରେ ପ୍ରଧାନଶିକ୍ଷକ ବୁଝାଇଥିଲେ । ଘର ଚାରିପାଖ ତଥା ଘର ଭିତର ଅଳିଆ ଆବର୍ଜନାମୁକ୍ତ ରଖିବା ସହିତ ବ୍ଲିଚିଂ, କଳା ଫିନାଇଲ୍ ନିୟମିତ ପକାଇବା, କାର୍ବୋଲିକ୍ ଏସିଡ୍ ବ୍ୟବହାର, ସର୍ପଗନ୍ଧା ଓ ତୁଳସୀ ଆଦି ଚାରାରୋପଣ କରାଗଲେ ସର୍ପ ଦଂଶନରୁ ରକ୍ଷା ମିଳିପାରିବ ବୋଲି ଶିକ୍ଷିକା ସରସ୍ୱତୀ ଜେନା ପ୍ରକାଶ କରିଥିଲେ । ସାପ କାମୁଡ଼ିଲେ ଗୁଣିଆଙ୍କୁ ନ ଦେଖାଇ ଯଥାଶୀଘ୍ର ଡାକ୍ତରଖାନା ନେବା, ୧୦୮ ଆମ୍ବୁଲାନ୍ସ ଡକାଇବା, କ୍ଷତ ସ୍ଥାନକୁ ଧୋଇଦେବା ଓ ପୀଡ଼ିତ ବ୍ୟକ୍ତିଙ୍କୁ ଶାନ୍ତ୍ୱନା ଦେବାକୁ ଶିକ୍ଷିକା ଦିପାଞ୍ଜଳି ଦାସ ପରାମର୍ଶ ଦେଇଥିଲେ । ଶିକ୍ଷିକା ପ୍ରତିମା ପରିଡ଼ା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ କୁଇଜ୍ କାର୍ଯ୍ୟକ୍ରମ କରି ସେମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଧାନଶିକ୍ଷକ ବିଦ୍ୟାଳୟ ପରିବେଶ ସର୍ବଦା ସଫାସୁତୁରା ରଖି ସର୍ପ ଓ ମଶାମାଛି କବଳରୁ ନିଜକୁ ରକ୍ଷା କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏଭଳି ଏକ ସଚେତନଧର୍ମୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିବାରୁ ଅଭିଭାବକମାନେ ଏହାକୁ ସ୍ୱାଗତ ଜଣାଇଥିଲେ ।



## ପିକ୍‌ଅପ୍ ଧକ୍କାରେ ହାତୀ ଆହତ

**କେନ୍ଦୁଝର,୨୬/୭/ଏନ୍‌ଏନ୍‌ଏସ୍‌:** କେନ୍ଦୁଝର ସଦର ରେଞ୍ଜର୍ ନରଣପୁର ସେକ୍ସନ୍ ଅନ୍ତର୍ଗତ ବଡ଼ପଶି ଶାଳ ଗ୍ରାମ ନିକଟରେ ଏକ ୧୫ ବର୍ଷୀୟ ହାତୀକୁ ଏକ ପିକ୍‌ଅପ୍ ଭ୍ୟାନ୍ ଗୁରୁବାର ରାତିରେ ଧକ୍କା ଦେଇଥିଲା । ଫଳରେ ହାତୀଟି ଆହତ ହୋଇଥିବାରୁ ଠିକ୍ ଭାବେ ଚାଲି ପାରୁନଥିଲା । ଶୁକ୍ରବାର ସକାଳ ପ୍ରାୟ ୪ଟାରେ ଡିଏଫ୍‌ଓ ଧନରାଜ ଏଚ୍‌ଡିଙ୍କ ନେତୃତ୍ୱରେ ପଶୁ ଚିକିତ୍ସକ ଦଳ, ବାୟୋଲଜିଷ୍ଟ, ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୁଦିପ୍ତ ପଣ୍ଡା ଓ ସଦର ରେଞ୍ଜର ରବିନ୍ଦ୍ର ନାଥ ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ହାତୀର ଗତିବିଧି ଅନୁଧ୍ୟାନ କରିଛନ୍ତି । ଦୁର୍ଘଟଣା ପରେ ଲୋକଙ୍କ ଭିଡ଼ ଓ ଯାନବାହାନ ଚଳାଚଳକୁ ସୁଚାରୁ ରୂପେ ନିୟନ୍ତ୍ରଣ କରାଯାଇଥିଲା । ଏହାସହ ସକାଳ ୬ଟାରେ ଡାର୍ଟ ମାଧ୍ୟମରେ ହାତୀକୁ ଦୁଇ ଡୋଜ୍ ବେଦନାଶକ ଔଷଧ ପ୍ରଦାନ କରାଯାଇଛି । ବର୍ତ୍ତମାନ ହାତୀଟି ପୂର୍ବ ଅପେକ୍ଷା ଅଧିକ ସକ୍ରିୟ ରହିଛି ଏବଂ ଦ୍ରୁତ ସୁସ୍ଥ ହେଉଛି । ଏହି ଘଟଣାରେ ଓୟୁଏଟି ଏବଂ ନନ୍ଦନକାନନର ବିଶେଷଜ୍ଞ ପଶୁ ଚିକିତ୍ସକଙ୍କ ସହ ପରାମର୍ଶ କରାଯାଉଛି ।


**Government of Odisha** 25001/782/2627
**e-Procurement**
Email : rw_boudh@yahoo.co.in
**Bid Identification No. Online tender/04/S.E.RW BOUDH/2026-27**
**NATIONAL COMPETITIVE BIDDING THROUGH e-Procurement**

| | | |
|---|---|---|
| | Name of the work | 5 Nos. |
| 1. | Estimated cost | Rs.6.78 to 38.66 lakh (approximately) |
| 2. | Period of completion | 3 to 6 calendar months |
| 3. | Date & time of availability of bid documents in the portal | From 28.07.2026, 10.00 AM to 05.08.2026, 5.00 PM |
| 4. | Last date/time for receipt of bids in the portal | 05.08.2026 up to 5.00 PM |
| 5. | Last date/time for seeking of tender clarification | 04.08.2026 up to 5.00 PM |
| 6. | Date & time of opening of Bid | 06.08.2026 at 11.00 AM |
| 7. | Name & address of the officer inviting Bid | Superintending Engineer, R.W Division, Boudh |

Further details, corrigendum(s) etc can be seen from the e-procurement portal "https://www.tendersorissa.gov.in"

**Sd/- Superintending Engineer**
**R.W. Division, Boudh**
OIPR-25001/25061/1/26-27/0004

# ଏସ୍‌ଆଇଆର୍ ପୋଷ୍ଟ-ଡ୍ରାଫ୍ଟ କାର୍ଯ୍ୟର ସମୀକ୍ଷା



**ବାରିପଦା,୨୬/୭/ଏନ୍‌ଏନ୍‌ଏସ୍‌:** ରାଜ୍ୟ ନିର୍ବାଚନ ଆୟୋଗର ଉପମୁଖ୍ୟ ନିର୍ବାଚନ ଅଧିକାରୀ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ର ପୋଷ୍ଟ-ଡ୍ରାଫ୍ଟ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ପ୍ରାରମ୍ଭରେ ଡ଼. ସାହୁ କରଞ୍ଜିଆ, ଯଶୀପୁର ଓ ସାରସକଣା ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଶୁଣାଣି କେନ୍ଦ୍ର ପରିଦର୍ଶନ କରିଥିଲେ । ସେଠାରେ ସଂପୃକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ବୁଥ୍‌ସ୍ତରୀୟ ଅଧିକାରୀ ଓ ବୁଥ୍‌ସ୍ତରୀୟ ସୁପରଭାଇଜରଙ୍କ ସହ ଆଲୋଚନା କରି ଶୁଣାଣି ପ୍ରକ୍ରିୟା ଏବଂ କ୍ଷେତ୍ରସ୍ତରରେ ଚାଲିଥିବା ପୋଷ୍ଟ-ଡ୍ରାଫ୍ଟ କାର୍ଯ୍ୟକ୍ରମର ଅଗ୍ରଗତିର ସମୀକ୍ଷା କରିଥିଲେ । ପରବର୍ତ୍ତୀ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଇଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ ତଥା ବାଙ୍ଗିରିପୋଷି ନିର୍ବାଚନ ପଞ୍ଜିକରଣ ଅଧିକାରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ତଥା ବଡ଼ସାହି ନିର୍ବାଚନ ପଞ୍ଜିକରଣ ଅଧିକାରୀ ଦୁଃଖବନ୍ଧୁ ନାୟକ, ଉପଜିଲ୍ଲାପାଳ କରଞ୍ଜିଆ ତଥା ଯଶିପୁର ନିର୍ବାଚନ ପଞ୍ଜିକରଣ ଅଧିକାରୀ ଡ଼. ଦୟାସିନ୍ଧୁ ପରିଡ଼ା ଓ ଅତିରିକ୍ତ ଉପଜିଲ୍ଲାପାଳ ବାରିପଦା ତଥା ମୋରଡ଼ା ନିର୍ବାଚନ ପଞ୍ଜିକରଣ ଅଧିକାରୀ ରାଖାଲ ଚନ୍ଦ୍ର ପରିଡ଼ା ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ । ସେହିପରି ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ଓ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀମାନେ ଆଭାସୀ ଯୋଗେ ବୈଠକରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ପୋଷ୍ଟ-ଡ୍ରାଫ୍ଟ ପର୍ଯ୍ୟାୟରେ ନୋଟିସ୍ ପ୍ରସ୍ତୁତି, ନୋଟିସ୍ ବିତରଣ, ଅନମ୍ୟାପ୍ ଭୋଟରଙ୍କ ଶୁଣାଣି, ଚୂଡ଼ାନ୍ତ ସ୍ଥାନାନ୍ତର ପ୍ରକ୍ରିୟା ଓ ମାମଲା ଗୁଡ଼ିକର ନିଷ୍ପତ୍ତିର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଏହି ଅବସରରେ ଡ଼. ସାହୁ କୌଣସି ଯୋଗ୍ୟ ଭୋଟର୍ ଯେପରି ଭୋଟର୍ ତାଲିକାରୁ ବାଦ୍ ନପଡ଼ନ୍ତି, ସେଥିପ୍ରତି ବିଶେଷ ଗୁରୁତ୍ୱାରୋପ କରିଥିଲେ ।

**GOVERNMENT OF ODISHA** 34001/527/2627
**OFFICE OF THE SUPERINTENDING ENGINEER, GANJAM (R&B) DIVISION NO.II, BERHAMPUR**
Phone/Fax : 0680-2233996, e-mail : sernb2.ganjam@gmail.com
**INVITATION FOR BIDS (IFB) [e-Procurement]**
**TENDER CALL NOTICE**
**Bid Identification No. SC (R&B)-GM-II-10/2026-27 No. Dated : 22.06.26**

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha inviting percentage rate bid in single covey system to be received in ONLINE MODE only for the work as detailed below:

| | | |
|---|---|---|
| 2) | Nature of work | Electrical work |
| 3) | No. of work | 18 Nos. |
| 4) | Tender cost | Rs. 6,000/- & Rs.2,000/- |
| 5) | Class of Contractor | MV/HT of registered with the ELBO |
| 6) | Availability of bid documents in the website | From 28.07.2026, 10.00 AM to 06.08.2026, 4.00 PM |
| 7) | Date of opening of bid | 07.08.2026 at 11.30 AM |

8) The bidders have to participate in ONLINE bidding only. Further details can be seen from the website http://tendersorissa.gov.in
9) The authority reserves the right to cancel / reject any or all bids without assigning any reason thereof.

**Sd/- Superintending Engineer**
**Ganjam (R&B) Division No.II**
OIPR-34001/34080/1/26-27/0011

## ପ୍ରଥମ ପୃଷ୍ଠାରୁ

### ହାଜିରା ପାଇଁ ସମୟ ...

ଥାନାରେ ଆଜି ହାଜର ହୋଇନପାରିବା ନେଇ ଇମେଲ୍ ଯୋଗେ ଜଣାଇଥିଲେ। ଇ-ମେଲ୍‌ରେ ଦର୍ଶାଇଛନ୍ତି, ଏବେ ସେ ଲଣ୍ଡନରେ ଥିବାରୁ କ୍ୟାପିଟାଲ୍ ଥାନାରେ ବ୍ୟକ୍ତିଗତ ଭାବେ ହାଜର ହୋଇପାରିବେ ନାହିଁ। ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ପୁଲିସ ଯଦି ଚାହିଁବ ଭିଡିଓ କନ୍‌ଫରେନ୍ସ ଜରିଆରେ ତାଙ୍କର ବୟାନ ନେଇପାରିବ। ନଚେତ୍ ବିଦେଶରୁ ଫେରିବା ପରେ ସେ ଥାନାରେ ହାଜର ହେବା ନେଇ ସମୟ ମାଗିଛନ୍ତି। ଆସନ୍ତା ଅଗଷ୍ଟ ୧୨ରୁ ୧୫ ତାରିଖ ମଧ୍ୟରେ ସେ ଥାନାରେ ପହଞ୍ଚିବେ ବୋଲି କହିଛନ୍ତି। ସେପଟେ ପୁଲିସ୍ କମିଶନର କହିଛନ୍ତି, ଯେହେତୁ ସେ ତଦନ୍ତରେ ସହଯୋଗ କରିବା ପାଇଁ ଲେଖିଛନ୍ତି, ତେଣୁ ତାଙ୍କୁ ସମୟ ଦିଆଯାଇଛି। ଏହା ପୂର୍ବରୁ ପୂର୍ବତନ ଆଇଟି ସଚିବ ମନୋଜ ମିଶ୍ର ହାଜର ହୋଇ ବୟାନ ଦେଇସାରିଥିବା ବେଳେ ରବିବାର ପୂର୍ବତନ ଆଇଏଏସ୍ ଉପେନ୍ଦ୍ରନାଥ ବେହେରାଙ୍କୁ ହାଜର ପାଇଁ ନୋଟିସ୍ ହୋଇଛି।

### ଦୁର୍ଘଟଣାରେ ବାପା-ଝିଅ ...

ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅନ୍ୟପକ୍ଷରେ ବାପା- ଝିଅଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି। ଏହା ସହିତ ସେମାନଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି(ସିଏମ୍‌ଆରଏଫ୍)ରୁ ୪ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି।

### ଚାମେଲିଙ୍କ ନାଁରେ ...

ବ୍ଲକ ପଞ୍ଚାୟତ ଅଧିକାରୀ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏନେଇ ସୂଚନା ଦେଇ ଚାମେଲି କହିଛନ୍ତି ଯେ ମୋ ବିରୋଧରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ମୁଁ ଆଜି ଅବଗତ ହେଲି। ମୋ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଯଦି ମୋ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ଥିଲେ ତେବେ ଆଗରୁ ଅନାସ୍ଥା ପ୍ରସ୍ତାବ ଆଣି ପାରିଥାନ୍ତେ, ଏବେ ହଠାତ କାହିଁକି ?ମୁଁ ବିଜେପିରୁ ଇସ୍ତଫା ଦେବା ପରେ ଶାସକ ଦଳର ବିଧାୟକଙ୍କ ନିର୍ଦ୍ଦେଶରେ ଜଣେ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ଆମର ୱାର୍ଡ ସଭ୍ୟ ସଭ୍ୟା ମାନଙ୍କୁ ଭୟଭୀତ କରାଇ ଏଭଳି ଅନାସ୍ଥା ଆଣିଛନ୍ତି ବୋଲି ସେ କହିଛନ୍ତି।

### ସୃଷ୍ଟି ହେଲା ଲଘୁଚାପ ...

ଆଶଙ୍କା ସୃଷ୍ଟି ହୋଇପାରେ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ଉତ୍ତର ଓଡ଼ିଶା ଉପକୂଳରେ ୪୦ରୁ ସର୍ବାଧିକ ୬୦ କି.ମି ପବନ ବହିବାର ସମ୍ଭାବନା ଥିବା ବେଳେ ସମୁଦ୍ର ଅଶାନ୍ତ ରହିବ। ତେଣୁ ୨୭ ତାରିଖ ଯାଏଁ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀଙ୍କୁ ଯିବାକୁ ବାରଣ କରାଯାଇଛି।

### ସୁନାବେଶରେ ଝଲସିଲେ ...

ଅଳଙ୍କାର ଲାଗି କରାଯାଇଥିଲା। ଶ୍ରୀଜଗନ୍ନାଥଙ୍କୁ କିରୀଟ, ଶ୍ରୀଭୁଜ, ଶ୍ରୀପୟର, ଓଡ଼ିଆଣୀ, ଚନ୍ଦ୍ର, ସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ସ୍ୱର୍ଣ୍ଣ ଚକ୍ର ଓ ରୌପ୍ୟ ଶଙ୍ଖ(ଆୟୁଧ), ହରିଡ଼ା କଦମ୍ବମାଳି, ବାହାଡ଼ା ମାଳି, ତାବିଜ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା ଓ କମରପଟି ଆଦି ରତ୍ନଅଳଙ୍କାର ଲାଗି କରାଯାଇଥିଲା। ଏହି ବେଶରେ ମେକାପ ନିଯୋଗ, ପୁଷ୍ପାଳକ, ଖୁଣ୍ଟିଆ ସେବକ ସାହାଯ୍ୟ କରିଥିଲେ। ରଥ ଉପରେ ଏମାନଙ୍କ ସହିତ ଦଇତାପତି ସେବକମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଆଜି ଦ୍ୱିପ୍ରହର ଧୂପ ପରେ ଠାକୁର ମାନଙ୍କୁ ମଇଲମ କରାଯାଇଥିଲା। ମଇଲମ ପରେ ଖଣ୍ଡେ ଖଣ୍ଡେ ଶାଢ଼ି ଓ ଖଣ୍ଡୁଆ ଲାଗି ହୋଇଥିଲେ ଚତୁର୍ଦ୍ଧାମୂରତି। ପରେ ଫୁଟାଲାଗି ହୋଇଥିଲେ। ଅଧର ବଳା ଓ ଦୁଇ ଭୁଜରେ ବଳା ଲାଗି ହେବା ପରେ ଅଳଙ୍କାରମାନ ଲାଗି ହୋଇଥିଲା। ବେଶରେ ଥାଇ ଶ୍ରୀବିଗ୍ରହଙ୍କ ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ନୀତି ଆଦି ସମ୍ପାଦନା ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ବଡ଼ଠାକୁର ଶ୍ରୀବଳଭଦ୍ର ଓ କାମ୍ପିଲ୍ୟବାସିନୀ ମା' ସୁଭଦ୍ରା ସୁବର୍ଣ୍ଣ ଅଳଙ୍କାର ଭୂଷିତ ହୋଇଥିଲେ। ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଭିତିରଛ ମହାପାତ୍ର, ବଡ଼ଠାକୁର ଶ୍ରୀ ବଳଭଦ୍ରଙ୍କ ବାଡ଼ରେ ତଳିଛ ମହାପାତ୍ର ଓ ଦେବୀ ସୁଭଦ୍ରାଙ୍କ ବାଡ଼ରେ ପୁଷ୍ପାଳକ ସେବାୟତ ଯଥାକ୍ରମେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥ ଉପରେ ଶ୍ରୀବିଗ୍ରହଙ୍କୁ ସୁନାବେଶ ଧାରଣ କରାଇଥିଲେ। ତିନି ଠାକୁର ଧାରଣ କରିଥିଲେ ଭିନ୍ନ ଭିନ୍ନ ଅଳଙ୍କାର। କୁହାଯାଏ ଯେ ଅନେକ ବର୍ଷ ଧରି ପ୍ରାୟ ୧୩୮ ପ୍ରକାର ସ୍ୱର୍ଣ୍ଣଅଳଙ୍କାର ମହାପ୍ରଭୁଙ୍କୁ ଲାଗି କରାଯାଉଥିଲା, କିନ୍ତୁ ସମୟକ୍ରମେ ସେଥିରେ କିଛି ପରିବର୍ତ୍ତନ ଆସିଛି। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ରଥ ଉପରେ ସୁନାବେଶ ପାଇଁ ଅସ୍ଥାୟୀ ଭଣ୍ଡାର ଗୃହରୁ ବା ଚାଙ୍ଗୁଡ଼ି ଘରରୁ ପାଳିଆ ଭଣ୍ଡାରି ମେକାପ, ପାଳିଆ ଖୁଣ୍ଟିଆ ସେବକମାନେ ମାଜିଷ୍ଟ୍ରେଟ, ପୋଲିସ ଓ ଶ୍ରୀମନ୍ଦିର ଅଧିକାରୀଙ୍କ ଉପସ୍ଥିତିରେ ବେଶ ଅଳଙ୍କାର ଗଣତି କରି ଆଣିଥିଲେ। ଚଳିତ ବର୍ଷ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇ ଉଠିଛି। ଲକ୍ଷାଧିକ ଭକ୍ତଙ୍କ ଗହଳିରେ ବଡ଼ଦାଣ୍ଡ ଲୋକାରଣ୍ୟ ହୋଇଥିଲା। ତେବେ ବେଳକୁ ବେଳ ଭକ୍ତଙ୍କ ଆଗମନ ବଢୁଥିବା ହେତୁ ଧାର୍ଯ୍ୟ ସମୟ ପରେ ମଧ୍ୟ ଭକ୍ତ ମହାପ୍ରଭୁଙ୍କ ସୁନାବେଶ ଦେଖିବାର ସୁଯୋଗ ପାଇଥିଲେ। ବେଶ ଓଲାଗି ପରେ ବଡସିଂହାର ବେଶ ଓ ରାତ୍ର ପହୁଡ଼ ଅନୁଷ୍ଠିତ ହୋଇଥିଲା। ଭକ୍ତମାନଙ୍କୁ ସୁବିଧାରେ ସୁନାବେଶ ଦର୍ଶନ କରାଇବା ପାଇଁ ୩ ରଥର ଚାରିପାଖରେ ଲୁହା ବ୍ୟାରିକେଡ ଲଗାଯାଇଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରତିବର୍ଷ ଭଳି ମାର୍କେଟ୍ ଛକରୁ ବଡ଼ଦାଣ୍ଡରେ ବାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ନନ୍ଦିଘୋଷ ରଥ ବାମପାର୍ଶ୍ୱରୁ ରଥ ଆଗ ଦେଇ ଦର୍ଶନ ପାଇଁ ଭକ୍ତ ମାନଙ୍କୁ ଛାଡ଼ି ତାଳଧ୍ୱଜ ରଥ ଡାହାଣ ପାର୍ଶ୍ୱରେ ଭକ୍ତଙ୍କ ପ୍ରସ୍ଥାନ ବ୍ୟବସ୍ଥା ହୋଇଥିଲା। ଭିଡ଼ ଓ ଅନୁପ୍ରବେଶ ରୋକିବାକୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସଂଯୋଗ ରାସ୍ତାକୁ ମଧ୍ୟ ପୁଲିସ ପ୍ରଶାସନ ଦ୍ୱାରା ସିଲ୍ କରାଯାଇଥିଲା। ଅନ୍ୟପକ୍ଷେ ସୁନାବେଶରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆତୁର ହୋଇପଡିଥିଲେ ଭକ୍ତ। ଶ୍ରୀକ୍ଷେତ୍ର ଆସିବାକୁ ରାସ୍ତାରେ ପଛକୁ ପଛ ଲମ୍ବିଥିଲା ଗାଡ଼ିର ଲମ୍ବା ଲାଇନ। ମିଳିଥିବା ସୂଚନା ମୁତାବକ, ଚନ୍ଦନପୁରରୁ ପୁରୀ ପର୍ଯ୍ୟନ୍ତ ଭୟଙ୍କର ଭିଡ଼ ହୋଇଥିଲା। ଚନ୍ଦନପୁରରୁ ସାକ୍ଷୀଗୋପାଳ ପହଞ୍ଚିବାକୁ ପ୍ରାୟ ଦେଢ଼ଘଣ୍ଟା ଲାଗୁଥିଲା। ତେବେ ପ୍ରଶାସନ ପ୍ରସ୍ତୁତ କରିଥିବା ଅନେକ ପାର୍କ ଭର୍ତ୍ତି ହୋଇଯାଇଥିଲା। ତେଣୁ କୌଣସି ଗାଡ଼ି ମାଳତିପାଟପୁରରୁ ସିଧା ସହର ଭିତରକୁ ଛଡ଼ା ଯାଉନଥିଲା। ଅନ୍ୟପକ୍ଷେ ଟ୍ରାଫିକ କଣ୍ଟ୍ରୋଲ ରୁମରୁ ସ୍ଥିତି ଅନୁଧ୍ୟାନ କରୁଥିଲେ ପୁଲିସ।

### ଆଜି ଅଧରପଣା ନୀତି ...

ପାଣିଆ ଆପଟ ସେବକମାନେ ସିଂହଦ୍ୱାର ନିକଟରେ ଥିବା ଛାଉଣୀ ମଠ ସମ୍ମୁଖସ୍ଥ କୂପରୁ ଗରାରେ ଜଳ କାଢ଼ି ରଥ ଉପରକୁ ବୋହି ନେଇ ବଡ଼ ପିତ୍ତଳ ହଣ୍ଡାରେ ରଖିଥାନ୍ତି। ପଣା ପ୍ରସ୍ତୁତ ହୋଇ ଅଧର ଚୁମ୍ବିତ ମାଟି ହାଣ୍ଡିଗୁଡ଼ିକରେ ରଖାଯାଏ। ପରେ ପାଳିଆ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ଦାରୁବିଗ୍ରହମାନଙ୍କୁ ଭୋଗ ଲଗାଇଥାନ୍ତି। ଏହା ପରେ ଠାକୁରମାନଙ୍କ ସମ୍ମୁଖରେ ପଣାହାଣ୍ଡିଗୁଡ଼ିକୁ ଭାଙ୍ଗି ଦିଆଯାଇଥାଏ।

### ଆନ୍ଦୋଳନ ଶେଷ କଲା ...

୧ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ ସାମିଲ ରହିଛି। ସେହିପରି ସୌରଭ ଦାସ କହିଛନ୍ତି, ସିଜେପିର ଏହି ଆନ୍ଦୋଳନ କେବଳ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୈନ୍ଦ୍ରିକ ଥିଲା, ଯାହା ଏବେ ପୂରଣ ହୋଇଛି। ଏହା ପୂର୍ବରୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଖବର ଆସିବା ମାତ୍ରେ ଜନ୍ତର-ମନ୍ତରରେ ଏକ ଉତ୍ସବର ମାହୋଲ ଦେଖିବାକୁ ମିଳିଥିଲା। ଛାତ୍ରଛାତ୍ରୀମାନେ 'ଛାତ୍ର ଏକତା ଜିନ୍ଦାବାଦ'ର ନାରା ଦେଇଥିଲେ ଏବଂ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଏହି ସମୟରେ ନିଟ୍ ପେପର ଲିକ୍ ପରେ ଜୀବନ ହରାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ୨ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା। ସଦ୍ୟ ରିପୋର୍ଟ ଅନୁସାରେ ଛାତ୍ରଛାତ୍ରୀମାନେ ଏବେ ଖୁସିରେ ନିଜ ନିଜ ଘର ଅଭିମୁଖେ ବାହୁଡ଼ିବା ଆରମ୍ଭ କରିଛନ୍ତି।

### ଇସ୍ତଫା ଦେଲେ ଧର୍ମେନ୍ଦ୍ର ...

ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଗତ ୧୬ ଜୁଲାଇରେ ଏହାର ସନ୍ତୋଷଜନକ ଫଳାଫଳ ମଧ୍ୟ ପ୍ରକାଶ ପାଇଛି, ଯେଉଁଥିରେ ଅନେକ ଗରିବ ଓ ମେଧାବୀ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଶ୍ରୀ ପ୍ରଧାନ ନିଜ ଚିଠିରେ ଦୁଃଖର ସହ ଉଲ୍ଲେଖ କରିଛନ୍ତି ଯେ, ଏହି ସମଗ୍ର ପ୍ରକ୍ରିୟା ମଧ୍ୟରେ କିଛି ଦାୟିତ୍ୱବାନ ପଦବୀରେ ବସିଥିବା ବ୍ୟକ୍ତି ବିଦ୍ୟାର୍ଥୀଙ୍କୁ ବିଭ୍ରାନ୍ତ କରିବା ସହ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ। ବିଗତ ୧୦ ଦିନର ଘଟଣାକ୍ରମ ଓ ଜନ୍ତର-ମନ୍ତର ସମେତ ଦେଶର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ପରିସ୍ଥିତି ଯୋଗୁଁ ସେ ଅତ୍ୟନ୍ତ ବ୍ୟଥିତ। ଏହି ସ୍ଥିତିର କୌଣସି ରାଷ୍ଟ୍ରବିରୋଧୀ ଶକ୍ତି ଯେପରି ଅନୁଚିତ ଫାଇଦା ନ ନିଅନ୍ତୁ, ଦେଶର ଏକତା ବଜାୟ ରହୁ ଏବଂ କୋମଳମତି ପିଲାଙ୍କ ଭବିଷ୍ୟତ ଆଇନଗତ ଜଟିଳତା ଭିତରେ ନ ଫସୁ-ସେଥିପାଇଁ ସେ ନିଜ ପଦରୁ ଇସ୍ତଫା ଦେବାର ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ ନିରନ୍ତର ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ ସେ ମନ୍ତ୍ରୀପରିଷଦର ସହଯୋଗୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଷ୍ଟ୍ରସେବାକୁ ନିଜ ଜୀବନର ସର୍ବୋଚ୍ଚ ପ୍ରାଥମିକତା ବୋଲି ଆଖ୍ୟା ଦେଇ, ଆଗାମୀ ଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଭାରତ ମାତା, ଓଡ଼ିଶାର ଜନସାଧାରଣ ଏବଂ ଦେଶର ଯୁବସମାଜର ସେବାରେ ନିଜକୁ ନିରନ୍ତର ସମର୍ପିତ ରଖିବେ ବୋଲି ଶ୍ରୀ ପ୍ରଧାନ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି।

# ରେଳ ଷ୍ଟେସନ୍‌ର ବିଭିନ୍ନ ସମସ୍ୟା ନେଇ ଦାବିପତ୍ର

**ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ**

**ଝାରସୁଗୁଡ଼ା,୨୫।୭/ଏନ୍‌ଏନ୍‌ଏସ୍:** ଝାରସୁଗୁଡ଼ା ରେଳ ଷ୍ଟେସନ୍‌ରେ ବିପର୍ଯ୍ୟସ୍ତ ଯାତ୍ରୀ ସେବା ଓ ଚାଲିଥିବା ନିର୍ମାଣ କାର୍ଯ୍ୟ ଯୋଗୁ ସାଧାରଣ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ଝାରସୁଗୁଡ଼ା ବିଜେଡି ସଭାପତି ହରିଶ ଗଣତ୍ରାଙ୍କ ନେତୃତ୍ୱରେ ଏକ ଦାବିପତ୍ର ଷ୍ଟେସନ୍ ମ୍ୟାନେଜର୍‌ଙ୍କୁ ପ୍ରଦାନ କରାଯାଇଛି। ଝାରସୁଗୁଡ଼ା ରେଲଓ୍ୱେ ଷ୍ଟେସନ୍‌ରେ ନୂତନ ପ୍ଲାଟଫର୍ମ ନିର୍ମାଣ ଯୋଗୁ ଯାତ୍ରୀଙ୍କୁ ଦୀର୍ଘ ବାଟ ଚାଲି ଓଭରବ୍ରିଜ୍ ଅତିକ୍ରମ କରିବାକୁ ପଡୁଛି। ଏହାଦ୍ୱାରା ବୃଦ୍ଧ ବୃଦ୍ଧା, ରୋଗୀ ଓ ଦିବ୍ୟାଙ୍ଗ ଯାତ୍ରୀମାନେ ଖୁବ୍ ହଇରାଣ ହେଉଛନ୍ତି। ନିର୍ମାଣାଧୀନ ଅଞ୍ଚଳରେ ବର୍ଷା ଜଳ ଓ କାଦୁଅ ଯୋଗୁ ଯାତ୍ରୀମାନେ ଖସିପଡ଼ି ଆହତ ହେଉଛନ୍ତି। ତେଣୁ ଏଠାରେ ତୁରନ୍ତ ଅସ୍ଥାୟୀ ର୍‍ୟାମ୍ପ, ଲିଫ୍ଟ ଓ ବ୍ୟାଟେରୀଚାଳିତ ଗାଡ଼ିର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏହାସହ ଷ୍ଟେସନ୍‌ର ପ୍ଲାଟଫର୍ମଗୁଡ଼ିକରେ ବିଶୁଦ୍ଧ ପାନୀୟଜଳର ଅଭାବ, ଶୌଚାଳୟ ଓ ପ୍ରତୀକ୍ଷାଳୟରେ ଜଳଯୋଗାଣ ବନ୍ଦ ରହିବା ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିବା ଦର୍ଶାଯାଇଛି। ସେହିପରି ଦୀର୍ଘଦିନରୁ ଚୌକିପଡ଼ା ଓ ବେହେରାମାଲ ଆର୍‌ଓବି ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ପଡ଼ି ରହିଥିବାରୁ ସହରରେ ନିୟମିତ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଅନ୍ୟପଟେ ସାଧାରଣ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଝାରସୁଗୁଡ଼ା-ଗୋନ୍ଦିଆ, ଝାରସୁଗୁଡ଼ା-ରାଞ୍ଚି ଓ ସମ୍ବଲପୁର-ରାଉରକେଲା ମେମୁ ଟ୍ରେନ୍‌ଗୁଡ଼ିକୁ ପାର୍ବଣ ସମୟରେ ବନ୍ଦ ନକରି ନିୟମିତ ଚଳାଚଳ କରିବାକୁ ଦାବି କରାଯାଇଛି। ଅନିୟମିତ ଟ୍ରେନ୍ ବିଳମ୍ବ, ଅଟୋ ପାର୍କିଂ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଓ ପ୍ଲାଟଫର୍ମ ନଂ-୧ରେ ଶେଡ୍ ବିସ୍ତାର କରି ନିର୍ମାଣ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଏହି ଦାବିପତ୍ରର ନକଲ ଚକ୍ରଧରପୁର, ସମ୍ବଲପୁର ଓ ବିଲାସପୁର ରେଳ ମଣ୍ଡଳର ଡିଆର୍‌ଏମ୍‌ଙ୍କ ନିକଟକୁ ପଠାଯାଇଛି। ତେଣୁ ତୁରନ୍ତ ଏହି ସମସ୍ୟାଗୁଡ଼ିକର ସମାଧାନ ନହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ନେତାମାନେ ଚେତାବନୀ ଦେଇଛନ୍ତି। ଷ୍ଟେସନ୍ ମାଷ୍ଟର୍‌ଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ବିଜୁ ଜନତା ଦଳ ପରିଷଦ ସଦସ୍ୟ ତାପସ ରାୟଚୌଧୁରୀଙ୍କ ସହ ଝାରସୁଗୁଡ଼ା ବିଜେଡି ସଭାପତି ହରିଶ ଗଣତ୍ରା, ପୌରାଧ୍ୟକ୍ଷା ରାନୀ ହାତୀ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ରବି ସିଂ, ମଦନ ହାତୀ, ଆଲୋକ ତ୍ରିପାଠୀ, ପୱନ ସିଂ ଯାଦବ, ପୱନ୍ ଶର୍ମା, ମନୋଜ କୁମାର ଦୋରା, ଶ୍ୟାମ ସୁନ୍ଦର ମହାପାତ୍ର, ବି ନାଗେଶ୍ୱରୀ ଓ ଜ୍ୟୋତି ସୁନାର ପ୍ରମୁଖ ଉପସ୍ଥିତ ଥିଲେ।



## ପାଟିକା ସହାୟିକାଙ୍କ କର୍ମଶାଳା

**ଜୟପୁର,୨୫।୭/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ପକ୍ଷରୁ ପାଚିକା ସହାୟିକାଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧିନସ୍ଥ ଆମ୍ବାଗୁଡ଼ା, ରଣ୍ଡାପାଲି, ହାଟ କଙ୍ଗା, ଜାମୁଣ୍ଡା, ଦୋରାଗୁଡ଼ା ଓ ଜୟନ୍ତଗିରି ସାଧନ କେନ୍ଦ୍ରର ୨୦୦ ଜଣ ପାଚିକା ଯୋଗଦେଇ ରୋଷେଇ କରିବା ସହିତ ରୋଷେଇ ଘରକୁ ସଫା ସୁତୁରା ରଖିବା ଓ ଗ୍ୟାସ୍‌ର ବ୍ୟବହାର ସମ୍ବନ୍ଧରେ ତାଲିମ୍‌ପ୍ରାପ୍ତ ଶିକ୍ଷକମାନେ ତାଲିମ୍ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆମ୍ବାଗୁଡ଼ାର ପ୍ରଧାନଶିକ୍ଷକ ସୁନୀଲ କୁମାର ପାଢ଼ୀ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ସହାୟକ ଶଶୀଭୂଷଣ ଦାସ ଓ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ସୋମନାଥ ଗାଦବା ସମ୍ମାନିତ ଅତିଥିଭାବେ ଯୋଗଦେଇ ମଞ୍ଚାସୀନ ଉପରୋକ୍ତ ବିଷୟରେ ପାଚିକାଙ୍କୁ ଅବଗତ କରାଇଥିଲେ। ମଧ୍ୟାହ୍ନଭୋଜନ ହିସାବ ରକ୍ଷକ ମନୋଜ ପଟ୍ଟନାୟକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଆଦିତ୍ୟ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅପରାହ୍ନରେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ ପାଚିକା ସହାୟକାଙ୍କୁ ସମସ୍ତ ବିଷୟରେ ସଚେତନ କରାଇଥିଲେ। ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ସମସ୍ତ ପାଚିକାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ମନୋଜ ପଟ୍ଟନାୟକ, ଅଶୋକ କୁମାର ସ୍ୱାଇଁ, ରଘୁନାଥ ଖିଲ, ଦେବାଶିଷ ପାଳ ଓ ରମେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର କର୍ମଚାରୀ ସଂଯୁକ୍ତା ନାୟକ ଓ ନିରଞ୍ଜନ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଆମ୍ବାଗୁଡ଼ା ଭାଗିରଥୀ ବାରିକ କାର୍ଯ୍ୟକ୍ରମକୁ ଉଦ୍‌ଯାପିତ କରିଥିଲେ।



## ଗୁଣପୁର ସିଡିପିଓଙ୍କ ବିରୋଧରେ ତଦନ୍ତ ପ୍ରକ୍ରିୟା ଆରମ୍ଭ

**ରାୟଗଡ଼ା,୨୫।୭/ଏନ୍‌ଏନ୍‌ଏସ୍:** ଗୁଣପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ବ୍ୟାପକ ଆର୍ଥିକ ଅନିୟମିତତା ଏବଂ ସିଡିପିଓ ସୁଷମା ପ୍ରସାଦଙ୍କ ବିରୋଧରେ ସଙ୍ଗୀନ ଦୁର୍ନୀତି ଅଭିଯୋଗକୁ ନେଇ ଉପଜିଲ୍ଲାପାଳଙ୍କ ପକ୍ଷରୁ ବିଧିବଦ୍ଧ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହିକ୍ରମେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ କୋର୍ଟ ରୁମ୍‌ରେ ୭ଟି ସେକ୍ଟର୍‌ର ସମସ୍ତ ଅଭିଯୋଗକାରୀ ଅଙ୍ଗନବାଡ଼ି କର୍ମୀଙ୍କୁ ଡାକି ସେମାନଙ୍କ ସାକ୍ଷ୍ୟ ଓ ବୟାନ ରେକର୍ଡ କରାଯାଇଛି। ସମସ୍ତ ଅଙ୍ଗନବାଡ଼ି ଦିଦି ଓ କର୍ମୀମାନେ ପ୍ରତ୍ୟକ୍ଷ ଭାବେ ଉପଜିଲ୍ଲାପାଳଙ୍କ ନିକଟରେ ପହଞ୍ଚି ନିଜ ନିଜର ବୟାନ ରଖିଛନ୍ତି। ଅନ୍ୟପଟେ ଏସମ୍ପର୍କରେ ସିଡିପିଓଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନଥିବାବେଳେ ଆଗାମୀ ଦିନରେ ଏହି ଘଟଣାର ଅଧିକ ତଦନ୍ତ ଜାରି ରହିବ ବୋଲି ଉପଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲ୍ଲୀପ ସୂଚନା ଦେଇଛନ୍ତି। ପ୍ରକାଶଥାଉକି ଗତ ଜୁଲାଇ ୧୯ ତାରିଖରେ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍‌ର ସଭାପତି ଜୟନ୍ତୀ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଅଙ୍ଗନବାଡ଼ି କର୍ମୀ ସିଡିପିଓଙ୍କ କାରନାମା ବିରୋଧରେ ଗର୍ଜନ କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୧୭ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଘରଭଡ଼ା ଅନୁଦାନରୁ କର୍ମୀ ପିଛା ୫ ହଜାର ଟଙ୍କା ହିସାବରେ ପ୍ରାୟ ୨ ଲକ୍ଷ ୭୫ ହଜାର ଟଙ୍କାର ବେଆଇନ୍ ପିସି ଆଦାୟ, ଛତୁଆ ପ୍ରସ୍ତୁତି, କିଶୋରୀ ବାଳିକା ଯୋଜନା, ବିଦ୍ୟୁତ୍ ବିଲ୍ ଓ ସାମଗ୍ରୀ କ୍ରୟ ଅନୁଦାନ ହରିଲୁଟ୍, ଚାଉଳ ଓ ଅଣ୍ଡା ପ୍ରାପ୍ୟ ହଡ଼ପ ଓ ଚାକିରି ଅବସର ବୟସ ବୃଦ୍ଧି ନାମରେ ମଧ୍ୟ ବେଆଇନ ଅର୍ଥ ଆଦାୟ ଭଳି ସଙ୍ଗୀନ ଅଭିଯୋଗ ହୋଇଥିଲା। ଏପରିକି ୨୦୨୪ରେ ଘଟିଥିବା ଚର୍ଚ୍ଚିତ ଶିଶୁ ବିକ୍ରି ଘଟଣାରେ ସିଡିପିଓ ମୁଖ୍ୟ ଦୋଷୀ ବୋଲି ତତ୍କାଳୀନ ଜିଲ୍ଲାପାଳ ରିପୋର୍ଟ ଦେଇଥିଲେ ବି କାର୍ଯ୍ୟାନୁଷ୍ଠାନ ହୋଇନଥିବା ସଂଘ ଅଭିଯୋଗ କରିଥିଲା। ଆସନ୍ତା ଅଗଷ୍ଟ ୧ ସୁଦ୍ଧା ନିରପେକ୍ଷ ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ସଂଘ ଚେତାବନୀ ଦେଇଥିଲା।



## 'ସମନ୍ୱୟତାର ବାର୍ତ୍ତା ଦିଏ ଜଗନ୍ନାଥ ସଂସ୍କୃତି'



**ସିନାପାଲି,୨୫।୭/ଏନ୍‌ଏନ୍‌ଏସ୍:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବଦିନାତ୍ମକ ଯାତ୍ରା ଅବସରରେ ନୂଆପଡ଼ା ଜିଲ୍ଲା ସିନାପାଲିରେ ଗଙ୍ଗାଧର ସାରସ୍ୱତ ସମିତି ପକ୍ଷରୁ ଜଗନ୍ନାଥ ସଂସ୍କୃତି ପ୍ରସଙ୍ଗରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ପରିଚାଳକ ଅଜୟ କୁମାର ବେହେରା ଯୋଗ ଦେଇଥିବାବେଳେ ଆଲୋଚକ ଭାବେ ସିନାପାଲି ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର ସଭାପତି ବୈଶମ୍ପାୟନ ମେହେର, ଶିକ୍ଷାବିତ୍ କପିଳେଶ୍ୱର ପାତ୍ର ଓ ବିଶିଷ୍ଟ ଜ୍ୟୋତିର୍ବିଦ୍ ଡ଼ଃ ଅର୍ଜୁନ ଶାସ୍ତ୍ରୀ ଯୋଗଦେଇ ଜଗନ୍ନାଥ ସଂସ୍କୃତି ହିଁ ମାନବୀୟ ସଂସ୍କୃତି ଏବଂ ଏହା ସମାଜକୁ ସୁସ୍ଥ, ମାର୍ଜିତ ଓ ସମନ୍ୱିତ ରଖିବାକୁ ଉଦ୍ଦିଷ୍ଟ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନୀଳମଣି ମେହେର, ନାଗରିକ କମିଟି ସଭାପତି ଡମ୍ବରୁଧର ମେହେର, ନାରାୟଣ ପାତ୍ର, ପୂର୍ଣ୍ଣଚନ୍ଦ୍ର ମେହେର, ମହେଶ ତିୱାରୀ, ଦିବାକର ଖମାରୀ, ନରହରି ମେହେର, ସୁବ୍ରତ ଠାକୁର, ସୁରେଶ୍ୱର ମେହେର, ରାହାସ ବିହାରୀ ମେହେର, ତୁଳସୀରାମ ମେହେର, ନନ୍ଦକୁମାର ପାତ୍ର, ଚିନ୍ତାମଣି ସାହୁ, ଅରିଗଞ୍ଜନ ଯୋଶୀ, ତ୍ରିନାଥ ମେହେର, ମୁରଲୀଧର ସା, ବାମଦେବ ଦାସ, ସତ୍ୟବ୍ରତ ଗହୀର ଓ ମୁକେଶ ମେହେର ପ୍ରମୁଖ ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ ଓ ବିଭିନ୍ନ ମନ୍ଦିର କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ପ୍ରଧାନଶିକ୍ଷକ ମନୋରଞ୍ଜନ ମେହେର, ରୁପେଶ ଚନ୍ଦ୍ର ମେହେର, ପ୍ରେମାନନ୍ଦ ମେହେର, ଗୌତମ ମେହେର, ରଶ୍ମିରଞ୍ଜନ ସା, ବେଣୁଧର ମେହେର, ପ୍ରଦ୍ୟୁମ୍ନ ସିଂହ ଚିନ୍ଦା, ସାନୁର୍ଯ୍ୟ ମେହେର, ଦର୍ଶନ ମେହେର, ଲିଙ୍ଗରାଜ ଜଗତ, ହେମନ୍ତ ମେହେର, ଜିତେନ୍ ମେହେର, ନରସିଂହ ମେହେର, ବିକାଶ ବାଗ ଓ ଆଶିଷ ସା ପ୍ରମୁଖ ସହଯୋଗ କରିଥିଲେ। ସମିତି ସମ୍ପାଦକ ତରୁଣ କୁମାର ମେହେର ଧନ୍ୟବାଦ ଦେଇଥିଲେ।

## ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ୧୦ ବର୍ଷ ଜେଲ୍

**ରାୟଗଡ଼ା,୨୫।୭/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲାରେ ଜଣେ ମାନସିକ ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ରାୟଗଡ଼ା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଅଲ୍ପନା ସ୍ୱାଇଁ ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ବାବୁଲା କୁଲିସିକାକୁ ୧୦ ବର୍ଷର କଠୋର କାରାଦଣ୍ଡ ସହ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉକି ୨୦୨୪ ମସିହା ଅକ୍ଟୋବର ୩୧ ତାରିଖରେ ଚାନ୍ଦିଲି ଥାନା ଅନ୍ତର୍ଗତ ବୋରିଗୁଡ଼ା ଗାଁରେ ଏହି ଘଟଣା ଘଟିଥିଲା। ଅଭିଯୋଗ ଅନୁସାରେ, ଯୁବତୀଙ୍କୁ ଅଭିଯୁକ୍ତ ଜବରଦସ୍ତି ନିଜ ଭାଇଙ୍କ ଘରକୁ ନେଇ ଦୁଷ୍କର୍ମ କରିବା ସହ ହତ୍ୟା ଉଦ୍ୟମ କରିଥିଲା। ଘଟଣାର ପାଞ୍ଚ ଦିନ ପରେ ଅର୍ଥାତ୍ ନଭେମ୍ବର ୫ ତାରିଖରେ ଚାନ୍ଦିଲି ଥାନାରେ ଲିଖିତ ଅଭିଯୋଗ ଦାଖଲ ହୋଇଥିଲା। ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଶେଷ କରି ୨୦୨୫ ଜାନୁଆରୀରେ ଚାର୍ଜସିଟ୍ ଦାଖଲ କରିଥିଲା। ପରେ ମାମଲାର ବିଚାର ରାୟଗଡ଼ା ଅଦାଲତରେ ହୋଇଥିଲା। ବିଚାର ସମୟରେ ୧୭ ଜଣ ସାକ୍ଷୀଙ୍କ ବୟାନ ଓ ଉପସ୍ଥାପିତ ପ୍ରମାଣକୁ ଆଧାର କରି ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ରଜତ ରଞ୍ଜନ ଖଟୁଆ ଓ ଆଇନଜୀବୀ ସତ୍ୟ ନାରାୟଣ ପ୍ରଧାନ ମାମଲା ପରିଚାଳନା କରିଥିଲେ।

# ବାଲ୍ୟ ବିବାହ ମୁକ୍ତ ଓ ସୁରକ୍ଷିତ ଶିଶୁ ପ୍ରଚାର ରଥ ଆରମ୍ଭ

**ମାଲକାନଗିରି,୨୫।୭/ଏନ୍‌ଏନ୍‌ଏସ୍:** ମାଥିଲି ବ୍ଲକ୍‌ରେ ବାଲ୍ୟ ବିବାହର ସମ୍ପୂର୍ଣ୍ଣ ନିରାକରଣ ଏବଂ ଶିଶୁ ସୁରକ୍ଷା ଅଧିକାରକୁ ନେଇ ଏକ ବ୍ୟାପକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ମିଳିତ ଆନୁକୂଲ୍ୟରେ ବାଲ୍ୟ ବିବାହ ମୁକ୍ତ ଓ ସୁରକ୍ଷିତ ଶିଶୁ ଶୀର୍ଷକ ଏକ ସ୍ୱତନ୍ତ୍ର ପ୍ରଚାର ରଥ ଆରମ୍ଭ କରାଯାଇଥିଲା। ଏହି ଯାତ୍ରା ସମୟରେ ଗ୍ରାମାଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ଓ ସାଧାରଣ ଜନତାଙ୍କ ସମାଗମକୁ ଦୃଷ୍ଟିରେ ରଖି ଏହି ଅଭିଯାନର ପରିକଳ୍ପନା କରାଯାଇଥିଲା। ଗ୍ରାମୀଣ ଅଞ୍ଚଳରେ ବ୍ୟାପକ ଭାବେ କାୟା ମେଲାଇଥିବା ବାଲ୍ୟ ବିବାହ ଭଳି କୁପ୍ରଥାକୁ ରୋକିବା ଏବଂ ଶିଶୁଙ୍କ ସୁରକ୍ଷିତ ଭବିଷ୍ୟତ ସମ୍ବନ୍ଧରେ ସାଧାରଣରେ ଜାଗରଣ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରଚାର ରଥ ମାଧ୍ୟମରେ ବାଲ୍ୟ ବିବାହର ସାମାଜିକ ତଥା ସ୍ୱାସ୍ଥ୍ୟଗତ କୁପ୍ରଭାବ ଏବଂ ଏହାର ଆଇନଗତ ପରିଣାମ ବିଷୟରେ ମାଇକ୍ ଯୋଗେ ସର୍ବସାଧାରଣଙ୍କୁ ଅବଗତ କରାଯାଇଥିଲା। ଏଥିସହ ଯାତ୍ରାସ୍ଥଳରେ ଲୋକଙ୍କୁ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ପୋଷ୍ଟର୍ ଓ ଲିଫଲେଟ୍ ବଣ୍ଟାଯିବା ସହ ଜରୁରିକାଳୀନ ସହାୟତା ନମ୍ବର ୧୦୯୮ (ଚାଇଲ୍ଡ ଲାଇନ୍), ୧୧୨ ଏବଂ ୧୧୮ ବିଷୟରେ ବ୍ୟାପକ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତଥା ଜିଲ୍ଲା ପ୍ରୋଟେକ୍ସନ୍ ଅଫିସର୍ ଟି ଜୟଲକ୍ଷ୍ମୀ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଯୋଜିକା ମିନାକ୍ଷୀ ପ୍ରଧାନ, ଜେଣ୍ଡର୍ ସ୍ପେଶିଆଲିଷ୍ଟ ମିଶେଲ ରାଜୁ, ବୁଲୁ ଖୋସ୍ଲା, ଚାଇଲ୍ଡ ଲାଇନ୍‌ର ପ୍ରତିନିଧି ଅଭି ପେଦା ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ବରିଷ୍ଠ ଅଧିକାରୀ ସୌମ୍ୟ ରଞ୍ଜନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅଭିଯାନ ମାଧ୍ୟମରେ ଶିଶୁ ବିବାହ ନୁହେଁ, ଶିଶୁର ପଢ଼ା ହେଉ ଏବଂ ସୁରକ୍ଷିତ ଶିଶୁ, ସୁନ୍ଦର ଭବିଷ୍ୟତ ବାର୍ତ୍ତାକୁ ସମାଜର ପ୍ରତ୍ୟେକସ୍ତରରେ ପହଞ୍ଚାଇବାକୁ ପ୍ରଶାସନ ପକ୍ଷରୁ ସଙ୍କଳ୍ପ ନିଆଯାଇଛି। ଅନୁରୂପଭାବେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ସଚେତନତା ରଥ ମାଧ୍ୟମରେ ବାର୍ତ୍ତା ଦିଆଯାଇଛି।



# ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ସୁନାବେଶ

## ଶ୍ରୀବାଣୀକ୍ଷେତ୍ର



**ଭୁବନେଶ୍ୱର,୨୫।୭/ଏନ୍ଏନ୍ଏସ୍:** ପ୍ରତିବର୍ଷ ପରି ଚଳିତବର୍ଷ କିସ୍ ପରିସରସ୍ଥ ଶ୍ରୀବାଣୀକ୍ଷେତ୍ର ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମାଆ ସୁଭଦ୍ରାଙ୍କ ସୁନାବେଶ ସୁରୁଖୁରୁରେ ସମ୍ପନ୍ନ ହୋଇଯାଇଛି। ଏଠାରେ ତିନିଠାକୁରଙ୍କ ବାହୁଡ଼ା ଯାତ୍ରା ମଧ୍ୟ ମହାଆଡ଼ମ୍ବରରେ ସମ୍ପନ୍ନ ହୋଇଥିଲା। ବାହୁଡ଼ାରେ ଗୁଣ୍ଡିଚା ମନ୍ଦିରରୁ ଠାକୁରମାନେ ଫେରିବା ପରେ ଶ୍ରୀବାଣୀକ୍ଷେତ୍ରରେ ପ୍ରତିବର୍ଷ ସୁନାବେଶ ଆୟୋଜିତ ହୋଇଥାଏ। ଆଜି ଠାକୁରଙ୍କ ସୁନାବେଶ ଦେଖିବା ପାଇଁ ହଜାର ହଜାର ଭକ୍ତ ସମାଗମ ହୋଇଥିଲା। ଠାକୁରମାନଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ଆଦି ଦିଆଯାଇ ସୁନାବେଶ ବା ରାଜାଧିରାଜ ବେଶ କରାଯାଇଥାଏ। ଭକ୍ତମାନେ ଆଜି ଠାକୁରମାନଙ୍କ ସ୍ୱର୍ଣ୍ଣ ଅଙ୍ଗ ପ୍ରତ୍ୟଙ୍ଗ ମଧ୍ୟ ଦେଖିବାର ସୁଯୋଗ ପାଇଥିଲେ। ସୁନାବେଶରେ ସାଧାରଣତଃ ଠାକୁରମାନଙ୍କର ଶ୍ରୀପୟର, ଶ୍ରୀଭୁଜ, ଶ୍ରୀକିରିଟି, ସୂର୍ଯ୍ୟ, ଚନ୍ଦ୍ର, ମାଳି, ତିଳକ, ଚନ୍ଦ୍ରିକା, ଝୋବାକଣ୍ଠି ଓ ଆୟୁଦ୍ଧମାନ ଲାଗି କରାଯାଇଥାଏ। ପରମ୍ପରା ଅନୁସାରେ ଉପରୋକ୍ତ ସ୍ୱର୍ଣ୍ଣ ଅଳଙ୍କାରମାନ ଠାକୁରଙ୍କ ଦେହରେ ଶୋଭା ପାଇଥିଲା। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କିଟ୍ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସନ୍ଧ୍ୟାରେ ମହାପ୍ରଭୁଙ୍କ ଏହି ମହାବେଶ ଅତି ସୁନ୍ଦର ଭାବେ ପରିବେଶକୁ ଆଧ୍ୟାତ୍ମିକମୟ କରି ତୋଳିଥିଲା। ଏହି ଅବସରରେ ଶ୍ରୀବାଣୀକ୍ଷେତ୍ରରେ ଭଜନ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା।



## ୟୁନିଟ୍-୫ ଜଗନ୍ନାଥ ମନ୍ଦିର

ୟୁନିଟ୍-୫ ସ୍ଥିତ ଜଗନ୍ନାଥ ମନ୍ଦିରରେ ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଘୋଷଯାତ୍ରାର ବିଶେଷ ପର୍ଯ୍ୟାୟ ହରିଶୟନ ଏକାଦଶୀ ଉପଲକ୍ଷେ ଆଜି ଚତୁର୍ଦ୍ଧା ମୂର୍ତ୍ତିଙ୍କ ପୂଜାର୍ଚ୍ଚନା ଓ ରୀତିନୀତି ରଥ ଉପରେ ହିଁ ସମାପନ କରାଯାଇଛି। ବିଗ୍ରହମାନଙ୍କ ସୁନାବେଶ ପାଇଁ ସନ୍ଧ୍ୟା ପୂର୍ବରୁ ସନ୍ଧ୍ୟା ଆଳତୀ ସମ୍ପନ୍ନ କରାଯାଇଥିଲା। ଏହା ପରେ ବିଗ୍ରହମାନଙ୍କୁ ଅବିକଳ ସ୍ୱର୍ଣ୍ଣ ସଦୃଶ ବିଭିନ୍ନ ଆଭୂଷଣରେ ସୁସିତ କରାଯାଇଥିଲା। ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ଦିବ୍ୟ ସୁନାବେଶ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ରାଜ୍ୟ ସଂସ୍କୃତି ବିଭାଗ ସୌଜନ୍ୟରୁ ଆୟୋଜିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମକୁ ଶ୍ରଦ୍ଧାଳୁମାନେ ସୁନାବେଶ ଦର୍ଶନ ସହ ମନଭରି ଉପଭୋଗ କରିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ପରିଶେଷରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିଲା। ରବିବାର ରଥ ଉପରେ ମହାପ୍ରଭୁଙ୍କ ପ୍ରସିଦ୍ଧ ଅଧରପଣା ନୀତି ଅନୁଷ୍ଠିତ ହେବ।

## ଶୈଳଶ୍ରୀ ବିହାର

ଶୈଳଶ୍ରୀ ବିହାର ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥାରୁଢ ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ସୁନା ରୁପା ଅଳଙ୍କାରରେ ସୁସିତ ହୋଇ ଝଲସିଛନ୍ତି ମହାପ୍ରଭୁ। ଶ୍ରୀ ଜଗନ୍ନାଥ ଭକ୍ତି ଟ୍ରଷ୍ଟ ପକ୍ଷରୁ ନୀତିନିର୍ଘଣ୍ଟ ଅନୁସାରେ ମଙ୍ଗଳ ଆଳତି, ମଇଲମ, ଅବକାଶ, ସୂର୍ଯ୍ୟପୂଜା ଓ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହେବା ପରେ ଅପରାହ୍ଣ ୩ଟାରେ ମୁଖ୍ୟ ପୂଜକ ଜୟଦେବ ମିଶ୍ର ଓ ସହଯୋଗୀ ପୂଜକମାନେ ଦାରୁଦିଅଁଙ୍କୁ ସୁନା ରୁପା ଅଳଙ୍କାରରେ ସୁସିତ କରିଥିଲେ। ସାଢ଼େ ୪ଟା ସମୟରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ବଡ଼ ଠାକୁର ବଳଦେବ, ମା' ସୁଭଦ୍ରା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥ। ସନ୍ଧ୍ୟା ସମୟରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ଧାଡ଼ିରେ ଯାଇ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଟ୍ରଷ୍ଟ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ରାତ୍ରି ସାଢେ ୧୦ ଟା ସମୟରେ ବଡ଼ସିଂହାର ବେଶ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ମନ୍ମଥ ମିଶ୍ର ଓ ପ୍ରୟଙ୍କା ସ୍ୱାଇଁଙ୍କ କଣ୍ଠର ଯାଦୁରେ ଶ୍ରୋତାମାନେ ବିମୋହିତ ହୋଇଥିଲେ। ମୁଖ୍ୟ ଟ୍ରଷ୍ଟି ହେମନ୍ତ କୁମାର ମହାପାତ୍ର, ସମ୍ପାଦକ ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ଅକ୍ଳାନ୍ତ ପରିଶ୍ରମରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହୋଇଥିଲା। ସଭାପତି ଆଶିଷ କୁମାର ମଲ୍ଲିକ, ସଞ୍ଜିବ କୁମାର ବାରିକ, ରଞ୍ଜିତ ମହାନ୍ତି, ସୁରେନ୍ଦ୍ର ନାଥ ସେନାପତି, ଅମିତ କିରଣ ହୋତା, ମାନସ କୁମାର ଦାଶ, ବିଜୟ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ।



## ବ୍ୟବସାୟ ସୁଗମତା ବୃଦ୍ଧି ଦିଗରେ ଇଡ୍‌କୋର ପଦକ୍ଷେପ

**ଭୁବନେଶ୍ୱର,୨୫।୭/ଏନ୍ଏନ୍ଏସ୍:** ଓଡ଼ିଶାରେ ଶିଳ୍ପାୟନକୁ ଅଧିକ ଗତିଶୀଳ କରିବା ଏବଂ ବ୍ୟବସାୟ କରିବାର ସୁଗମତାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ଇଡ୍‌କୋ ପକ୍ଷରୁ ଅଧକ୍ଷା ତଥା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଶିଳ୍ପ ହିତାଧିକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତକାଲି ଇଡକ୍ସା ପରିସରରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ପ୍ରମୁଖ ଶିଳ୍ପ ସଂଗଠନ, ବାଣିଜ୍ୟ ମଣ୍ଡଳ, କ୍ଷୁଦ୍ର, ସୂକ୍ଷ୍ମ ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ସଂଗଠନ ଏବଂ ଆଞ୍ଚଳିକ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇ ଶିଳ୍ପ ଭିତ୍ତିଭୂମି, ଜମି ଆବଣ୍ଟନ, ବିଦ୍ୟୁତ, ଜଳଯୋଗାଣ, ସାମଗ୍ରୀ ପରିବହନ (ଲଜିଷ୍ଟିକ୍ସ) ଏବଂ ବିଭିନ୍ନ ନିୟାମକ ପ୍ରକ୍ରିୟାର ସରଳୀକରଣ ଉପରେ ଆଲୋଚନା କରିବା ସହ ନିଜ ନିଜର ସମସ୍ୟା ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ।

ଏହି ଅବସରରେ ଶ୍ରୀମତୀ ପାଢ଼ୀ କହିଥିଲେ ଯେ, ଶିଳ୍ପ ସଂସ୍ଥାମାନଙ୍କ ସହ ନିୟମିତ ଆଲୋଚନା, ସ୍ୱଚ୍ଛ ପ୍ରଶାସନ ଏବଂ ଦ୍ରୁତ ସମସ୍ୟା ସମାଧାନ ହିଁ ଇଡିକୋର ପ୍ରମୁଖ ପ୍ରାଥମିକତା। ଏହା ମାଧ୍ୟମରେ ରାଜ୍ୟରେ ଅଧିକ ନିବେଶ ଆକର୍ଷଣ ସହ ଏକ ପ୍ରତିଯୋଗିତାମୂଳକ ଶିଳ୍ପ ପରିବେଶ ସୃଷ୍ଟି ହେବ। ଗତ ଦୁଇ ବର୍ଷ ମଧ୍ୟରେ ଇଡିକୋ ପ୍ରାୟ ୬ ହଜାର ଏକର ଜମିକୁ ଶିଳ୍ପ ଭୂମି ବ୍ୟାଙ୍କରେ ସାମିଲ କରିଥିବା ବେଳେ ୬,୦୨୭ ଏକର ଜମି ବୃହତ୍ ଓ ମଧ୍ୟମ ଶିଳ୍ପ ପାଇଁ ହସ୍ତାନ୍ତର କରିଛି। ଏହାସହ ୯୩ଟି ବୃହତ୍ ଶିଳ୍ପ ପ୍ରକଳ୍ପକୁ ଜମି ଆବଣ୍ଟନ କରାଯାଇଛି। ରାଜ୍ୟରେ ୩୦ଟି ବହୁମୁଖୀ ଉତ୍ପାଦ ଏମ୍ଏସ୍ଏମ୍ଇ ପାର୍କ (ମଲ୍ଟି-ପ୍ରଡକ୍ଟ ଏମ୍ଏସ୍ଏମ୍ଇ ପାର୍କ) ସହ ଇଲେକ୍ଟ୍ରୋନିକ୍ସ, ବୟନ, ପ୍ଲାଷ୍ଟିକ୍, ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଆଲୁମିନିୟମ୍ ଭିତ୍ତିକ ଶିଳ୍ପ ପାଇଁ ସ୍ୱତନ୍ତ୍ର ପାର୍କ ଗଢ଼ି ଉଠିଛି। ଶିଳ୍ପ କ୍ଷେତ୍ରରେ ଅନୁମୋଦନ ପ୍ରକ୍ରିୟାକୁ ସହଜ ଓ ଶୀଘ୍ର କରିବା ପାଇଁ ଇଡିକୋ ବିଭିନ୍ନ ସଂସ୍କାର କାର୍ଯ୍ୟକାରୀ କରିଛି। ଶିଳ୍ପ ଭବନ, ଫ୍ଲାଟେଡ୍ ଫ୍ୟାକ୍ଟରୀ ଓ ଆଇଟି/ଆଇଟିଇଏସ୍ ପ୍ରତିଷ୍ଠାନ ପାଇଁ ଭୂମି ଆବରଣ ସୀମା ହଟାଯାଇଥିବା ବେଳେ ଟିଡିଆର୍ ପ୍ରମାଣପତ୍ର ବିନା ସମ୍ପୂର୍ଣ୍ଣ ଏଫ୍ଏଆର୍ ବ୍ୟବହାରକୁ ଅନୁମତି ଦିଆଯାଇଛି। ଶିଳ୍ପ ସଂଗଠନମାନଙ୍କୁ ନିର୍ଦ୍ଦିଷ୍ଟ ମାନର ଭବନ ନକ୍ସା ପୂର୍ବରୁ ଅନୁମୋଦନ ପାଇଁ ଦାଖଲ କରିବାକୁ ମଧ ପରାମର୍ଶ ଦିଆଯାଇଛି। ବନ୍ଧକ ମର୍ଗେଜ୍ ଏନ୍ଓସି ପ୍ରକ୍ରିୟାକୁ ସ୍ୱୟଂଚାଳିତ କରାଯାଉଥିବା ବେଳେ ଶିଳ୍ପ ଭୂମି ବ୍ୟାଙ୍କର ସମସ୍ତ ତଥ୍ୟ ସହ ଏକ ସାର୍ବଜନିକ ଡିଜିଟାଲ୍ ପୋର୍ଟାଲ୍ ପ୍ରସ୍ତୁତ କରାଯାଉଛି। ଜମି ଆବଣ୍ଟନ ଅନୁମୋଦନ ପରେ ଏକ ମାସ ମଧ୍ୟରେ ଲିଜ୍ ଓ ଦଖଲ ପ୍ରଦାନ ସମ୍ପୂର୍ଣ୍ଣ କରିବାକୁ ଇଡିକୋ ଲକ୍ଷ୍ୟ ଧାର୍ଯ୍ୟ କରିଛି। ବୈଠକରେ ଶିଳ୍ପାଞ୍ଚଳରେ ଜଳଯୋଗାଣ, ବିଦ୍ୟୁତ, ଡ୍ରେନେଜ୍, ଯାତାୟାତ, ପାର୍କିଂ ଏବଂ ସୁରକ୍ଷା ଭଳି ବିଭିନ୍ନ ପ୍ରସଙ୍ଗ ମଧ ଆଲୋଚନା ହୋଇଥିଲା। ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଜଳଯୋଗାଣ ସ୍ୱାଭାବିକ ହୋଇଥିବା ବେଳେ ଇନ୍‌ଫୋସିଟିରେ ବହୁସ୍ତରୀୟ ପାର୍କିଂ ପ୍ରକଳ୍ପ ଏବଂ ସାତଟି ପ୍ରମୁଖ ଶିଳ୍ପାଞ୍ଚଳରେ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ଚାଲିଥିବା ସୂଚନା ଦିଆଯାଇଥିଲା। ବର୍ତ୍ତମାନ ୩,୫୦୦ କୋଟିରୁ ଅଧିକ ଟଙ୍କା ଅର୍ଥ ବ୍ୟୟରେ ୧୪୭ଟି ଶିଳ୍ପ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ଆଇଆଇଡିଏଫ୍ ଏବଂ ସାସ୍‌ସି ଯୋଜନାରେ ୧,୮୭୦ କୋଟିରୁ ଅଧିକ ଅର୍ଥ ବ୍ୟୟର ୧୧୭ଟି ନୂତନ ପ୍ରକଳ୍ପ ପ୍ରସ୍ତାବିତ ହୋଇଛି। ଇଡ୍‌କୋ ବର୍ତ୍ତମାନ ପ୍ରାୟ ୧୫୦ଟି ଶିଳ୍ପାଞ୍ଚଳ, ଶିଳ୍ପ ଇଷ୍ଟେଟ୍ ଓ ଏମ୍ଏସ୍ଏମ୍ଇ ପାର୍କ ପରିଚାଳନା କରୁଛି, ଯେଉଁଠାରେ ୬,୬୬୧ଟି ଶିଳ୍ପ ୟୁନିଟ୍ କାର୍ଯ୍ୟରତ ଅଛି। ଏହି ବୈଠକରେ ୟୁସିସିଆଇ, ସିଆଇଆଇ, ଫିକି, ଆସୋଚାମ୍, ଆଇସିସି, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର ଭୁବନେଶ୍ୱର, ଫିଓ, ନାସକମ୍ ସମେତ ବିଭିନ୍ନ ଶିଳ୍ପ ଓ ବାଣିଜ୍ୟ ସଂଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକ ଶେଷରେ ଶିଳ୍ପ ସଂଗଠନ ଏବଂ ଇଡିକୋ ମଧ୍ୟରେ ନିୟମିତ ଆଲୋଚନାକୁ ଅଧିକ ସୁଦୃଢ଼ କରିବା, ଶିଳ୍ପ ଭିତ୍ତିଭୂମିର ଦ୍ରୁତ ବିକାଶ ଏବଂ ପ୍ରଶାସନିକ ପ୍ରକ୍ରିୟାର ସରଳୀକରଣ ମାଧ୍ୟମରେ ଓଡ଼ିଶାକୁ ଦେଶର ଅଗ୍ରଣୀ ନିବେଶ ଗନ୍ତବ୍ୟରେ ପରିଣତ କରିବାକୁ ସମସ୍ତେ ଦୃଢ଼ ସଂକଳ୍ପ ବ୍ୟକ୍ତ କରିଥିଲେ।

## ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦର ମାସିକ ଆଲୋଚନାଚକ୍ର



**ଭୁବନେଶ୍ୱର,୨୫।୭/ଏନ୍ଏନ୍ଏସ୍:** ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦର ୧୪୮ତମ ମାସିକ ଆଲୋଚନାଚକ୍ର ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ପ୍ରଭାତ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଇଂ ପ୍ରଭାତ କୁମାର ପାଢ଼ୀ ଏବଂ ବକ୍ତା ଓ ଆଲୋଚକ ଭାବେ ବିରଜା ପ୍ରସାଦ ଶତପଥୀ, ଇଂ ସୁବାସ ଚନ୍ଦ୍ର ସାହୁ ଓ ମନୋଜ କୁମାର ଜେନା ଯୋଗଦେଇଥିଲେ। ଆଲୋଚକମାନେ ଡାକ୍ତର କବିପ୍ରସାଦଙ୍କ ମାନବ ସେବା, ସମାଜସେବା, ସାରସ୍ୱତ ଜଗତକୁ ଅବଦାନ, ଆଧ୍ୟାତ୍ମିକ ଜୀବନ ଓ ବହୁମୁଖୀ ପ୍ରତିଭା ଉପରେ ସୁବିସ୍ତୃତ ଆଲୋଚନା କରିଥିଲେ। ତାଙ୍କ ସଫଳତା ପଛରେ ଦୃଢ଼ ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ ଓ କଠିନ ପରିଶ୍ରମ ରହିଥିଲା ଏବଂ ତାଙ୍କର ଉତ୍ସର୍ଗୀକୃତ ଜୀବନ ସମାଜର ବହୁ ହିତ ସାଧନ କରୁଥିଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପରିଷଦର ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଡାକ୍ତର ମିଶ୍ରଙ୍କ ସହିତ ବିଭିନ୍ନ ସମୟରେ ଘଟିଥିବା ଦୁର୍ଲଭ ମୁହୂର୍ତ୍ତଗୁଡ଼ିକ ଉପରେ ଆଲୋଚନା କରିଥିଲେ। ତାଙ୍କର ଅତି ଲୋକପ୍ରିୟ ପୁସ୍ତକ 'ବାଇଶି ପାହାଚ' କିପରି ଭାରତୀୟ ଆଠଟି ଭାଷାରେ ଅନୁଦିତ ହୋଇ ତାଙ୍କ ସୁଖ୍ୟାତି ବୃଦ୍ଧି କରିଛି, ସେ ବିଷୟରେ ସେ ବର୍ଣ୍ଣନା କରିଥିଲେ। ସୁମିତ ରାଉତ ଭଜନ ପରିବେଷଣ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ ଅଲ୍‌ଟିମେଟ୍ ମେଡିକେୟାର୍‌ରେ ଜଟିଳ ଚିକିତ୍ସା

# ୧୦ ମାସ ଶିଶୁର ଜୀବନ ବଞ୍ଚାଇଲେ ଡାକ୍ତର



**ଭୁବନେଶ୍ୱର,୨୫।୭/ଏନ୍ଏନ୍ଏସ୍:** ଉଚ୍ଚସ୍ତରୀୟ ଚିକିତ୍ସା ଦକ୍ଷତା ଓ ସମନ୍ୱିତ କାର୍ଯ୍ୟଧାରାର ପରିଚୟ ସ୍ୱରୂପ ସମ୍ ଅଲ୍ଟିମେଟ୍ ମେଡିକେୟାର (ସମମ୍)ର ଡାକ୍ତରମାନେ ଏକ ୧୦ ମାସର ଶିଶୁର ଜୀବନ ସଫଳତାର ସହ ବଞ୍ଚାଇଛନ୍ତି। ଶିଶୁଟିର ଡାହାଣ ମୁଖ୍ୟ ଶ୍ୱାସନଳୀ ମଧ୍ୟରେ ଅଟକି ରହିଥିବା ଏକ ଆତ ମଞ୍ଜିକୁ ଜଟିଳ ପ୍ରକ୍ରିୟା ମାଧ୍ୟମରେ ବାହାର କରି ଶିଶୁଟିର ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି ସମ୍ମମ୍ ଡାକ୍ତର।

ଶିଶୁଟି ଆତ ମଞ୍ଜିଟିକୁ ଗିଳି ଦେବା ଫଳରେ ଏହା ଶ୍ୱାସନଳୀକୁ ଚାଲିଯିବା ପରେ ଶିଶୁଟିର ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସେ ନିଶ୍ୱାସ ନେବା ପାଇଁ କଷ୍ଟ ଅନୁଭବ କରିଥିଲା। ଏଭଳି ଜଟିଳ ଅବସ୍ଥାରେ ଶିଶୁଟିକୁ ସମ୍ ଅଲ୍‌ଟିମେଟ୍ ମେଡିକେୟାରକୁ ଅଣାଯାଇଥିଲା। ଛାତିର ଏକ୍ସ-ରେ ରୁ ଜଣାପଡ଼ିଥିଲା ଯେ ଡାହାଣ ପାର୍ଶ୍ୱ ଶ୍ୱାସନଳୀରେ ମଞ୍ଜିଟି ଅଟକି ରହିଥିବାରୁ ଡାହାଣ ପାର୍ଶ୍ୱ ଫୁସଫୁସ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିଲା। ଏହା ଏକ ସଙ୍କଟାପନ୍ନ ପରିସ୍ଥିତି ସୃଷ୍ଟି କରିବା ଫଳରେ ତୁରନ୍ତ ଚିକିତ୍ସାର ଆବଶ୍ୟକତା ଥିଲା। ସମ୍ ଅଲ୍ଟିମେଟ୍ ମେଡିକେୟାରର କର୍ଣ୍ଣ, ନାସା ଓ ଗଳା (ଇଏନ୍‌ଟି) ଏବଂ ସ୍କଲ୍ ବେସ୍ ସର୍ଜରୀ ବିଭାଗର ସିନିୟର କନ୍‌ସଲଟାଣ୍ଟ ଡାକ୍ତର ରାଧାମାଧବ ସାହୁ ଏମର୍ଜେନ୍ସି ରିଜିଡ୍ ବ୍ରୋଙ୍କୋସ୍କୋପି ପ୍ରକ୍ରିୟା ମାଧ୍ୟମରେ ଆତ ମଞ୍ଜିଟିକୁ ଶିଶୁର ଶରୀରରୁ କାଢ଼ିବା ନିମନ୍ତେ ପଦକ୍ଷେପ ନେଇଥିଲେ। ମଞ୍ଜିଟି ଦୃଢ଼ ଭାବେ ଅଟକି ରହିଥିବାରୁ ପ୍ରାରମ୍ଭିକ କେତେକ ପ୍ରୟାସ ବିଫଳ ହୋଇଥିଲେ ମଧ୍ୟ ଶେଷରେ ଡାକ୍ତର ସାହୁ ସ୍ୱତନ୍ତ୍ର ଅପ୍‌ଟିକାଲ୍ ଫୋର୍ସେପ୍ସ ବ୍ୟବହାର କରି ସଫଳତାର ସହ ମଞ୍ଜିଟିକୁ ବାହାର କରିଥିଲେ। ଏହା ଫଳରେ ଶ୍ୱାସନଳୀର ଅବରୋଧ ତୁରନ୍ତ ଦୂର ହୋଇ ଶିଶୁଟି ସାଧାରଣ ଭାବେ ନିଶ୍ୱାସ ନେବାକୁ ସକ୍ଷମ ହୋଇଥିଲା। ଏହି ସଫଳ ଚିକିତ୍ସାରେ ଆନାସ୍ଥେସିଆ ବିଭାଗର ଡାକ୍ତର ରଞ୍ଜିତ ପତି, ଶିଶୁରୋଗ ବିଭାଗର ଡାକ୍ତର ପ୍ରଦୀପ ଦେ ଓ ଡାକ୍ତର ହିମାଂଶୁଙ୍କ ସମେତ ଏକ ବହୁବିଭାଗୀୟ ଟିମ୍‌ର ସମନ୍ୱିତ ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା। ଅସ୍ତ୍ରୋପଚାର ପରେ ଶିଶୁଟି ସୁସ୍ଥ ହୋଇ ବର୍ତ୍ତମାନ ସ୍ଥିର ଅବସ୍ଥାରେ ରହିଛି। ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏହି ସଫଳତା ନିମନ୍ତେ ସମଗ୍ର ଡାକ୍ତରୀ ଟିମ୍‌କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ଏହି ଜଟିଳ ମାମଲାର ସଫଳ ପରିଚାଳନା ସମ୍ ଅଲ୍‌ଟିମେଟ୍ ମେଡିକେୟାରର ଉଚ୍ଚମାନର ଚିକିତ୍ସା ଦକ୍ଷତା, ଅତ୍ୟାଧୁନିକ ଭିତିଭୂମି ଓ ବହୁବିଭାଗୀୟ ସମନ୍ୱିତ ଚିକିତ୍ସା ବ୍ୟବସ୍ଥାର ପ୍ରତିଫଳନ। ଏଭଳି ଜଟିଳ ଜରୁରୀ ପରିସ୍ଥିତିରେ ୧୦ ମାସର ଶିଶୁର ଜୀବନ ବଞ୍ଚାଇବା ଏକ ଉଲ୍ଲେଖନୀୟ ସଫଳତା। ସମ୍ ଅଲ୍‌ଟିମେଟ୍ ମେଡିକେୟାରର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶ କହିଛନ୍ତି ଯେ ଏହି ସଫଳତା ଆମ ଡାକ୍ତରୀ ଦଳର ପ୍ରସ୍ତୁତି, ଦକ୍ଷତା ଓ ନିଖୁଣ ସମନ୍ୱୟର ପ୍ରମାଣ।

## ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଭୁବନେଶ୍ୱର,୨୫।୭/ଏନ୍ଏନ୍ଏସ୍:** ରୋଟାରୀ ଇ-କ୍ଲବ୍ ମହୋଦଧି, ଭୁବନେଶ୍ୱର ତରଫରୁ ଡୁମୁଡୁମାସ୍ଥିତ ଆଶ୍ରୟ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଓ ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନଙ୍କର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅଭିଜ୍ଞ ଡାକ୍ତର ଆର୍. କେ. ରାଉତ ପ୍ରାୟ ୫୦ ଜଣ ଶିଶୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକୀୟ ଔଷଧ ସୁପାରିଶ କରିଥିଲେ। ରୋଟାରୀ ଇ-କ୍ଲବର ଉପସଭାପତି ରୋଟାରିଆନ୍ ରାଜକୁମାର ସୂତାର ଓ ସମ୍ପାଦକ ରୋଟାରିଆନ୍ ସୁସ୍ମିତା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ପୂର୍ବତନ ସଭାପତି ରୋଟାରିଆନ ସର୍ବେଶ୍ୱର ସାହୁ, ରୋଟାରିଆନ୍ ରଜନୀକାନ୍ତ ପଟ୍ଟନାୟକ ଏବଂ ରୋଟାରିଆନ୍ ନିରଞ୍ଜନ ସାହୁ ଯୋଗଦେଇଥିଲେ। ଆଶ୍ରୟର ପ୍ରତିଷ୍ଠାତା ଡ. ବିନାୟକ ପଲାଇ, ପ୍ରତିମା ଦାସ ଏବଂ ବିଦ୍ୟାଳୟର ଗୁରୁମାମାନେ ଏହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ।




## ପ୍ରଦୀପ କୁମାର ରାୟଙ୍କ 'ଅନନ୍ୟା ଅତୁଳନୀୟା' ଲୋକାର୍ପିତ



**ଭୁବନେଶ୍ୱର,୨୫।୭/ଏନ୍ଏନ୍ଏସ୍:** ଟାଇମପାସ୍ ପ୍ରକାଶନ ପକ୍ଷରୁ ସ୍ଥାନୀୟ ବୁଦ୍ଧମନ୍ଦିର ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁସ୍ତକପର୍ବରେ ଲୋକାର୍ପିତ ହୋଇଯାଇଛି ବିଶିଷ୍ଟ ଲେଖକ ଓ ଅନୁବାଦକ ପ୍ରଦୀପ କୁମାର ରାୟଙ୍କ ଫିଚର ପୁସ୍ତକ 'ଅନନ୍ୟା ଅତୁଳନୀୟା'। ବିଶ୍ୱର ଅଶୀ ଜଣ ପ୍ରେରଣାଦାୟୀ ନାରୀଙ୍କ ସଂଘର୍ଷ ଓ ସଫଳତାର ଲୋମହର୍ଷଣକାରୀ କାହାଣୀକୁ ନେଇ ସଂକଳିତ ଏହି ପୁସ୍ତକ ଉନ୍ମୋଚନ କରି ବରିଷ୍ଠ ଲେଖିକା ପ୍ରଫେସର ସଂଘମିତ୍ରା ମିଶ୍ର କହିଥିଲେ ଯେ ଯୋଉ ଘରର ମୂଳଦୁଆ ଯେତେ ଟାଣ, ସେ ଘର ସେତେ ଅଧିକ ମହଲା ପର୍ଯ୍ୟନ୍ତ ଯାଇପାରେ। ନାରୀ ସବୁ ସଭ୍ୟତାର ମୂଳଦୁଆ ପରି। ଗାଳ୍ପିକା ତଥା 'କାଦମ୍ବିନୀ'ର ସମ୍ପାଦିକା ଡ. ଇତି ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକଟିର ଭୂୟସୀ ପ୍ରଶଂସା କରି କହିଥିଲେ ଯେ ସମାଜରେ ସଂସ୍କାର ଆଣିଥିବା ନାରୀମାନଙ୍କୁ ଇତିହାସ ସବୁବେଳେ ଅଣଦେଖା କରିଥାଏ। କିନ୍ତୁ ପୁରାଣ ଓ ସାହିତ୍ୟ ସାହସିନୀ ନାରୀଙ୍କର ଗାଥା ବର୍ଣ୍ଣନା କରିଆସିଛି। ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବି ତଥା ସମ୍ବାଦ ସାହିତ୍ୟଘରର ରାଜ୍ୟ ସଂଯୋଜିକା ଡ. ଶୁଭଶ୍ରୀ ଲେଙ୍କା କହିଥିଲେ ଯେ ନିଜ ସମୟର ଚିନ୍ତାଧାରାଠାରୁ ଅଧିକ ଭାବିଥାଏ ଜଣେ ନାରୀ। ନାରୀ ମାନେ ଅଧା ପୃଥିବୀର ଅଧିଶ୍ୱରୀ। ଲେଖକ ଶ୍ରୀ ରାୟ ପୁସ୍ତକ ପଛର ପ୍ରେରଣା ଓ ଉପଲବ୍ଧି ବଖାଣିଥିବା ବେଳେ ଲେଖକ ତଥା 'ଟାଇମପାସ୍'ର ନିର୍ଦ୍ଦେଶକ ସରୋଜ ବଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପରିଚାଳନାରେ ସହଯୋଗ କରିଥିଲେ ବିଭୂତି ଖୁଣ୍ଟିଆ, ତିଳୋତ୍ତମା ଦାସ, ସୋନମ ଦାସ, ସୁବ୍ରତ ମହାନ୍ତି, ସମ୍ବିତ ଲେଙ୍କା ଓ ସମାସ ବଳ।

## ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ

# 'ଭାଷା ଗୋଟିଏ ଜାତିର ମେରୁଦଣ୍ଡ'



**ଭୁବନେଶ୍ୱର,୨୫।୭/ଏନ୍ଏନ୍ଏସ୍:** ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶା ସାହିତ୍ୟ ଏକାଡେମୀର ୬୯ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, 'ସମ୍ବାଦ' ଖବରକାଗଜର ସମ୍ପାଦିକା ତନୟା ପଟ୍ଟନାୟକ, ବିଶିଷ୍ଟ ଶିଶୁ ସାହିତ୍ୟିକ ପ୍ରଫେସର ଦାଶ ବେନହୁର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ କହିଥିଲେ ଯେ ଭାଷା ହେଉଛି ଗୋଟିଏ ଜାତିର ମେରୁଦଣ୍ଡ ଏବଂ ଆମ ପରିଚୟ। ୧୯୩୬ ମସିହାରେ ଭାଷା ଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ଏକାଡେମୀର କାର୍ଯ୍ୟ ପ୍ରଶଂସନୀୟ ବୋଲି ସେ ମତପ୍ରକାଶ କରିଥିଲେ। 'ସମ୍ବାଦ'ର ସମ୍ପାଦିକା ତନୟା ପଟ୍ଟନାୟକ ଓଡ଼ିଶାର ଜଗନ୍ନାଥ ସଂସ୍କୃତି, ଓଡ଼ିଶୀ ନୃତ୍ୟ ଓ ଭାଷା ପାଇଁ ଗର୍ବ ପ୍ରକାଶ କରିବା ସହ ଯୁବପିଢ଼ିଙ୍କ ଦ୍ୱାରା ସାହିତ୍ୟର ବହୁଳ ପ୍ରସାର ନେଇ ଆଶାବ୍ୟକ୍ତ କରିଥିଲେ। ପ୍ରଫେସର ଦାଶ ବେନହୁର ସାହିତ୍ୟକୁ ସମାଜର ପ୍ରତିବିମ୍ବ ବୋଲି ଅଭିହିତ କରିଥିଲେ। ଏହି ଅବସରରେ 'ବ୍ରଜନାଥ ଗ୍ରନ୍ଥାବଳୀ', 'ଅର୍ଜୁନ ଦାସ ରଚନାବଳୀ', 'ଅଷ୍ଟାବକ୍ର ଗୀତା', 'କୋଣାର୍କ ପଞ୍ଚସଖା ବିଶେଷାଙ୍କ', 'ବାଗ୍ମୀ ଗୌରୀକୁମାର ବ୍ରହ୍ମା' ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହିତ ଅତିବଡ଼ି ଜଗନ୍ନାଥ ଦାସ, ସାରଳା ଦାସ, ସନ୍ଥକବି ଭୀମଭୋଇ, କବିସୂର୍ଯ୍ୟ ବଳଦେବ ରଥ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ବ୍ୟାସକବି ଫକୀର ମୋହନ ସେନାପତି ଓ ମା' ରମାଦେବୀଙ୍କ ଜୀବନୀକୁ ନେଇ ନିର୍ମିତ ପ୍ରମାଣିକ ଚଳଚ୍ଚିତ୍ର (ଡକ୍ୟୁମେଣ୍ଟାରୀ) ଉନ୍ମୋଚିତ ହୋଇଥିଲା। ରାଜ୍ୟ ସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୭ ହଜାର, ୬ ହଜାର ଓ ୫ ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ଓଡ଼ିଆରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୧୦ ହଜାର ଓ ୧୫ ହଜାର ଟଙ୍କାର ଆର୍ଥିକ ପୁରସ୍କାର ଦିଆଯାଇଥିଲା।

# ଉପେକ୍ଷା



ଡ. ଚନ୍ଦ୍ରକଳା ନାୟକ

ଆରତୀ ଦେବୀ ସର୍ବଦା କର୍ମତତ୍ପର। ଘରକରଣାରେ ଧୁରନ୍ଧର। ରୋଷେଇ ଠାରୁ ଆରମ୍ଭ କରି ଘର ସଜାଇବା, ଠାକୁର ପୂଜା, ସବୁକିଛି ତାଙ୍କ ବାଁ ହାତ ଖେଳ। କେବଳ ସେ ଜଣେ ଭଲ ଘରଣୀ ନୁହନ୍ତି, ଜଣେ ସଫଳ ମା' ବି। ଏକମାତ୍ର ପୁଅ ଇଶ୍ୱରର ପ୍ରେରଣାଦାୟୀ ଜନନୀ। ବାଲ୍ୟ ସମୟରୁ ପୁଅ ପ୍ରତି କୌଣସି କର୍ତ୍ତବ୍ୟରେ ଅବହେଳା କରି ନାହାନ୍ତି। ବନ୍ଧୁବାନ୍ଧବ, ସାହିପଡିଶା, ସ୍ୱାମୀଙ୍କ ଅଫିସର କର୍ମଚାରୀ ସମସ୍ତଙ୍କର ସେ ଆଦରଣୀୟା। ଇଶ୍ୱର ପିଲା ଦିନରୁ ତା ମା'ଙ୍କର କର୍ତ୍ତବ୍ୟ ପରାୟଣତା ନେଇ ଯଥେଷ୍ଟ ଅବଗତ ଥାଏ। ସେଥିପାଇଁ ସେ ଆଜି ଗୋଟିଏ ପ୍ରତିଷ୍ଠିତ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର।

ବାଲ୍ୟ ସମୟରୁ ଆରତୀ ଦେବୀଙ୍କୁ ଅନୁକରଣ କରି ଆଜି ଯୁବକ ଅବସ୍ଥାରେ ଜଣେ ସଫଳ ବ୍ୟକ୍ତି ହୋଇ ପାରିଛି। ଇଶ୍ୱର ନାମର ଯଥାର୍ଥକୁ ସେ ପ୍ରତିପାଦିତ କରିଛି। ଜନ୍ମରୁ ସେ ଭଗବାନଙ୍କୁ ପ୍ରବଳ ବିଶ୍ୱାସ କରେ। ଆଶ୍ଚର୍ଯ୍ୟର ବିଷୟ ଆରତୀ ଦେବୀଙ୍କ ସ୍ୱାମୀ ଅଜିତ ପଟ୍ଟନାୟକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ଅଜିତବାବୁଙ୍କର ଏକ ଭିନ୍ନ ଦୁନିଆ। ଅଫିସର କର୍ମଚାରୀମାନଙ୍କ ସହିତ ତାଙ୍କର ଅନେକ ସମୟ କଟିଯାଏ। ଅବସର ନେବା ପରେ ଅଫିସର କ୍ଲବର ମେମ୍ବର ହୋଇ ପ୍ରାୟ ସମୟ ସେହି ବନ୍ଧୁ ମାନଙ୍କ ଗ୍ରହଣରେ କଟାଇଥାନ୍ତି। ଏକ ଚିରାଚରିତ ରୁଟିନ ଜୀବନ। ଇଶ୍ୱର, ବାପାଙ୍କର ଏହି ଦୃଷ୍ଟିଭଙ୍ଗୀକୁ ପିଲାଟି ଦିନରୁ ଦେଖି ଆସିଛି। କେବଳ ଅର୍ଥ ଓ ସାଙ୍ଗସାଥୀକୁ ବାଦଦେଲେ, ଅଜିତବାବୁ ପରିବାର ପ୍ରତି କୌଣସି ପ୍ରକାର କର୍ତ୍ତବ୍ୟକୁ ସେ ତୁଲାଇ ନାହାନ୍ତି।

ଇଶ୍ୱର ପ୍ରତିଷ୍ଠିତ ବ୍ୟକ୍ତି ଭାବେ ସମାଜସେବାରେ ଦୀର୍ଘ ୪ ବର୍ଷ ହେବ ନିଜକୁ ନିୟୋଜିତ କରିଛି। ଯେଉଁ ସଭାକୁ ଇଶ୍ୱର ଯାଏ, ତା' ସଫଳତା ପଛରେ ମା'ଙ୍କ ପ୍ରେରଣା ରହିଛି, ଏ କଥା କହିବାକୁ ସେ କେବେ ବି ଭୁଲେନାହିଁ। ଅନେକ ଥର ତା' ଭାଷଣରେ ଜୀବନର ସମସ୍ତ ଶ୍ରେୟ ସେ ତା'ର ମା'ଙ୍କୁ ହିଁ ଦେଇଥାଏ। ଇଶ୍ୱରଙ୍କ ମା'ଙ୍କ ପ୍ରତି ଏତେ ଆନୁଗତ୍ୟ, ଅଜିତ ବାବୁଙ୍କୁ ଆଦୌ ଭଲ ଲାଗେନାହିଁ। ସର୍ବଦା ତାଙ୍କ ମନଟା ଊଣା ହୋଇଯାଏ। ମନେ ମନେ ଚିନ୍ତା କରନ୍ତି, ମୁଁ କଣ ପୁଅ ପାଇଁ କିଛି କରିନାହିଁ। ଦିନେ ତ କୋଉଠି ପୁଅ ଧାଡିଟିଏ ମୋ ବିଷୟରେ କହିଲା ନାହିଁ। ମନରେ ଗଭୀର କ୍ଷୋଭ ନେଇ ଘର ଭିତରେ ଚୁପ ରୁହନ୍ତି।

ଦିନକର କଥା। ଏକ ଟିଭି ଚ୍ୟାନେଲରେ ପୁଅ ଇଶ୍ୱରଙ୍କ ଏକ ସାକ୍ଷାତକାର ନିଆଗଲା। ଅଜିତବାବୁ ଓ ଆରତୀ ଦେବୀ ଏହି ସାକ୍ଷାତକାରକୁ ଘରେ ବସି ଦେଖୁଥିଲେ। ପୂର୍ବବତ ଇଶ୍ୱର ନିଜର ସମସ୍ତ ସଫଳତାର ଶ୍ରେୟ ଆରତୀ ଦେବୀଙ୍କ ପାଦତଳେ ସମର୍ପି ଦେଇଥିଲା। ଅଜିତବାବୁ ଭାବପ୍ରବଣ ହୋଇ ଟିଭି ସୁଇଚ୍ ବନ୍ଦ କରିଦେଲେ। ମୁହଁ କଳାକାଠ ପଡିଗଲା। ହୃଦୟ ଭିତରଟା ଯେମିତି ଓଟାରି ହୋଇଗଲା। ଘୁମ ମାରି ବସି ପଡିଲେ। ଘରକୁ ଇଶ୍ୱର ଯେତେବେଳେ ଫେରିଲେ, ଦେଖିଲେ ବାପା ମନ ଦୁଃଖରେ ବସିଛନ୍ତି। କିଛି ବୁଝି ପାରିଲେ ନାହିଁ। ପୁଅର ଏତେବଡ ଟିଭି ଚ୍ୟାନେଲରେ ସାକ୍ଷାତକାର। କିନ୍ତୁ ବାପା କାହିଁକି ଖୁସି ନାହାନ୍ତି? ଇଶ୍ୱର ମନେ ମନେ ସବୁକଥା ବୁଝିଗଲା। ବାପାଙ୍କର ଦୁଃଖକୁ ଲାଘବ କରିବା ପାଇଁ ବାପାଙ୍କ ପାଖରେ ଗେଞ୍ଜି ହୋଇ ବସିଲା। ବାପାଙ୍କ ମନ ଭୁଲାଇବା ପାଇଁ ଯାଉ ସାଉ ଅନେକ କଥା ଗପି ଚାଲିଲା। କିନ୍ତୁ ସେଥିରେ ବାପାଙ୍କ ଭାବର ପରିବର୍ତ୍ତନ ହେଲା ନାହିଁ। ଏଥର ଇଶ୍ୱର ବାପାଙ୍କୁ ମୁହଁ ଖୋଲି ସତକଥା କହିବା ଆରମ୍ଭ କଲା। ବାପା, ସତକଥା କହିଲ, ମା' ମୋ ପାଇଁ ଯେତିକି ପରିଶ୍ରମ ଓ ତ୍ୟାଗ କରିଛି, ତା ପାଇଁ ଏ ଶବ୍ଦପୁଞ୍ଜି କଣ ଯଥେଷ୍ଟ ? ଆପଣ ଅର୍ଥ ରୋଜଗାର କରିଛନ୍ତି ସତ, ହେଲେ ମୋ ମା' ସାରା ପରିବାରର ଭାର ବହନ କରିଛି। ମୁଁ ଦେଖିଛି ଦିନରାତି ଏକକରି ସେ ଆମ ଦିଜଣଙ୍କ କେତେ ଯତ୍ନ ନିଏ, ସେବା କରେ। ବାପା ତୁମେ କଣ ଦୁଇ ବର୍ଷ ତଳର ଘଟଣାକୁ ଭୁଲି ଯାଇଛ? ଅଫିସରୁ ଫେରିବା ସମୟରେ ଦୁର୍ଘଟଣାରେ ଗୋଡ ଭାଙ୍ଗି ଯାଇଥିବା ଘଟଣା। ଦିନରାତି ତୁମ ପାଖେ ପାଖେ ସେ ସେବା କରିଛି। ସାରାରାତି ତୁମ ଯନ୍ତ୍ରଣା ଲାଘବ ପାଇଁ ଅନିଦ୍ରା ରହିଛି। ଘରର ସମସ୍ତ କାର୍ଯ୍ୟ ହସି ହସି କରିଛି। ଦିନେ ତ ପ୍ରତିବାଦ କରିନି। ଦିନେ ତ ପ୍ରଶଂସା ଖୋଜିନି।

ଆଚ୍ଛା ବାପା, ମୋତେ ସତ କଥା କହିଲ, ମା'ର ଏହି ମହାନତା ପାଇଁ ତାକୁ ତୁମେ କେବେ ପ୍ରଶଂସା କରିଛ ? ପ୍ରଶଂସା ଛାଡ ବାପା, କେବେ ତା' ମନର ଭାବକୁ ପଢିବାକୁ ଚେଷ୍ଟା କରିଛ ? କିନ୍ତୁ ମୁଁ ଦେଖିଛି ବାପା, ତୁମ ମୁହଁରୁ ପ୍ରଶଂସା ଶୁଣିବାକୁ ସେ ବ୍ୟାକୁଳ ଥାଏ। ମୋ ଛାତିରେ ହାତ ରଖି କୁହନ୍ତୁ ବାପା, ସେ କଣ ପ୍ରଶଂସା ପାଇବାକୁ ଯୋଗ୍ୟ ନୁହେଁ କି ? ଗୋଟିଏ ନାରୀର ହାଡଭଙ୍ଗା ପରିଶ୍ରମକୁ ସାରା ସମାଜ ଆଗରେ ପ୍ରକାଶ କରିବା କଣ ମୋର ଭୁଲ ? ଆପଣ ଓ ମା' ଗୋଟିଏ ପବିତ୍ର ବନ୍ଧନରେ ୪୦ ବର୍ଷ ହେଲା ବାନ୍ଧି ହୋଇ ରହିଛନ୍ତି। ଅତୁଟ ଏ ବନ୍ଧନ। ତେବେ ନିଜ ସ୍ତ୍ରୀ ପ୍ରତି ଏପରି ଅବିଚାର ଓ ଅସହିଷ୍ଣୁତା କଣ ପାଇଁ ? ଜାଣିଛନ୍ତି ବାପା, ପ୍ରତ୍ୟେକ ସଭାରେ ଏହା କେବଳ ମୁଁ ମୋ ମା' ପାଇଁ କୁହେନାହିଁ। ଏହା ପ୍ରତ୍ୟେକ ପରିବାରର ଘରଣୀଟିଏ ପାଇଁ କୁହେ। ଦୁଇପଦ ମିଠା କଥାରେ ସେମାନଙ୍କ ଜୀବନ ସାଧନାର ମୂଲ୍ୟ ମିଳେ। ସେମାନଙ୍କ ଅକ୍ଳାନ୍ତ ପରିଶ୍ରମର ନ୍ୟାର୍ଯ୍ୟ ମିଳିବା ଅପରିହାର୍ଯ୍ୟ। ସେମାନେ ତ କେବେ ଦରମା ଚାହାନ୍ତିନି ? କେବଳ ଚାହାନ୍ତି ପରିବାରରୁ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ଓ ଆପଣା ପଣିଆ। ଇଶ୍ୱରଙ୍କ ମୁହଁରୁ ମାତୃଜାତି ପ୍ରତି ଏଭଳି ଗଭୀର ଭାବାବେଗକୁ ଦେଖି ଅଜିତ ବାବୁ ହତବାକ ହୋଇ ଯାଇଥିଲେ।



ବାପା, ଅନେକ ସମୟରେ ଏକପାଖିଆ ବିଚାର ମଣିଷକୁ ସ୍ୱେଚ୍ଛାଚାରୀ କରେ। ଅନେକ ପରିବାରରେ ପରୁଷ ପ୍ରାଧାନ୍ୟ ପରମ୍ପରାରେ ଏହି ସ୍ୱେଚ୍ଛାଚାରିତା ନାରୀର ଜୀବନକୁ ଦୁର୍ବିସହ କରିଦିଏ। ଅନେକ ନାରୀଙ୍କ ପାଇଁ ଏହି ଅକୁହା ଯନ୍ତ୍ରଣା ତା' ଜୀବନର ସବୁ ସପନକୁ ଜାଳି ପୋଡି ଛାରଖାର କରିଦିଏ। ହେଲେ ସେ ବାପା, ଶ୍ୱଶୁର, ସ୍ୱାମୀ, ଦିଅର କିମ୍ବା ପୁଅ ହେଉ ପଛେ, ସେ ଅନୁଭବୀ କିମ୍ବା ବିବେକୀ ହୋଇଥିଲେ , ନାରୀର ଭୂମିକାକୁ ସ୍ୱୀକାର କରି ମର୍ଯ୍ୟାଦା ପ୍ରଦାନ କରିଥାଏ। ଏଥିପାଇଁ ପୁରୁଷ ରୂପକ ମଣିଷ ଭିତରେ ମଣିଷ ପଣିଆ ଅତ୍ୟାବଶ୍ୟକ ହୋଇଥାଏ। ଏହି ସ୍ୱୀକୃତି ଏବଂ ମର୍ଯ୍ୟାଦା ତା' ଜୀବନବ୍ୟାପୀ ସାଧନାର ଶ୍ରେଷ୍ଠ ପୁରସ୍କାର ହୋଇଥାଏ। ଏହାପରେ ବାପାଙ୍କ ମନରେ ଜମାଟ ବାନ୍ଧିଥିବା ଅସନ୍ତୋଷ ଗୁଡାକ ଏକବାର ଥମି ଯାଇଥିଲା। ନିଜ ଘରଣୀ ତଥା ଗୃହଲକ୍ଷ୍ମୀ ପ୍ରତି କରିଥିବା ଅବିଚାରରୁ କିପରି ନିସ୍ତାର ପାଇବେ, ସେଇ ଚିନ୍ତାରେ ଘୁମ ମାରି ବସିଥିଲେ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ,**
**ଛତିଆ, ଯାଜପୁର,**
**ମୋ-୯୪୩୭୯୫୭୬୧୭**

# ନୀଳ ଆକାଶର...



ରତ୍ନପ୍ରଭା ବାଇ

ନୀଳ ଆକାଶର ଉଛୁଳା ପ୍ରେମର ବରଷା ଝରୁଛି ବୋଲି
ଋତୁମତୀ ଧରା ବିଭୋରେ ଦେଇଛି ଦେହର ଦରଜା ଖୋଲି ।
ଇନ୍ଦ୍ରଧନୁର ଇଙ୍ଗିତେ ଆକାଶ ଅନୁରାଗେ ଆନମନା
ସଜଳ ସଂଭୋଗେ ଭିଜାଇ ଧରାକୁ କରିଛି ସବୁଜ ବର୍ଣ୍ଣା ।

ବହଳ ଅନ୍ଧାରେ ଭସା ବଉଦରେ ଲଗାଇ ବିଜୁଳି ବତୀ
ମିଳନ ରଙ୍ଗରେ ଲେଖୁଚି ଅଙ୍ଗରେ ମହ୍ଲାର ମଧୁ ଗୀତି ।
ଚଗଲା ପବନ ମତୁଆଲା ମନ ଶୃଙ୍ଖଳାର ସୀମା ଡେଇଁ
ରୂପସୀ ଧରାର ଶାଗୁଆ ଶାଢ଼ୀକୁ ଦେହରୁ ଦିଏ ଖସେଇ ।

ଫୁଲେଇ ନଈର ଯଉବନ ଜଳେ ବୟସ ଅତଡା ଖସେ
କି, ଭାବନା ନେଇ କୁଆଁରୀ କଦମ୍ବ କୂଳେ କିରିକିରି ହସେ ।
ଗୁରୁ ଗୁରୁ ରଙ୍ଗ ହଳଦୀ ଦେହର ଭୁରୁ ଭୁରୁ ବାସ ବୁଣି
ଭଅଁର ମନକୁ ଭିଡ଼ି ସେ ସେନେହେ ପାଖକୁ ଆଣୁଛି ଟାଣି ।

ବରଷା ରାତିରେ ବିରହି ଛାତିରେ ଜଳୁଛି ନିଃସଙ୍ଗ ନିଆଁ
ବିନା ଦୋଷେ ଋତୁ ବଇରୀ ସାଜିଛି ସତରେ କେଜାଣି କିଆଁ ।

**ତାଳଚେର ଟାଉନ୍, ଅନୁଗୋଳ**
**ମୋ -୯୩୩୭୯୭୨୭୪୯**

# ମୁଁ ଈଶ୍ୱରୀ ହେବାକୁ ଚାହେଁ



ବିଜୟଲକ୍ଷ୍ମୀ ପାଣିଗ୍ରାହୀ

ତୁମେ କଣ ଦେଖିଛ
ତମାମ ଆକାଶ
ନା' ଆକାଶ ସେପାଖର ଦୃଶ୍ୟ
କଳ୍ପନାରେ ଏମିତି ବିଭୋର କାହିଁକି ?
ମାଟି ମହକଠୁଁ
ଆକାଶର ମୋହ ବା କେତେ ?
ମହା ଅସ୍ମିତାର ମଧୁର ପାଞ୍ଚଜନ୍ୟ ଯେ
ଏଇଠୁଁ ହିଁ ବାଜେ।

ଏଇଠି ଝାଞ୍ଜିରେ ଶିଝିଥିବା ପତ୍ର
ଝଞ୍ଜାରେ ଝଡେ
ଆକାଶରୁ ଓହ୍ଲାଇ ଆସେ ଆଶ୍ୱାସନା
ମାଟି ପେଟଭରି ପାଣି ପିଏ
ପୁନଶ୍ଚ ପଲ୍ଲବୀ ଉଠେ ପାଦପ।

ଛାତି ତ ସାହସର ଅଭେଦ୍ୟ କବଚ
ଅର୍ବୁଦ ଯନ୍ତ୍ରଣାର ଦଂଶନ ପରେ
ହୃଦୟ ତୂଣୀରରୁ ପ୍ରୀତିର ତୀର ଛୁଟିଲେ
ମଥାରେ ଉଦଭାସିତ ହୁଏ
ବିଶ୍ୱାସର ସୂର୍ଯ୍ୟ।
ମହନୀୟ କର୍ମର ସ୍ତବକ ରଚି
ମୁଁ ଈଶ୍ୱରୀ ହେବାକୁ ଚାହେଁ
ଏ ମାଟିର।
କଣ ବା ଅଛି ସେ ଇନ୍ଦ୍ରଧନୁରେ ?
ସୁଖା ଓଠରେ
ଧାରେ ହସ ଆଙ୍କି ପାରିଲେ ଯେ
ଆଖିରେ କଏଦ ହେବ
ଏ ଅନ୍ତହୀନ ବିଶ୍ୱ।

**ଜୟପୁର, କୋରାପୁଟ**
**ମୋ-୮୨୪୯୪୫୦୦୫୦**

# ଅଗଣା



ହରପ୍ରିୟା ସାହୁ

ଏଠି ଆ' କହିଲେ ଆଉଜି ପଡ଼େ ଆକାଶ
ଯା' କହିଲେ ଦୂରେଇ ଯାଏ ଯନ୍ତ୍ରଣା,
କୋଉଠି ଗୋଟେ ଠିଆ ହେଇ ପାଦ ବଢ଼େଇଲେ,
ଏପଟେ ପାହାଡ଼ ଆଉ ସେପଟେ ସମୁଦ୍ର କରେ
ଆନମନା ।

ଏଠି ଆଖି ଖୋଲିଲେ ଦିଶେ ଚନ୍ଦ୍ରିକା
ବାଟ ଭୁଲିଲେ ଶୁଭେ ଓଁକାର,
କୋଉଠି କେବେ ଝୁଣ୍ଟି ପଡ଼ିଲେ ଚଲାବାଟରେ
ରକ୍ତ ବଦଳେ ଝରେ ଝୁରାଫୁଲ...
ପ୍ରେମର, ଆଶ୍ୱାସନାର ।

ଏଠି ସ୍ୱପ୍ନ ପରି ଦିଶେ ସକାଳ
ବଂଶୀ ପରି ଶୁଭେ ଉହଡ଼ହିଆ ତତଲା ଖରାବେଳ,
ଘଟ ଛୁଟିବାର ନିଶ୍ଚୁପ ବେଳାରେ
ଦିଶିଯାଏ ଶାଶ୍ୱତର ଅଲିଖିତ-ଅମିଟା ସ୍ୱାକ୍ଷର ।

ଏଠି ଜୀବନଟା କିଛି ବାସ୍ନା
ଟିପେ ଚନ୍ଦନ ଆଉ ଟୋପେ ଅଳିତାରେ ଅଙ୍କା ପଟ୍ଟଚିତ୍ର,
କୋଉଠି ଟିକେ ଫିକା ପଡ଼ିଲେ ହସ କି ଆୟୁଷ
ଆଶା କେବେ ଫୁଲ ହୋଇ ଫୁଟେ
ତ କେବେ ହୁଏ ଅଗି ଡାଳେ କଅଁଳିଆ ପତ୍ର ।

ଏଇ ଯୋଉ 'ଏଠି' 'ଏଠି' ବୋଲି କହିଲିଣି
କେଇଥର...
ତୁମେ ଜାଣ ତା' ଠିକଣା ?
ସିଏ ହେଲା ସକାଳର ସିନ୍ଦୁରିତ ସ୍ୱପ୍ନ
ମୋ ଘରର କାନ୍ଥହୀନ ଉନ୍ମୁକ୍ତ ଅଗଣା...

**ଶିକ୍ଷୟିତ୍ରୀ**
**କେ. ସି. ପବ୍ଲିକ୍ ସ୍କୁଲ, ବ୍ରହ୍ମପୁର**

# ତିନିଟି ପ୍ରଶ୍ନ



କିଶୋର ପାଣିଗ୍ରାହୀ

ଯଦି ସବୁ ଦିନକୁ ମିଶେଇ
ରାତି କରିଦେବି
ରାତିକୁ ମିଶେଇ ଦିନ,
ତେବେ କିଏ ମୋର ?
ନିରାମୟ ସ୍ୱପ୍ନ
ନା' ଓଳିଆ ଭିତରେ
ସକାଳକୁ ଅପେକ୍ଷା କରିଥିବା
କାଳିକା କ୍ଷେତର ବିହନ ?

ଠିଆଠାଣିରେ ଶୋଷ;
ମୁହାଁମୁହିଁ ମାଠିଏ ତର୍ପଣ।
ଖପରା ହବାର ଦକସ
ନା ଅତୃପ୍ତିର ଅବସୋସ ?
ମଝିରେ ମୁଁ ପ୍ରଶ୍ନଚିହ୍ନ।

ଆଖିରୁ ଆଖିକୁ ବଦଳିଯାଏ ସତ
ମନରୁ ମନକୁ ମିଛ।
ମିଛ ସତ ମିଝିରେ ଧନ୍ଦିହେଉଥିବା ଭ୍ରମ
ମଝିନଈର ସୁଅ
ଏକୂଳର
ନା' ସେକୂଳର ?

**ବିରୁହାଁ, ଜାହାଙ୍ଗୀର,ଭଦ୍ରକ**
**ଫୋନ୍: ୭୦୦୮୧୧୭୯୬୪**

# ପଦ୍ମବେଶ



ମାନମୟୀ ରଥ

ନନାଙ୍କ ବର୍ଷିକିଆ ଶ୍ରାଦ୍ଧ ଦିନ ବୋଉର ମନ୍ଦିର ପ୍ରବେଶ ଦାୟିତ୍ୱ ଆମ ଭାଇଭଉଣୀଙ୍କ ଭିତରୁ ମୁଁ ନେଲି । ପୁରୀ ପାଖରେ ମୋର ଶାଶୁଘର ଗାଁ । ମାମୁଁଘରୁ ତୋରାଣିପିଆ ବିଧିଟି ବୋଉର ସାରି ମୁଁ ତାକୁ ନେଇ ସିଧା ପୁରୀ ଆସିଲି । ଗୋଧୂଳି ରଙ୍ଗରେ ବଡ଼ଦାଣ୍ଡ ସେତେବେଳକୁ ବର୍ଣ୍ଣମୟ। ଲୋକମୟ ଦିଶୁଥିଲା ରାସ୍ତାଘାଟ। ନହନହକା ସ୍ୱାସ୍ଥ୍ୟକୁ ବଡ଼ କଷ୍ଟରେ ସମ୍ଭାଳିଥିବା ବୋଉ ମୁହଁରେ ଆଶଙ୍କା ମାଖି ହୋଇଗଲା ଭିଡକୁ ଦେଖି । 'ଆଜି ଯିବାନି ଲୋ ଝିଅ। ଫାଙ୍କା ନଥିବ ମନ୍ଦିର।' ଅକାଳେ ସକାଳେ ପାଟି ଖୋଲୁଥିବା ବୋଉର ମୁହଁକୁ ଚାହିଁ କହିଲି, 'ମାର୍କେଟ ଛକ ଡେଇଁଗଲେଣି ପରା। ଶ୍ରୀକୃଷ୍ଣ ସିନେମା ଗଳି ଦେଇ ତତେ ଉତ୍ତର ଦ୍ୱାର ପଟେ ମନ୍ଦିର ଭିତରକୁ ନେଇଯିବି। ଭିଡ଼ ପତଳା ଥିବ ସେପଟେ। ମନ୍ଦିର ଭିତରେ ଭିଡ଼ ଥିଲେ ପତିତପାବନ ଦର୍ଶନ କରିଦେଇ ଆମେ ପଛେ ପଳେଇ ଆସିବା। 'ଝୁଙ୍କ୍ ମୋ' ଭିତରେ ଥିଲା। ବୋଉ ବୁଝିଗଲା ବୋଧେ ତେଣୁ ମାନିନେଲା ନିରବରେ।

ଝୁଣ୍ଟି ପଡିଲା ଭଳି ଚାଲୁଥିବା ବୋଉ ଭିତରେ ଆଗ୍ରହ ଭରିବା ଲାଗି ମୁଁ ମୋ' କଲେଜ ବେଳର ପୁରୀର ପ୍ରସଙ୍ଗ ଆଣିଲି। ଭାରି ସହଜ ଥିଲା ସିଂହଦ୍ୱାର ଦେଇ ବାଇଶି ପାହାଚ ଚଢି ଜଗନ୍ନାଥଙ୍କ ବେଢ଼ାରେ ପ୍ରବେଶ। ହଷ୍ଟେଲରୁ ଖାଲିପାଦରେ ସାଢ଼େ ତିନି କିଲୋମିଟର ଚାଲି ଚାଲି ପ୍ରତିଦିନ ତାଙ୍କୁ ଭେଟିବା ଓ ତାଙ୍କ ଦେହଲାଗି ହୋଇଥିବା ପଦ୍ମ ଫୁଲ ଆଞ୍ଜୁଳାରେ ଧରି ଚାଲି ଚାଲି ଫେରିବାରେ କି ଯେ ଆନନ୍ଦ ! 'ନନାଙ୍କୁ ତୋର ଜଗନ୍ନାଥ ଦର୍ଶନ ସହଜ ହେବ ବୋଲି ତତେ ପୁରୀରେ ପଢେଇଥିଲେ ପରା। 'ବୋଉ କାନ୍ଦିପକେଇଲା ନନାଙ୍କୁ ମନେ ପକାଇ। ନନା ଚାଲିଗଲା ପରେ ଏମିତି ଦିନଟିଏ କଟିନି ବୋଉର ଯେଉଁଦିନ ସେ ନନାଙ୍କୁ ଝୁରି ହୋଇ ଲୁହ ଝରେଇନି। ମୁଁ ବୋଉକୁ ବୁଝେଇବାକୁ ଭାଷା ପାଉନଥିଲି। ଉତ୍ତର ଦ୍ୱାର ଯାହାକୁ ମୋକ୍ଷ ଦ୍ୱାର କୁହନ୍ତି ସେଇଠି ପହଞ୍ଚି ଯାଇଥିଲୁ ଆମେ।

ମନ୍ଦିର ଉପରେ ବାନା ବାନ୍ଧିବାକୁ ଦ୍ରୁତ ଗତିରେ ନୀଳଚକ୍ର ଆଡକୁ ଗତି କରୁଥିବା ଦୁଇଟି ଛାଇ ମଣିଷଙ୍କୁ ଦେଖି କହିଲି , 'ଶୀଘ୍ର ଶୀଘ୍ର ଗୋଡ଼ ପକା। ଦେଉଳ ଉପରୁ ଚଢେଇ ଭଳି ଦିଶୁଥିବା ମଣିଷ ଜଣେ ପ୍ରକାଣ୍ଡ ଆକାରରେ ପବନରେ ଲହରାଉଥିବା ବାନା ମାନ ବାନ୍ଧିପାରେ ପୁଣି ତା କେଡେ ସହଜରେ ଏତେ ଉପରୁ ଦେଖିଲେ ଆଚମ୍ବିତ ଲାଗେ। ନୂଆ ବାନା ବନ୍ଧା ହୋଇ ପୁରୁଣା ବାନା ବଣ୍ଟା ହେବ। ତୁ ନେବୁ କି ଗୋଟେ ବୋଉ ? ଆମ ଛାତରେ ବାନ୍ଧିବୁ ! 'ଲୁହ ଲୁହ ଆଖିରେ ବୋଉ ମୁଣ୍ଡ ହଲେଇ ମନା କଲା।' ନନା ତ ନାହାନ୍ତି କାହା ପାଇଁ ନେବି ? ନାକପୁଡା କମ୍ପିଗଲା ତା'ର କୋହରେ। ଅହ୍ୟ ହେବାର ଅହଂକାରକୁ ଛଡେଇ ନେଇଛନ୍ତି କଳାଠାକୁର ବୋଲି ପ୍ରବଳ ଅଭିମାନ ତା' ଭିତରେ ଝଡ଼ ହୋଇ ବୋହୁଥିଲା। ବିଧି ଅଛି ତେଣୁ ସେ ବାଧ ହୋଇ ମନ୍ଦିର ଯାଉଛି ବୋଲି ବୁଝୁଥିଲି।

ନନା ଯେବେ ବି ମନ୍ଦିର ଆସନ୍ତି ସସ୍ତ୍ରୀକ ଆସନ୍ତି। ଦର୍ଶନ ସାରି ଆନନ୍ଦ ବଜାରରୁ ଅବଢା ଖାଇ ଫେରନ୍ତା ବସ୍‌ରେ ଗାଁକୁ ଫେରନ୍ତି। କେଉଁ ସମୁଦ୍ର, ମନୋହରୀ ଦୋକାନ, ସାଥିସମ୍ପର୍କୀୟ ନନାଙ୍କୁ ଅଟକେଇ ପାରେନି ଲୋଭ ଦେଖାଇ। ପୁରୀ ଅର୍ଥ ନନାଙ୍କ ପାଇଁ କେବଳ ଜଗନ୍ନାଥ। ଯେବେ ବି ଠିଆ ହୋଇଥାନ୍ତି ଚନ୍ଦନ ଅର୍ଗଳି ପାଖରେ ଅନର୍ଗଳ ଲୁହ ବୋହୁଥାଏ ତାଙ୍କ ଦୁଇ ଆଖିରୁ। କଣ ନା କଣ କହିଯାଉଥାନ୍ତି କାଳିଆ ଠାକୁରଙ୍କୁ ଲୁହ ଓ କୋହରେ ଏକାକାର ହୋଇ। ବାହାରକୁ ଆସି ଲୁହ ପୋଛି ମୁହଁରେ ସ୍ମିତଟେ ଖେଳେଇ କୁହନ୍ତି, 'କେଡେ କମନୀୟ ଦିଶୁଥିଲା ତାଙ୍କ ଦୁଇ ଆଖି ଓ ଓଠ !' ଏତେ ଲୁହରେ ନନାଙ୍କୁ ଠାକୁର ଦିଶନ୍ତି କେମିତି ! ମୋ ପିଲାମନ ଆଶ୍ଚର୍ଯ୍ୟ ହୁଏ। ବୋଉର ଲୁହ ସଂକ୍ରମିତ ହୋଇ ସେତେବେଳକୁ ମୋ' ଆଖିରେ ଢଳ ଢଳ।

ବୋଉ ମୋ' ହାତକୁ ଧରି କୁନି ପିଲା ଭଳି ଛୋଟ ଛୋଟ ପାହୁଣ୍ଡ ପକେଇ ଧାଡିରେ ପଶିଲା। ଭାଗ୍ୟକୁ ଧାଡ଼ି ଚାଲୁଥିଲା ତେଣୁ ସହଜରେ ମନ୍ଦିର ବେଢ଼ାକୁ ପଶିଗଲୁ ଆମେ। ସାତପାହାଚ ଭିତରେ ଟିକିଏ ଅଟକି ଭିଡ଼ରେ ମାଡରେ ବୋଉର ମୋର ଟେକି ହୋଇଗଲା ଭଳି ଗରୁଡ଼ ଖମ୍ବ ଯାଏଁ ଠେଲି ହୋଇଗଲୁ। ଧାଡ଼ି ଚାଲିଥାଏ। ବୋଉ ହାତ ମୁଠାକୁ ମୁଠେଇ ଧରିଥାଏ ମୁଁ ଜୋରରେ। ନିଃଶ୍ୱାସ ଚାପି ହୋଇଯାଉଥିବ କି ବୋଉର ! ମନ୍ଦିର ଭିତରର ମଳିଆ ଆଲୁଅରେ ସ୍ପଷ୍ଟ ଦିଶୁନଥିଲା ବୋଉର ମୁହଁ। ସନ୍ଧ୍ୟା ସମୟ। ଆଳତୀ ପାଇଁ ପ୍ରସ୍ତୁତି ଚାଲିଥିଲା ବୋଧେ। ଜୟ ଜଗନ୍ନାଥ, ଜୟ ଜଗନ୍ନାଥ ଧ୍ୱନିରେ ଫାଟି ପଡୁଥାଏ ଗର୍ଭଗୃହ। ଊର୍ଦ୍ଧ୍ୱ ବାହୁ ସଭିଏଁ - ବିହ୍ୱଳ, ବ୍ୟାକୁଳ। ବୋଉକୁ ଚାହିଁଲି। ତା'ର ମୁଣ୍ଡ ଆଗରେ ଓ ପଛରେ ଅସଂଖ୍ୟ ମୁଣ୍ଡ। ସମସ୍ତଙ୍କ ଉଚ୍ଚତା ବୋଉଠାରୁ ଅଧିକ। ଦିଶିବେ କଣ ତାକୁ ଠାକୁର ତିନିହେଁ ! ମୁଁ କାନ୍ଦ କାନ୍ଦ। ଯିଏ ପାରିବେନି ତୁମେ ପରା ନିଜେ ପହଞ୍ଚିଯାଅ ପ୍ରଭୁ।



ଅଭିମାନରେ ଅଛି ସେ, ଶୋକସନ୍ତାପରେ। ତାକୁ ଟିକେ ବୁଝେଇଦେବନି ? ମୁଁ ପ୍ରାର୍ଥନା ଭଳି ଗୁଣୁଗୁଣାଉଥାଏ।

କାହାକୁ ଠିଆ ହେବାକୁ ଦେଉନଥାନ୍ତି ମନ୍ଦିର ପୋଲିସ୍। ବେତ ମାଡ଼ ପଡୁଥାଏ ପିଠିରେ, ମୁଣ୍ଡରେ। ଡାହାଣ ପଟେ ବୋଉ ଲୋକଙ୍କ ସୁଅରେ। ବାଁ ପଟକୁ ମୁଁ। ହାତ ଖସିଯାଇଥାଏ ବୋଉର ମୋ ହାତମୁଠାରୁ। ବୋଉ ଠେଲି ହୋଇଯାଉଥାଏ। ବାଁ ପଟକୁ ବୁଲି ଚାହିଁଲେ ସିନା ଦିଶିବେ ଠାକୁର ! ବୋଉକୁ ଦେଖୁ ଦେଖୁ ମୁଁ ଚାହିଁଦେଲି ବାଁ ପଟକୁ। ଯେମିତି ଅଟକିଗଲା ସମୟ। ଝଲସି ଯାଉଛନ୍ତି ଚତୁର୍ଦ୍ଧା ମୂର୍ତ୍ତି ଅପୂର୍ବ ସାଜରେ। ତୋଫା ଆଲୁଅରେ ଯେମିତି ଚିକ୍ ଚିକ୍ କରୁଚି ସମସ୍ତଙ୍କ ମୁହଁ। ପଦ୍ମବେଶ। ମୁଁ ଶିହରି ଗଲି ଖୁସିରେ। ଠିଆ ହୋଇ ହାତ ଯୋଡିବାକୁ ତର କେଉଁ ଅଛି ! ବୋଉ ଲୋକଙ୍କ ସହ ଡଗ ଡଗ ହୋଇ ବାହାରି ଯାଉଥିଲା ବାହାରକୁ ଦୌଡ଼ିଲା ଭଳି ଯାଇ ପଛରୁ ରୋକିଲି ତାକୁ।


ବୋଉ ମୁହଁରେ ବିବଶତା ଓ ହତାଶା। 'ଦିଶିଲେନି ମୋତେ। ତୁ ଦର୍ଶନ କଲୁ ?' ସେ ପଚାରିଲା ମୋତେ। ସତ କହିବାକୁ ମନ ବଳିଲାନି। ଦୁଃଖୀ ହୋଇଯିବ ବୋଉଟି ମୋର ନିଜ ଭାଗ୍ୟକୁ ଏବେ ନିନ୍ଦି। 'ନାଁ ଲୋ। ଚାଲ, ଆଉ ଥରେ ଚେଷ୍ଟା କରିବା।'

ବୋଉ ଗହଳିରେ ପଶିବାକୁ ଚାହୁଁ ନଥିଲା। ମୁଁ କେଉଁ ମାନିବା ଜନ୍ତୁ ! ଲୋକ ଭିଡ଼ କାଟି ବୋଉକୁ ଟାଣିଟାଣି ଠିଆ କଲି ଦାନହୁଣ୍ଡି ପାଖରେ। ଫାଙ୍କା ଲାଗୁଥିବା ସେହି ସ୍ଥାନରୁ ଠାକୁର ମୋତେ ପ୍ରାୟ ଭଲରେ ଦିଶନ୍ତି। ହେଲେ ଲୋକଙ୍କ ଭିଡ଼ ଏତେ ଯେ ବୋଉର ଆଖିର ପହଞ୍ଚ ଠାକୁରଙ୍କ ପାଇଁ କାହିଁ ! ମୁଁ ଗୋଇଠିରେ ଠିଆ ହୋଇ ଦେଖିବାକୁ ଚାହିଁଲି ତ ଲୋକଙ୍କ ଭିଡର କନ୍ଦିରୁ ଅଳ୍ପ ଅଳ୍ପ ଦିଶୁଥିଲେ ହସ ହସ ଚକା ନୟନ। ପଦ୍ମବେଶର ଅପୂର୍ବ ସାଜରେ ପରିପୂର୍ଣ୍ଣ ତାଙ୍କ ମୁଖମଣ୍ଡଳ। 'ହେଇ ଦେଖ .. ହେଇ ଦେଖ' କହିଲା ପରେ ବି ବୋଉ ଖୋଜି ପାଉ ନଥିଲା ତାଙ୍କୁ ଲୋକଙ୍କ ମୁଣ୍ଡ ଓ ହାତଙ୍କ ଭିତରେ 'କାଇଁ , କେଉଁଠି' କହି। ପିଲାଙ୍କୁ ବାପାମାନେ ଯେମିତି ଟେକି ଦେଖାଉଛନ୍ତି ମୁଁ ହେଲେ ବୋଉକୁ ଟେକିପାରନ୍ତି ! ଛଳଛଳେଇ ଗଲା ମୋର ଆଖି। ପାଖରେ ଠିଆ ହୋଇଥିଲେ ଜଣେ ସୁଦୃଶ୍ୟ ଯୁବକ ଯିଏ ହାତରେ ମାଳି ଗଡେଇ ଗଡେଇ ସାଲବେଗ ଭଜନ ଗାଉଥିଲେ। ତାଙ୍କୁ କହିପକେଇଲି, 'ମୋ ବୋଉଙ୍କୁ ଟିକେ ଟେକି ଜଗନ୍ନାଥ ଦେଖେଇ ଦିଅନ୍ତେନି !' ସେ ଅଳ୍ପ ହସି ବୋଉକୁ ଛୋଟ ଛୁଆ ଭଳି ଟେକିଦେଲେ ଉପରକୁ। ଥରେ ନୁହେଁ ତିନି ତିନି ଥର। ପ୍ରତିଥର ବୋଉ ହାତ ଯୋଡୁଥାଏ ଏବଂ ମନ୍ତ୍ର କିଛି ପଢୁଥାଏ। ମୋତେ ଦିଶିଲା, ବୋଉ ନୁହେଁ ଯେମିତି ହାତ ଯୋଡ଼ି ଲୁହ ଲୁହ ହୋଇ ନନା ହିଁ କରୁଥିଲେ ପଦ୍ମବେଶ ଦର୍ଶନ। ମୁଁ ଆଖି ବନ୍ଦକଲି। ବୋଉର ଖୁସି କହିଲେ ନସରେ। 'ଆଲୋ ପଦ୍ମବେଶ ହୋଇଛନ୍ତି ବନମାଳୀ। କେଡେ ସୁନ୍ଦରିଆ ଦିଶୁଛନ୍ତି। ମାନ ଯେମିତି ଏଇଲେ ଉଠି ସାଥିରେ ବସି କଥାଭାଷା ହେବେ।' ଏମିତି ହିଁ ନନା କୁହନ୍ତି। ପେଟ ଓ ଛାତି ଥରେଇ ଲୁହ ସହ ଦୀର୍ଘନିଃଶ୍ୱାସ ହୋଇ ବାହାରି ଆସିଲା ଯେଉଁ ଭାବାବେଗ , ତାର ନାଁ କୃତଜ୍ଞତା ହିଁ ଦେଇହେବ। ଜଗତର ନାଥ ଇଚ୍ଛାମୟ କାଳିଆ ସାଆନ୍ତଙ୍କ ଇଚ୍ଛା ପାଇଁ କୃତଜ୍ଞତାବୋଧ।

ବାହାରକୁ ବାହାରି ମାଆ ଝିଅ ଦୁହେଁ ଠିଆହେଲୁ ଲକ୍ଷ୍ମୀ ମନ୍ଦିର ସାମ୍ନାରେ। ବୋଉ ଆଉଁସି ପକେଇଲା ମୋ' ମୁହଁ। ତା' ଆଖିରେ ମୋ ପାଇଁ ଅଳ୍ପ ସହାନୁଭୂତି ସହ ଗୋଟେ ଅଦ୍ଭୁତ ପୂରିଲାପଣ ଦେଖିପାରୁଥିଲି। ମୁଁ ଯେ ଦେଖିପାରିଲିନି ଭାବି ସେ କହିଲା, 'ତୁ ତ ପାଖଲୋକ ଯେତେବେଳେ ମାନେ ସେତେବେଳେ ଦର୍ଶନ କରିବାକୁ ପଳେଇ ଆସିପାରିବୁ। ମନଦୁଃଖ କରନା।' ମୁଁ ହସିଲି। ପଦ୍ମବେଶର ବର୍ଣ୍ଣବିଭା କିଛି ସମୟ ତଳର ଶୋକାଚ୍ଛନ୍ନ ଅବସ୍ଥାକୁ ସମ୍ପୂର୍ଣ୍ଣ ପୋଛି ପକେଇଥିଲା।

**ଅଧ୍ୟକ୍ଷା, ସେଣ୍ଟ ଜାଭିଅର କିଡ୍ସ, ବାଲିପୁଟ, ପୁରୀ**
**ମୋ-୭୯୭୮୫୭୯୩୯୯**

## ଗ୍ରନ୍ଥ ପରିଚୟ




# ଛାତି ତଳ ଗୀତି

**ଲେଖକ-ପ୍ରଦ୍ୟୁମ୍ନ ପଟ୍ଟନାୟକ**
**ପ୍ରକାଶକ-ବନଫୁଲ, ଭୁବନେଶ୍ୱର**
**ମୂଲ୍ୟ-୧୭୫/-**

କବିତା ଠିକ ନିଜ ମନ ତଳ କଥାର ପ୍ରତିଫଳନ ହେଲା ପରି ମାନବୀୟ ଚେତନାର ଅନେକ କଥା କହିପାରେ। କେବେ କେବେ ପ୍ରେମ, ଲୁହ, ପ୍ରତାରଣା, ହସ, କାନ୍ଦ ଫେଣ୍ଟାଫେଣ୍ଟି ହୋଇ ସାର୍ଥକ ଜୀବନଟିଏ ଗଢ଼ିତୋଳେ ତ କେବେ ନିରାଶାରେ ଚୋରାବାଲି ହୋଇ ପାଦତଳର ଆସ୍ଥାନ ବି ଖସେଇ ଦିଏ। ଛାତିତଳେ ଅନେକ କଥା ଲୁଚି ରହିଥାଏ। କେବେ କୋହ ହୋଇ ତ କେବେ ଲୁହ ହୋଇ ବହିଯାଇଥାଏ। ସେମିତି ଅନେକ ଭାବାବେଗର କବିତାକୁ ନେଇ ଲେଖକ ଅନେକ କବିତାକୁ ଯେଭଳି ଭାବରେ ଉତ୍ତରଣ କରିଛନ୍ତି, ସବୁଗୁଡ଼ିକ ଭାବରେ ଛଳଛଳ। ମାଘମାସ ହେବ ଅନ୍ତ, ମୋ ମନ ଚକ୍ଷୁରେ, ବିଜନ ବେଳାରେ, ହଜିଗଲା କାନଫୁଲ, ଜୀବନ ଆକାଶେ, ଖୋଜୁଥିଲି ମନେ ମନେ, ତୁମ ଗାଁ ଆକାଶେ, ଘନ କାଳେ ମନ, ଦ୍ୱିତୀୟା ଜହ୍ନ, ଏ ଜୀବନେ ତୁମେ, ପରିଚୟ ଯେତେ, କହିଥିଲା ଈଶାରାରେ, ଚାଲିଯିବା ପ୍ରିୟା ଥରେ, ସତରେ ନହେଲେ, ନୀଳନୀଳ ଶାଢ଼ି, ଝରା ଶେଫାଳୀର, ଶୀତୁଆ ସଞ୍ଜ, ପ୍ରଥମ ଦେଖାରେ, ଭାବିଥିଲି ଦିନେ, ବାନ୍ଧିଥିଲି ବସା, ଦୁନିଆର କେବେ, ଆଖିରେ ତୁମର, ଯେଉଁ ପ୍ରେମ ଲାଗି, ମୁଁ ହେଲେ ମଳୟ ଭଳି କବିତାଗୁଡ଼ିକ ମନଗହନରେ ବସା ବାନ୍ଧିବା ଭଳି ମାର୍ମିକ ପ୍ରତିବେଦନ। ସଂକଳନରେ ୯୩ଟି କବିତା ସ୍ଥାନିତ ହୋଇଥିବାବେଳେ ଏହା ନିଶ୍ଚୟ ପାଠକୀୟ ଆସ୍ୱାଦନ ଲାଭ କରିବ।

## ଜିମ୍ବାୱେ ବିପକ୍ଷ ସିରିଜ୍ ଜିତିଲା ଭାରତ

# ଟି-୨୦ ୱାର୍ଲ୍ଡ କପ୍ ପରେ ପ୍ରଥମ ସିରିଜ୍ ବିଜୟ



**ହରାରେ (ଜିମ୍ବାୱେ), ୨୫।୭/ଏଜେନ୍ସି:** ଟି-୨୦ ୱାର୍ଲ୍ଡ କପ୍ ୨୦୨୬ ପରେ ଭାରତ ନିଜର ପ୍ରଥମ ଟି-୨୦ ସିରିଜ୍ ଜିତିବାରେ ସଫଳ ହୋଇଛି। ହରାରେ ଠାରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ଜିମ୍ବାୱେକୁ ୯୦ ରନ୍‌ରେ ପରାସ୍ତ କରି ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨-୦ରେ ଅଗ୍ରଣୀ ହାସଲ କରିଛି। ଭାରତ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ୍ ହରାଇ ୨୧୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଜିମ୍ବାୱେ ଦଳ ୧୨୯ ରନ୍‌ରେ ହିଁ ଅଲଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ଇଶାନ୍ କିଶନ୍ ୪୪ ବଲ୍‌ରୁ ୮୧ ରନ୍‌ର ବିସ୍ଫୋରକ ପାରି ଖେଳିଥିଲେ। ତିଲକ ବର୍ମା ଅପରାଜିତ ୬୦ ରନ୍ କରିଥିଲେ। ବୋଲିଂରେ ଅଭିଷେକ ଶର୍ମା ୩ଟି ୱିକେଟ୍ ନେଇଥିବା ବେଳେ ପ୍ରିନ୍ସ ଯାଦବ ଏବଂ ଯଶ ଠାକୁର ୨ଟି ଲେଖାଏଁ ୱିକେଟ୍ ପାଇଥିଲେ।

ଭାରତର ଆରମ୍ଭ ଭଲ ରହିନଥିଲା। ଅଭିଷେକ ଶର୍ମା ୮ ରନ୍ ଏବଂ ବୈଭବ ସୂର୍ଯ୍ୟବଂଶୀ ୨୦ ରନ୍ କରି ଆଉଟ୍ ହୋଇଥିଲେ। ଏହା ପରେ ଇଶାନ୍ କିଶନ୍ ଏବଂ ଅଧିନାୟକ ଶ୍ରେୟସ ଆୟର (୨୫) ତୃତୀୟ ୱିକେଟ୍ ପାଇଁ ୬୬ ରନ୍ ଯୋଡ଼ିଥିଲେ। ଶ୍ରେୟସ ଆଉଟ୍ ହେବା ପରେ ଇଶାନ୍ ଏବଂ ତିଲକ ବର୍ମା ଚତୁର୍ଥ ୱିକେଟ୍ ପାଇଁ ୯୪ ରନ୍‌ର ଭାଗିଦାରୀ କରି ଭାରତର ସ୍କୋରକୁ ୨୧୯ ରନ୍‌ରେ ପହଞ୍ଚାଇଥିଲେ। ଅନ୍ୟପକ୍ଷେ ୨୨୦ ରନ୍‌ର ପିଛା କରିବାକୁ ଓହ୍ଲାଇଥିବା ଜିମ୍ବାୱେର କୌଣସି ବି ବ୍ୟାଟର ବଡ଼ ପାରି ଖେଳିପାରିନଥିଲେ। ଯଶ ଠାକୁର, ବ୍ରାଏନ୍ ବେନେଟ୍ (୩୨)ଙ୍କୁ ଆଉଟ୍ କରି ଟି-୨୦ ଇଣ୍ଟରନ୍ୟାସନାଲ୍‌ରେ ନିଜର ପ୍ରଥମ ୱିକେଟ୍ ହାସଲ କରିଥିଲେ। ପ୍ରିନ୍ସ ଯାଦବ, ବେନ୍ କରନ୍ ଏବଂ ଅଧିନାୟକ ସିକନ୍ଦର ରଜାଙ୍କୁ ପେଭିଲିୟନ୍ ପଠାଇଥିଲେ। ଜିମ୍ବାୱେ ଦଳ ୧୭.୫ ଓଭରରେ ୧୨୯ ରନ୍ କରି ଅଲଆଉଟ୍ ହୋଇଯାଇଥିଲା।

**୯୦ ରନ୍‌ରେ ହାରିଲା ଘରୋଇ ଦଳ, ୨-୦ରେ ଅଗ୍ରଣୀ ଶ୍ରେୟସ ବାହିନୀ**

**ଇଶାନ୍-ତିଳକଙ୍କ ଅର୍ଦ୍ଧଶତକ ପରେ ଅଭିଷେକଙ୍କୁ ୩ ୱିକେଟ୍**

ଆସନ୍ତା କାଲି ତୃତୀୟ ଟି-୨୦ ଉଭୟ ଦଳ ମଧ୍ୟରେ ଖେଳାଯିବ। ହରାରେ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଏବେ କେବଳ ଏକ ଔପଚାରିକତା ହୋଇ ରହିଯାଇଥିବା ବେଳେ ଭାରତ ଏହାକୁ ଜିତି ୩-୦ରେ ସିରିଜ୍ କବ୍‌ଜା କରିବାକୁ ଚାହିଁବ। ଅନ୍ୟପକ୍ଷେ ଜିମ୍ବାୱେ ନିଜ ସମ୍ମାନ ବଞ୍ଚାଇବା ଉଦ୍ଦେଶ୍ୟରେ ଭିନ୍ନ ରଣନୀତି ସହକାରେ ପଡ଼ିଆକୁ ଓହ୍ଲାଇବ ବୋଲି ଅନୁମାନ କରାଯାଉଛି।

## କମନ୍‌ୱେଲଥ୍ ଗେମ୍ସ ୨୦୨୬: ଭାରତକୁ ପ୍ରଥମ ପଦକ

# ପାରା ପାୱାରଲିଫ୍ଟିଂରେ ଝଣ୍ଟୁ କୁମାରଙ୍କୁ ବ୍ରୋଞ୍ଜ୍

**ଗ୍ଲାସଗୋ, ନୂଆଦିଲ୍ଲୀ, ୨୫।୭/ଏଜେନ୍ସି:** ଗ୍ଲାସ୍‌ଗୋ କମନୱେଲଥ ଗେମ୍ସ (ରାଜ୍ୟଗୋଷ୍ଠୀ କ୍ରୀଡା)ରେ ଭାରତ ପ୍ରଥମ ପଦକ ହାସଲ କରିଛି। ବିହାରର ପାରା ପାୱାରଲିଫ୍ଟର ଝଣ୍ଟୁ କୁମାର ପୁରୁଷ ହେଭିୱେଟ୍ ବର୍ଗରେ ତୃତୀୟ ସ୍ଥାନରେ ରହିବା ସହ ବ୍ରୋଞ୍ଜ ପଦକ ନିଜ ନାମରେ କରିଛନ୍ତି। ସେ ୧୯୦ କିଲୋଗ୍ରାମର ବେଷ୍ଟ ଲିଫ୍ଟ ସହିତ ୧୩୦.୯ ପଏଣ୍ଟ ହାସଲ କରିଛନ୍ତି। ତେବେ ନାଇଜେରିଆର ରାଇଲୱାନ୍ ଇଦ୍ରିସ୍ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଇଂଲଣ୍ଡର ମାଥ୍ୟୁ ହାର୍ଡି ରୌପ୍ୟ ପଦକ ଜିତିଛନ୍ତି। ୨୮ ବର୍ଷୀୟ ଝଣ୍ଟୁ କୁମାର ଗ୍ରୁପ୍-ବି' ରୁ ଖେଳି ପ୍ରଥମ ପ୍ରୟାସରେ ୧୮୧ କିଲୋଗ୍ରାମ ଏବଂ ଦ୍ୱିତୀୟ ପ୍ରୟାସରେ ୧୯୦ କିଲୋଗ୍ରାମ ଓଜନ ଉଠାଇଥିଲେ। ଏଥିରୁ ତାଙ୍କୁ ୧୩୦.୯ ପଏଣ୍ଟ ମିଳିଥିଲା। ତୃତୀୟ ପ୍ରୟାସରେ ସେ ୧୯୬ କିଲୋଗ୍ରାମ ଉଠାଇ ବର୍ମିଂହାମ୍ ୨୦୨୨ ଗେମ୍ସରେ ହୋଇଥିବା ରେକର୍ଡ ଭାଙ୍ଗିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସଫଳ ହୋଇପାରିନଥିଲେ। ଏହା ସତ୍ତ୍ୱେ ତାଙ୍କର ସ୍କୋର ବ୍ରୋଞ୍ଜ ପଦକ ପାଇଁ ଯଥେଷ୍ଟ ଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝଣ୍ଟୁ କୁମାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୋଦୀ ଏକ୍ସ'ରେ ଲେଖିଛନ୍ତି, 'ଝଣ୍ଟୁ କୁମାରଙ୍କ ଦ୍ୱାରା ଚମତ୍କାର ପ୍ରଦର୍ଶନ। ସେ କମନୱେଲଥ ଗେମ୍ସ ୨୦୨୬ର ପୁରୁଷ ହେଭିୱେଟ୍ ପାରା ପାୱାରଲିଫ୍ଟିଂ ସ୍ପର୍ଦ୍ଧାରେ ବ୍ରୋଞ୍ଜ ପଦକ ଜିତି ଭାରତର ପଦକ ଖାତା ଖୋଲିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ଅନେକ ଅନେକ ଶୁଭେଚ୍ଛା। ତାଙ୍କର ଏହି ସଫଳତା ଅଦ୍ଭୁତ ଶକ୍ତି, ଅଟଳ ସଂକଳ୍ପ ଏବଂ ବର୍ଷ ବର୍ଷର ଅନୁଶାସିତ ପରିଶ୍ରମର ପ୍ରମାଣ। ପ୍ରତ୍ୟେକ ଆହ୍ୱାନର ସାମ୍ନା କରି ଆନ୍ତର୍ଜାତୀୟ ମଞ୍ଚରେ ଉତ୍କୃଷ୍ଟ ପ୍ରଦର୍ଶନ କରି ସେ ସମଗ୍ର ଦେଶକୁ ଗୌରବାନ୍ୱିତ କରିଛନ୍ତି ଏବଂ ଅଗଣିତ ଭାରତୀୟଙ୍କୁ ପ୍ରେରଣା ଦେଇଛନ୍ତି।'

**ପ୍ରଧାନମନ୍ତ୍ରୀ ଜଣାଇଲେ ଶୁଭେଚ୍ଛା, ବିହାରରେ ଉତ୍ସବର ମାହୋଲ**



ବିହାରର ନାଲନ୍ଦା ଜିଲ୍ଲା ହରନୌତ ନିବାସୀ ଝଣ୍ଟୁ କୁମାର ପିଲାଦିନରୁ ପୋଲିଓ ଦ୍ୱାରା ପ୍ରଭାବିତ ଥିଲେ। ପରିବାରକୁ ସାହାଯ୍ୟ କରିବା ପାଇଁ ସେ ରାସ୍ତାକଡ଼ରେ ବାପାଙ୍କ ସହ ଆଳୁ-ପିଆଜ ବିକ୍ରି କରୁଥିଲେ ଏବଂ କୋଭିଡ୍ ସମୟରେ ଇ-ରିକ୍ସା ଚଲାଇ ଗୁଜୁରାଣ ମେଣ୍ଟାଉଥିଲେ। ଏବେ ଏହି ଦିବ୍ୟାଙ୍ଗ ଖେଳାଳିଜଣକ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅଥାତ୍ କମନୱେଲଥ ଗେମ୍ସରେ ଭାରତ ପାଇଁ ପଦକ ଜିତିଛନ୍ତି। ତାଙ୍କ ସମ୍ପର୍କୀୟ ତଥା ପରିବାର ଲୋକେ କହନ୍ତି ଯେ ୨୦୨୩ରେ ନ୍ୟାସନାଲ ଚାମ୍ପିଅନସିପରେ ଭାଗ ନେବା ପାଇଁ ଝଣ୍ଟୁ ନିଜର ଇ-ରିକ୍ସା ମଧ୍ୟ ବିକ୍ରି କରିଦେଇଥିଲେ। ପ୍ରଥମ ଥରରେ ସେ କୌଣସି ସଫଳ ଲିଫ୍ଟ କରିପାରିନଥିଲେ, କିନ୍ତୁ ତାଙ୍କ ପ୍ରତିଭା ଉପରେ ପାରାଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜେତା ରାଜିନ୍ଦର ସିଂହ ରାହେଲୁଙ୍କ ନଜର ପଡ଼ିଥିଲା। ଏହା ପରେ ତାଙ୍କୁ ସାଇ (ସ୍ପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆ)ର ପ୍ରଶିକ୍ଷଣ କେନ୍ଦ୍ର ସେଣ୍ଟରରେ ଟ୍ରେନିଂ ମିଳିଲା ଏବଂ କ୍ୟାରିୟର ନୂଆ ଉଚ୍ଚତା ଛୁଇଁଲା। ପ୍ରଥମରୁ ମିଳିଥିବା ନିରାଶାରେ ଝଣ୍ଟୁ ଭାଙ୍ଗିପଡ଼ିନଥିଲେ ବରଂ ପରାଜୟକୁ ନିଜ ଶକ୍ତି କରି ଆଗକୁ ବଢ଼ିଥିଲେ। ୨୦୧୭ରେ ପାରା ଆଥଲେଟିକ୍ସରୁ କ୍ୟାରିୟର ଆରମ୍ଭ କରିଥିବା ଝଣ୍ଟୁ ପରେ ପାୱାରଲିଫ୍ଟିଂକୁ ବାଛିଥିଲେ। ସେ ଜାତୀୟ ରେକର୍ଡ ସୃଷ୍ଟି କରିବା ସହ ୱାର୍ଲ୍ଡ କପ୍ ଏବଂ ଏସିଆନ୍-ଓସେନିଆ ଚାମ୍ପିୟନସିପରେ ବ୍ରୋଞ୍ଜ ଜିତିସାରିଛନ୍ତି। ତେବେ ଗ୍ଲାସଗୋରେ ପୁଅ ଝଣ୍ଟୁ କୁମାରଙ୍କୁ ମିଳିଥିବା ସଫଳତା ଉପରେ ପ୍ରତିକ୍ରିୟା ଦେଇ ବାପା-ମା ତଥା ପୁରା ପରିବାର, ପୁରା ଗ୍ରାମ ଏବେ ଉତ୍ସାହିତ ହୋଇପଡିଛନ୍ତି। ପୁରା ବିହାରରେ ଏବେ ଖୁସିର ମାହୋଲ ଦେଖିବାକୁ ମିଳିଛି।

## ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍

# ୨୮ରେ ହୋଇପାରେ ଟିମ୍ ଇଣ୍ଡିଆ ଘୋଷଣା

**ନୂଆଦିଲ୍ଲୀ, ୨୫।୭/ଏଜେନ୍ସି:** ଶ୍ରୀଲଙ୍କା ବିପକ୍ଷରେ ଅଗଷ୍ଟ ୧୫ରୁ ଆରମ୍ଭ ହେବାକୁ ଥିବା ଦୁଇଟି ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ସିରିଜ୍ ପାଇଁ ମଙ୍ଗଳବାର ସୁଦ୍ଧା ଭାରତୀୟ ଦଳ ଘୋଷଣା ହୋଇପାରେ। ବିସିସିଆଇ ସମ୍ପାଦକ ଦେବଜୀତ୍ ସାଇକିଆଙ୍କ ସୂଚନା ଅନୁସାରେ, ସିଲେକ୍ସନ୍ କମିଟି ଏକ ଭର୍ଚୁଆଲ୍ ମିଟିଂରେ ଶୁଭମନ୍ ଗିଲ୍‌ଙ୍କ ଅଧିନାୟକତ୍ୱରେ ଖେଳିବାକୁ ଥିବା ଟିମ୍ ଚୟନ କରିବ।

ଏହି ସିରିଜ୍ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନ୍‌ଶିପ୍ (ଡବ୍ଲ୍ୟୁଟିସି) ୨୦୨୫-୨୭ର ଏକ ଅଂଶ। ପ୍ରଥମ ଟେଷ୍ଟ ଅଗଷ୍ଟ ୧୫ରୁ ଗଲ୍‌ରେ ଏବଂ ଦ୍ୱିତୀୟ ଟେଷ୍ଟ ଅଗଷ୍ଟ ୨୩ରୁ କଲମ୍ବୋରେ ଖେଳାଯିବ। ଏଥିପାଇଁ ଭାରତୀୟ ଟିମ୍ କଲମ୍ବୋରେ ଏକ ୪-ଦିବସୀୟ ୱାର୍ମ-ଅପ୍ (ଅଭ୍ୟାସ) ମ୍ୟାଚ୍ ମଧ୍ୟ ଖେଳିବ।



ଶ୍ରୀଲଙ୍କା ଗସ୍ତ ସହ କୋଚ୍ ଗୌତମ ଗମ୍ଭୀରଙ୍କ ସପୋର୍ଟ ଷ୍ଟାଫ୍ (ଯେପରିକି ଆସିଷ୍ଟାଣ୍ଟ କୋଚ୍ ରାଇନ୍ ଟେନ୍ ଡୋସ୍କାଟେ ଏବଂ ଫିଲ୍ଡିଂ କୋଚ୍ ଟି. ଦିଲୀପ)ଙ୍କ ଚୁକ୍ତି ସମାପ୍ତ ହେଉଥିବାରୁ ବିସିସିଆଇ ଅଗଷ୍ଟ ପ୍ରଥମ ସପ୍ତାହରେ ସେମାନଙ୍କ କାର୍ଯ୍ୟକାଳ ସମୀକ୍ଷା କରି ନିଷ୍ପତ୍ତି ନେବ। ତେବେ ଏହି ଟେଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳର ଅଗ୍ରଣୀ ପେସର ଜସପ୍ରୀତ ବୁମ୍ରା ଏବଂ ଅଲରାଉଣ୍ଡର ରବୀନ୍ଦ୍ର ଜଡେଜା ଦଳକୁ ଫେରିବା ପ୍ରାୟ ନିଶ୍ଚିତ। ହାମଷ୍ଟ୍ରିଙ୍ଗ ଆଘାତ ଯୋଗୁଁ ୱାଶିଂଟନ୍ ସୁନ୍ଦର ସିରିଜରୁ ବାଦ୍ ପଡ଼ିପାରନ୍ତି। ସେ ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସ ରେ ଏବେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ଥାନରେ ହର୍ଷ ଦୁବେ, ମାନବ ସୁତାର କିମ୍ବା ଅଫ୍-ସ୍ପିନର ସାରାଂଶ ଜୈନଙ୍କୁ ସୁଯୋଗ ମିଳିପାରେ। ରିପୋର୍ଟ ଅନୁସାରେ ଶ୍ରୀଲଙ୍କା ପିଚ୍‌ଗୁଡ଼ିକ ସ୍ପିନରଙ୍କ ପାଇଁ ଅନୁକୂଳ ହୋଇଥିବାରୁ କୁଲଦୀପ ଯାଦବ ଏବଂ ରବୀନ୍ଦ୍ର ଜଡେଜା ମୁଖ୍ୟ ଭୂମିକା ଗ୍ରହଣ କରିବେ।


ପ୍ରଥମ ଟେଷ୍ଟ ଅଗଷ୍ଟ ୧୫ରୁ ୧୯ ଯାଏ (ଗଲ୍ ଅନ୍ତର୍ଜାତୀୟ ଷ୍ଟାଡିୟମ୍)ରେ ଖେଳାଯିବ। ସେହିପରି ଦ୍ୱିତୀୟ ଟେଷ୍ଟ ଅଗଷ୍ଟ ୨୩ରୁ – ୨୭ ଯାଏ (ଏସ୍‌ଏସ୍‌ସି, କଲମ୍ବୋ)ରେ ଖେଳାଯିବ। ଭାରତୀୟ ଦଳ ଅଗଷ୍ଟ ୪ ଆଡ଼କୁ ଶ୍ରୀଲଙ୍କା ଅଭିମୁଖେ ବାହାରିବ ଏବଂ ପ୍ରଥମ ଟେଷ୍ଟ ପୂର୍ବରୁ କଲମ୍ବୋରେ ଏକ ୪-ଦିବସୀୟ ପ୍ରସ୍ତୁତି (ୱାର୍ମ-ଅପ୍) ମ୍ୟାଚ୍ ଖେଳିବ। ପ୍ରକାଶ, ବର୍ତ୍ତମାନ ଡବ୍ଲ୍ୟୁଟିସି ରାଙ୍କିଂରେ ଭାରତ ୫ମ ସ୍ଥାନରେ ଏବଂ ଶ୍ରୀଲଙ୍କା ୬ଷ୍ଠ ସ୍ଥାନରେ ରହିଛନ୍ତି।

## ଦେଶ ବିଦେଶ

## ବାଲିଷ୍ଟିକ୍ ମିସାଇଲ୍ ମାଡ଼କଲା ପ୍ରତିଶୋଧପରାୟଣ ହୁତି ଗୋଷ୍ଠୀ

# ଆରାମ୍‌କୋ ରିଫାଇନାରୀ ଭସ୍ମୀଭୂତ

**ତେହରାନ୍, ରିୟାଦ୍, ୨୫।୭/ଏଜେନ୍ସି:** ଗୋଟିଏ ପଟେ ଆମେରିକା-ଇରାନ୍ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିବା ବେଳେ ଅନ୍ୟପକ୍ଷେ ହୁତି ବିଦ୍ରୋହୀମାନେ ଶନିବାର ସାଉଦିଆରବର ଜାଜାନ୍ ଠାରେ ଥିବା ସାଉଦି ଆରାମ୍‌କୋ ରିଫାଇନାରୀ ଉପରେ ୩ଟି ବାଲିଷ୍ଟିକ୍ ମିସାଇଲ୍ ମାଡ଼ କରିଛନ୍ତି। ଜାଜାନ୍ ରିଫାଇନାରୀକୁ ସାଉଦି ଆରବର ପଞ୍ଚମ ବୃହତ୍ତମ ତୈଳ ରିଫାଇନାରୀ ବୋଲି ବିବେଚନା କରାଯାଇଆସୁଥିବା ବେଳେ ଏହା ଜଳୁଥିବାର ଫଟୋ ତଥା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ହୁତୀ ଗୋଷ୍ଠୀ ଦାବି କରିଛି ଯେ, ଆମେରିକାକୁ ସହାୟତା କରୁଥିବା କାରଣରୁ ତଥା ନିକଟରେ ୟେମେନ୍‌ରେ ହୁତି ଗୋଷ୍ଠୀଙ୍କ ଉପରେ ସାଉଦିଆରବ୍ ଏୟାରଷ୍ଟ୍ରାଇକ୍ କରିବାରୁ ଆଜି ଏହି ଆକ୍ରମଣ କରାଯାଇଛି। ଆକ୍ରମଣର ଜବାବ ଭାବେ ସେମାନେ ସାଉଦିର ଏନର୍ଜି ଇନ୍‌ଫ୍ରାଷ୍ଟ୍ରକ୍‌ଚର (ଶକ୍ତି ଭିତ୍ତିଭୂମି)କୁ ଟାର୍ଗେଟ୍ କରିଥିବା ଦାବି କରିଛନ୍ତି। ଦୈନିକ ପ୍ରାୟ ୪ ଲକ୍ଷ ବ୍ୟାରେଲ୍ ଅଶୋଧିତ ତୈଳ (କ୍ରୁଡ୍ ଅଏଲ୍) ପ୍ରୋସେସ୍ କରିବାର କ୍ଷମତା ଜାଜାନ୍ ରିଫାଇନାରୀର ରହିଛି। ଏହା ଲୋହିତ ସାଗରକୂଳରେ ଅବସ୍ଥିତ ହୋଇଥିବାରୁ ସାଉଦି ଆରବର ଶକ୍ତି ଏବଂ ତୈଳ ରପ୍ତାନି ନେଟୱାର୍କର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିଆସିଛି। ତେବେ ବର୍ତ୍ତମାନ ସୁଦ୍ଧା ସାଉଦି ସରକାର କିମ୍ବା ଅରାମକୋ ପକ୍ଷରୁ ରିଫାଇନାରୀରେ ସିଧାସଳଖ ମିସାଇଲ୍ ବାଜିବା କିମ୍ବା କୌଣସି ବଡ଼ ଧରଣର କ୍ଷତି ନେଇ ଆନୁଷ୍ଠାନିକ ପୁଷ୍ଟି କରାଯାଇନାହିଁ। କିନ୍ତୁ ଯାନବୁ ଏବଂ ଜାଜାନ୍ ବିମାନବନ୍ଦରରେ ବିମାନ ଚଳାଚଳ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି। ଅଲ୍ ଜଜିରା ରିପୋର୍ଟ ଅନୁସାରେ, ହୋଦେଦାରେ ସାମରିକ ଘାଟିଗୁଡ଼ିକ ଉପରେ ଆକ୍ରମଣ ପରେ ହୁତି ବିଦ୍ରୋହୀମାନେ ଚେତାବନୀ ଦେଇଥିଲେ ଯେ ଯଦି ସାଉଦିଆରବ ସେମାନଙ୍କ ନିୟନ୍ତ୍ରଣରେ ଥିବା ଅଞ୍ଚଳରେ ଆକ୍ରମଣ କରେ, ତେବେ ସେମାନେ ଏହାର ଜବାବ ଦେବେ। ହୁତି ଗୋଷ୍ଠୀ କହିଥିଲା ଯେ ସେମାନେ ଲୋହିତ ସାଗରରେ ତୈଳ ଟ୍ୟାଙ୍କର ଏବଂ ବାଣିଜ୍ୟିକ ଜାହାଜ ବ୍ୟତୀତ ସାଉଦି ଆରାମକୋର ତୈଳ ସୁବିଧାକେନ୍ଦ୍ର, ବିମାନବନ୍ଦର, ଏୟାରବେସ୍ ଏବଂ ତୈଳ ପାଇପଲାଇନ୍‌ଗୁଡ଼ିକୁ ଟାର୍ଗେଟ୍ କରିବେ। ନିଜ କଥା ଅନୁସାରେ ଏବେ ହୁତି ସମାନ ଆକ୍ରମଣ କରିଛି। ତେବେ ଏବେ ଯଦି ସାଉଦି ପୁନଃ ଆକ୍ରମଣ କରେ ତେବେ ହୁତି ଏହାର ରାଜଧାନୀ ରିୟାଦ୍ ଉପରେ ଆକ୍ରମଣ କରିବ ବୋଲି ଚେତାବନୀ ଦେଇଛି।






# ଆସାମରୁ ୩ ଆଇଏସ୍‌ଆଇ ସମର୍ଥିତ ଆତଙ୍କୀ ଗିରଫ

**ଗୁଆହାଟୀ, ୨୫।୭/ଏଜେନ୍ସି:** ଏକ ବଡ଼ ଆତଙ୍କବାଦ ନିରୋଧୀ ଅପରେସନ୍ କ୍ରମେ ଆସାମ ପୁଲିସ୍‌ର ସ୍ପେଶାଲ୍ ଟାସ୍କ ଫୋର୍ସ (ଏଟିଏସ୍) ଆଜି ଧୁବୁରୀ, ଚିରାଙ୍ଗ ଏବଂ ବାରପେଟା ଜିଲ୍ଲା ପୁଲିସ୍‌ର ସହଯୋଗରେ ପାକିସ୍ତାନ-ଭିତ୍ତିକ ଶେହଜାଦ୍ ଭଟ୍ଟି ନେଟୱାର୍କ (ଏସ୍‌ବିଏନ୍)ର ୩ ଜଣ ସନ୍ଦିଗ୍ଧ ସଦସ୍ୟଙ୍କୁ ଗିରଫ କରିଛି। ପ୍ରକାଶ ଏସ୍‌ବିଏନ୍ ହେଉଛି ପାକିସ୍ତାନ ଭିତ୍ତିକ ଏକ ଆଇଏସ୍‌ଆଇ ସମର୍ଥିତ ନେଟ୍‌ୱାର୍କ। ଏହା ଭାରତସାରା କ୍ୟାଡର୍ ନିଯୁକ୍ତି, କଟ୍ଟରପନ୍ଥୀକରଣ ସମ୍ଭାବ୍ୟ ଟାର୍ଗେଟ୍‌ର ରେକି, ଭାରତ-ବିରୋଧୀ ପ୍ରଚାର, ଲଜିଷ୍ଟିକ୍ ସପୋର୍ଟ, ଗୁପ୍ତଚରଗିରି, ଅବୈଧ ଅସ୍ତ୍ରଶସ୍ତ୍ର ଯୋଗାଣ, ସ୍ଲିପର୍ ସେଲ୍ ଗଠନ ଏବଂ ଆତଙ୍କବାଦୀ କାର୍ଯ୍ୟକଳାପରେ ସହଯୋଗ କରିବାରେ ଲିପ୍ତ ରହିଛି।

ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ଧୁବୁରୀ ଜିଲ୍ଲାର ବେପାରୀପାରାର ଅକ୍ରାମୁଲ୍ ଇସଲାମ୍ (୨୬), ଚିରାଙ୍ଗ ଜିଲ୍ଲାର ପାନବାରୀର ଅମିନୁର୍ ରହମାନ୍ (୨୨) ଏବଂ ବାରପେଟା ଜିଲ୍ଲାର ଦାବନ୍ଦିଆର ଅବଦୁଲ୍ ହୁସେନ୍ (୫୪)। ଗୁପ୍ତଚର ସୂଚନା ଆଧାରରେ ଜୁଲାଇ ୨୪ ତାରିଖରେ ଏହି ସମନ୍ୱିତ ଅପରେସନ୍ କରାଯାଇଥିଲା।

# ୟୁପି, ବିହାରରେ ହିଂସାତ୍ମକ ବିକ୍ଷୋଭ

## ପଥର ଫିଙ୍ଗିଲେ, ଗାଡ଼ି ଜାଳିଲେ; ଜବାବରେ ପୁଲିସ୍‌ର ଲାଠିଚାର୍ଜ

**ଲକ୍ଷ୍ନୌ, ପାଟନା, ୨୫।୭/ଏଜେନ୍ସି:** ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା ଏବଂ ଲାଠିଚାର୍ଜ ବିରୋଧରେ ସାରା ଦେଶରେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଶନିବାର ଦିନ ମଧ୍ୟ ଜାରି ରହିଥିଲା। ତେବେ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ପରେ ପରେ ଏହି ବିରୋଧ ପ୍ରଦର୍ଶନ ଉତ୍ସବରେ ପରିଣତ ହୋଇଥିଲା। କିନ୍ତୁ ଏହା ପୂର୍ବରୁ ହିଁ ଉତ୍ତରପ୍ରଦେଶ ଏବଂ ବିହାରର କେତେକ ପ୍ରାନ୍ତରେ ବଡ଼ ଧରଣର ହିଂସାକାଣ୍ଡ ସଂଘଠିତ ହୋଇଥିବା ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଆଜି ବିହାର ବନ୍ଦ ପାଳନ ସମୟରେ ପାଟନା ଏବଂ ସିୱାନ୍ ସହିତ ୮ଟି ଜିଲ୍ଲାରେ ଛାତ୍ରଛାତ୍ରୀମାନେ ପୁଲିସ୍ ଉପରକୁ ପଥରମାଡ଼ କରିଥିଲେ। ଫଳରେ ପୁଲିସ୍‌କୁ ଏଠାରେ ଲାଠିଚାର୍ଜ କରିବାକୁ ପଡ଼ିଛି। ଛାତ୍ର ସଂଗଠନ ଏଆଇଏସ୍‌ଏ ଏବଂ ରାଷ୍ଟ୍ରୀୟ ଯୁବ ଆନ୍ଦୋଳନର ବିହାର ବନ୍ଦ ଡାକରା ବେଶ୍ ପ୍ରଭାବଶାଳୀ ରହିଥିଲା। ଏହି ସମୟରେ ତେଜପ୍ରତାପ ଯାଦବ ମଧ୍ୟ ହାତରେ ତିରଙ୍ଗା ଧରି ଉଡ଼ାଉଥିବାର ଦେଖିବାକୁ ମିଳିଥିଲା। ସିୱାନ୍‌ରେ ପଥରମାଡ଼ ଯୋଗୁଁ ସିୱାନ ଏସ୍‌ପି ଆହତ ହୋଇଛନ୍ତି। ଏହାପରେ ପୁଲିସ୍ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ସହ ପ୍ରାୟ ୧୦ ରାଉଣ୍ଡ ଫାୟାରିଂ ମଧ୍ୟ କରିଥିବା ସୂଚନା ମିଳିଛି। ସେହିପରି ସୀତାମଢ଼ୀରେ ମଧ୍ୟ ପଥରମାଡ଼ ହୋଇଥିଲା, ଯେଉଁଥିରେ ଏଠିକାର ଜିଲ୍ଲା ଏସ୍‌ପିଙ୍କ ସମେତ ୧୨ ଜଣ ଆହତ ହୋଇଛନ୍ତି। ଏଠାରେ ଜଣେ ସ୍ଥାନୀୟ ବିଜେପି ନେତାଙ୍କ ଗାଡ଼ିକୁ ବିକ୍ଷୋଭକାରୀମାନେ ଜାଳିଦେଇଛନ୍ତି। ଅନ୍ୟପକ୍ଷେ ଉତ୍ତର ପ୍ରଦେଶର ପ୍ରୟାଗରାଜ, ଲକ୍ଷ୍ନୌ ଏବଂ ସହାରନପୁର ସମେତ କେତେକ ସହରରେ ପ୍ରଦର୍ଶନ ହୋଇଥିଲା। ପ୍ରୟାଗରାଜରେ ପ୍ରବଳ ବର୍ଷା ସତ୍ତ୍ୱେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ରାଜରାସ୍ତାକୁ ଓହ୍ଲାଇ ପ୍ରଦର୍ଶନ କରିଥିଲେ। ମଧ୍ୟପ୍ରଦେଶର ୨୦ଟି ସହରରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ ହୋଇଛି।



## 'ବିଶ୍ୱ ମାଙ୍ଗଲ୍ୟ ସଭା'ରେ ମୁହଁ ଖୋଲିଲେ ଆର୍‌ଏସ୍‌ଏସ୍ ମୁଖ୍ୟ

# ଧମକାଇବା ବଦଳରେ ଯୁବପିଢ଼ିଙ୍କ ସହ କଥା ହେବା ଉଚିତ୍

**ନୂଆଦିଲ୍ଲୀ, ୨୫।୭/ଏଜେନ୍ସି:** ଆର୍‌ଏସ୍‌ଏସ୍ (ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ)ର ମୁଖ୍ୟ ମୋହନ ଭାଗବତ ଶନିବାର ଏକ ବଡ଼ କଥା କହିଛନ୍ତି। ଶନିବାର ନୂଆଦିଲ୍ଲୀରେ ଆୟୋଜିତ 'ବିଶ୍ୱ ମାଙ୍ଗଲ୍ୟ ସଭା'ର ଏକ ସେମିନାରରେ ଯୋଗ ଦେବା ଅବସରରେ ସେ କହିଛନ୍ତି, 'ଆଜିର ନୂଆ ପିଢ଼ି ଅନେକ ପ୍ରଶ୍ନ ପଚାରୁଛନ୍ତି। ଆମେ ସେମାନଙ୍କୁ ଆଦେଶ ଦେବା ପରିବର୍ତ୍ତେ ସେମାନଙ୍କ ସହ କଥାବାର୍ତ୍ତା (ସଂବାଦ) କରିବା ଉଚିତ୍। ଆମେ ମନମୁଖୀ କାମ କରିବୁ, ବଳପ୍ରୟୋଗ କରି ସମସ୍ତଙ୍କ ମାଲିକ ହେବୁ, ଏହା ବର୍ତ୍ତମାନର ଯୁବପିଢ଼ି ପାଖରେ ସମ୍ଭବ ହୋଇପାରିବ ନାହିଁ। ଆମକୁ ସେମାନଙ୍କୁ ସାଙ୍ଗରେ ନେଇ ଆଗକୁ ବଢ଼ିବାରେ ହେବ। ସେମାନଙ୍କୁ ପ୍ରତ୍ୟେକ କଥା ପଛର ତର୍କ ବୁଝାଇବାକୁ ପଡ଼ିବ, ଆଦେଶ ଦେଲେ ଚଳିବ ନାହିଁ। ଆଲୋଚନା ମାଧ୍ୟମରେ ହିଁ ସେମାନଙ୍କୁ ସଠିକ୍ ଦିଗ ଦେଖାଯାଇପାରିବ। ବଳ ପ୍ରୟୋଗରେ ଆଜିର ଯୁବପିଢ଼ି ଭୟଭୀତ ହେବେନାହିଁ ବରଂ ଅଧିକ ଉତ୍ତେଜନାପ୍ରବଣ ହୋଇପଡ଼ିବେ।'

ଭାଗବତ କହିଛନ୍ତି, ପୂର୍ବରୁ ବାପା-ମା'ଙ୍କ କଥା ହିଁ ଶେଷ ନିଷ୍ପତ୍ତି ଥିଲା, ବାପା-ମା'ଙ୍କ କଥାକୁ ବିନା କୌଣସି ପ୍ରଶ୍ନରେ ସସମ୍ମାନରେ ସ୍ୱୀକାର କରିବାକୁ ହେଉଥିଲା। କୌଣସି ଯୁକ୍ତିତର୍କ ହେଉନଥିଲା, କେବଳ ଶ୍ରଦ୍ଧା ଥିଲା ଏବଂ କୌଣସି ପ୍ରତିକ୍ରିୟା ମଧ୍ୟ ନଥିଲା। କିନ୍ତୁ ଆଜି ସେସବୁ ସମ୍ଭବ ନୁହେଁ। ସମୟ ବଦଳିଯାଇଛି। ନୂଆ ପିଢ଼ି ପ୍ରଶ୍ନ ପଚାରୁଛନ୍ତି ଏବଂ ସେମାନଙ୍କୁ ପ୍ରତ୍ୟେକ କଥାର ତର୍କ ବୁଝାଇବାକୁ ପଡୁଛି। ନୂଆ ପିଢ଼ିକୁ ଆପଣାପଣ ଦେବାର ଆବଶ୍ୟକତା ରହିଛି, ସେମାନଙ୍କୁ ସମୟ ଦେବା ଆବଶ୍ୟକ ଏବଂ ସବୁଠାରୁ ଅଧିକ ଆଲୋଚନା ବା ସଂବାଦର ଆବଶ୍ୟକତା ରହିଛି। ପରିବାର ଏବଂ ସମାଜକୁ ଯୁବପିଢ଼ିଙ୍କ ସହ ସମୟ ବିତାଇବାକୁ ପଡ଼ିବ ଏବଂ ସେମାନଙ୍କ କଥା ମଧ୍ୟ ଶୁଣିବାକୁ ପଡ଼ିବ। ଆଜିର ସମୟ ମୋବାଇଲ, ଇଣ୍ଟରନେଟ୍, ସୋସିଆଲ ମିଡିଆ ଦ୍ୱାରା ପ୍ରଭାବିତ। ଆଜିର ଯୁବପିଢ଼ି ମଧ୍ୟ ଏହାଦ୍ୱାରା ସହଜରେ ପ୍ରଭାବିତ ହେଉଛନ୍ତି। କିନ୍ତୁ ସେମାନଙ୍କ ସହ ଆପୋଷ ଆଲୋଚନା ମାଧ୍ୟମରେ ସେମାନଙ୍କୁ ବାସ୍ତବିକତା ସମ୍ପର୍କରେ ଅବଗତ କରାଇବାକୁ ହେବ, ବୁଝାଇବାକୁ ହେବ। ମୋହନ୍ ଭାଗବତଙ୍କ ଏପ୍ରକାର ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ କି, ଗତ ମାସାଧିକ କାଳ ଦେଶରେ ନିଟ୍ ପରୀକ୍ଷାରେ ଅନିୟମିତତାକୁ ନେଇ ବ୍ୟାପକ ପ୍ରଦର୍ଶନ ଜାରି ରହିଛି। ଏପରିକି ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ଜନ୍ତରମନ୍ତରରେ ଛାତ୍ର ଆନ୍ଦୋଳନ ଆୟୋଜନ କରାଯିବା, ସଂସଦ ମାର୍ଚ୍ଚ ଆୟୋଜନ କରାଯିବା ଘଟଣା ମଧ୍ୟରେ ପୁଲିସ୍‌ର ଅମାନବୀୟ ଲାଠିଚାର୍ଜ ମଧ୍ୟ ଦେଖିବାକୁ ମିଳିଛି। ସୁତରାଂ ଭାଗବତ୍‌ଙ୍କ ଆଜିର ଏହି ବୟାନ୍‌କୁ ଉଭୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ପରାମର୍ଶ ଭାବେ ଦେଖାଯାଉଛି।



Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra